# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 42 ଭାଗ ୩୪ | ସଂଖ୍ୟା ୪୨ | Monday 4 May 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୪ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





କାଉଣ୍ଟିଂ ଅଧିକାରୀ ସୂଚନା ଲିକ୍ କରୁଛନ୍ତି ପୃଷ୍ଠା ୫


### ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ବୟନ ଓ ପୋଷାକ ଶିଳ୍ପ

# କୋଲକାତା, ହାଇଦ୍ରାବାଦ ପରେ ଅହମ୍ମଦାବାଦ

**ପୂର୍ବ ଭାରତର ସୁରଟ ଓ ତିରୁପୁର ହେବ ଓଡ଼ିଶା**

**ଟେକ୍ସଟାଇଲ କ୍ଷେତ୍ରରେ ୭୨୧୨ କୋଟିର ନିବେଶ ଲକ୍ଷ୍ୟ**

**ବୟନ ଓ ପୋଷାକ ଶିଳ୍ପ ପାଇଁ ହେଉଛି ରିଭର୍ସ ମାଇଗ୍ରେସନ**

**ଆଦାନି ଗ୍ରୁପ ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡ ଟେବୁଲ୍ ବୈଠକ**



ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): କୋଲକାତା ଓ ହାଇଦ୍ରାବାଦ ନିବେଶକ ସମ୍ମିଳନୀର ସଫଳତା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୫ ତାରିଖରେ ଗୁଜରାଟର ଅହମ୍ମବାଦରେ ଶିଳ୍ପପତିଙ୍କୁ ଭେଟିବେ। ଏଥର ମୁଖ୍ୟମନ୍ତ୍ରୀଙ୍କ ଅହମ୍ମବାଦ ଗସ୍ତର ଉଦ୍ଦେଶ୍ୟ ଭିନ୍ନ। ଏଥରେ ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ରହିଛି ବୟନ ଓ ପୋଷାକ ଶିଳ୍ପ। ରାଜ୍ୟ ସରକାର ପୂର୍ବଭଳି ଆଉ ବୃହତ ଶିଳ୍ପ ନୁହେଁ, ଅଧିକ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ଅହମ୍ମଦାବାଦ ଗସ୍ତରେ ମୁଖ୍ୟମନ୍ତ୍ରୀ ବୟନ ଓ ପୋଷାକ ଶିଳ୍ପ ସହ ବନ୍ଦର, ପେଟ୍ରୋକେମିକାଲ ଓ କୋଲ୍ ଟୁ ଗ୍ୟାସିଫିକେସନ ଶିଳ୍ପକୁ ମଧ୍ୟ ପ୍ରାଧାନ୍ୟ ଦେବାର କାର୍ଯ୍ୟକ୍ରମ ରହିଛି। ବୟନ ଓ ପୋଷାକ ଶିଳ୍ପରେ ଓଡ଼ିଶା ଏବେ ପୂର୍ବ ଭାରତର ଏକ ହବ୍ ହେବାକୁ ଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ପେଜ, ଏପିକ୍ସ, ସୋନାଲ ଗାର୍ମେଣ୍ଟ୍ସ, ସାହି ଏକ୍ସପୋର୍ଟ ଓ ଆଦିତ୍ୟ ବିର୍ଲା ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ସେମାନଙ୍କ ଉତ୍ପାଦନ ଆରମ୍ଭ କଲେଣି। ଖୁବ୍‌ଶୀଘ୍ର ବୟନ ଓ ପୋଷାକ ଶିଳ୍ପ ସମ୍ପର୍କିତ ଆଉ ୭ରୁ ୮ଟି ଶିଳ୍ପ ମଧ୍ୟ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ମାସ୍ ଇଣ୍ଡିଆ କ୍ଲୋଦିଂ ପ୍ରାଇଭେଟ ଲିମିଟେଡ ମଧ୍ୟ ଖୁବ୍‌ଶୀଘ୍ର ନିଜର ଉତ୍ପାଦନ ଆରମ୍ଭ କରିବ। ଗୋଟିଏ ଗୋଟିଏ ମେଗା ଇସ୍ପାତ ପ୍ରକଳ୍ପରେ ଯେତିକି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ, ବୟନ ଓ ପୋଷାକ ଶିଳ୍ପରେ ତା'ଠାରୁ ଢେର ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଏହାଦ୍ୱାରା ମହିଳାମାନେ ଅଧିକ ସଂଖ୍ୟାରେ ସାମାଜିକ ଓ ଆର୍ଥିକ ସ୍ତରରେ ସଶକ୍ତ ହେଉଛନ୍ତି।

ଗୁଜରାଟ, ତାମିଲନାଡୁ ଓ ପୁଣେର ବିଭିନ୍ନ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ ଓଡ଼ିଶାରେ ୩୦ରୁ ୪୦ ପ୍ରତିଶତ ଯୁବକଯୁବତୀ କାମ କରୁଛନ୍ତି। ରାଜ୍ୟରେ ବୟନ ଓ ପୋଷାକ ସମ୍ପର୍କିତ ବହୁରାଷ୍ଟ୍ରୀୟ କମ୍ପାନୀ ସେମାନଙ୍କ ଉତ୍ପାଦନ ଆରମ୍ଭ କରିବା ପରେ ବାହାର ରାଜ୍ୟରେ କାମ କରୁଥିବା ବହୁ ସଂଖ୍ୟାରେ ଦକ୍ଷ ଓ କୁଶଳୀ ଯୁବକଯୁବତୀ ଏବେ ନିଜ ରାଜ୍ୟକୁ ଫେରିବା ଆରମ୍ଭ କରିଛନ୍ତି। ନିକଟରେ ପେଜ ଇଣ୍ଡଷ୍ଟ୍ରିର ଆପାରେଲ ୟୁନିଟ୍‌ର ଉଦଘାଟନ ଅବସରରେ ତାମିଲନାଡୁରୁ ଫେରିଥିବା ଦୁଇ ଓଡ଼ିଆ ଝିଅଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇଥିଲେ। ଏହା ଦର୍ଶାଉଛି ଯେ ରାଜ୍ୟରେ ଟେକ୍ସଟାଇଲ ଓ ଆପାରେଲ ୟୁନିଟ୍‌ର ବିକାଶ ଦ୍ୱାରା ରିଭର୍ସ ମାଇଗ୍ରେସନ ପ୍ରକ୍ରିୟା ଆରମ୍ଭ ହୋଇଛି।

ଓଡ଼ିଶାକୁ ପୂର୍ବ ଭାରତର ସୁରଟ କିମ୍ବା ତିରୁପୁର ଭାବେ ଗଢ଼ିବାକୁ ରାଜ୍ୟ ସରକାର ଏକ ସୁଚିନ୍ତିତ ଅଭିଯାନ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଟେକ୍ସଟାଇଲ୍ ଓ ଆପାରେଲ କ୍ଷେତ୍ରରେ ଦକ୍ଷ ଓଡ଼ିଆ କାରିଗରମାନଙ୍କ ସମ୍ଭାବନାକୁ ରାଜ୍ୟରେ ହିଁ ଉପଯୋଗ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଉଛି। ଏଥିସହ ଆପାରେଲ ପାର୍କଗୁଡ଼ିକରେ 'ପ୍ଲଗ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ ଜମି, ବିଜୁଳି, ପାଣି ଓ ଯାତାୟାତ ସହ ସମସ୍ତ ମୌଳିକ ଢାଞ୍ଚା ଉପଲବ୍ଧ ➪ପୃଷ୍ଠା-୬



## ମୁଣ୍ଡନ ବେଳେ ଅଘଟଣ ଗଙ୍ଗାରେ ବୁଡ଼ି ୪ ମୃତ

ଲକ୍ଷ୍ନୌ,୩।୫: ଏକ ଦୁଃଖଦ ଘଟଣାକ୍ରମରେ ରବିବାର ମୁଣ୍ଡନ କରିବାକୁ ଯାଇଥିବା ଉତ୍ତର ପ୍ରଦେଶ ବାଲିଆ ଜିଲ୍ଲାର ଗୋଟିଏ ପରିବାରର ଦୁଇ ଝିଅଙ୍କ ସମେତ ମୋଟ ୪ ଜଣ ଗଙ୍ଗାନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଅନ୍ୟ ଦୁଇ ଝିଅଙ୍କୁ ସୁରକ୍ଷିତ ଭାବେ ନଦୀ ଜଳରୁ ଉଦ୍ଧାର କରାଯାଇଛି। ମୃତକମାନେ ହେଉଛନ୍ତି ଗଡ଼ ରାମପୁରର ହରିଶ ଚୌହାନ (୧୭), ତାଙ୍କ ଭଉଣୀ ନନ୍ଦିତା ଚୌହାନ (୧୨) ଓ ସେମାନଙ୍କ ସମ୍ପର୍କୀୟ ଫେଫନା ଥାନା ଅନ୍ତର୍ଗତ କଲ୍ୟାଣପୁରର ଅରୁଣ ଚୌହାନ (୨୦) ଓ ଗାଜିପୁରର ଅର୍ଜୁନ ଚୌହାନ (୧୯)। ମୃତଦେହଗୁଡ଼ିକୁ ଉଦ୍ଧାର କରାଯିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୀଡ଼ିତ ପରିବାରକୁ ତୁରନ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାପ୍ତ ରିପୋର୍ଟ ଅନୁସାରେ, ଫେଫନା ଥାନାଞ୍ଚଳର କଲ୍ୟାଣୀପୁର ନିବାସୀ ବଶିଷ୍ଠ ଚୌହାନଙ୍କ ପରିବାର ପରିବାର ଜଣେ ଶିଶୁର ମୁଣ୍ଡନ କର୍ମ କରିବା ପାଇଁ ନିଜର ସମ୍ପର୍କୀୟଙ୍କୁ ଧରି ବାଲିଆ ସିଟି କୋତୱାଲି ଥାନା ଅଞ୍ଚଳ ଅନ୍ତର୍ଗତ ଶିବରାମପୁର ଘାଟ (ବ୍ୟାସୀ)କୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ଓ ମୁଣ୍ଡନ କର୍ମ ଚାଲିଥିବା ସମୟରେ ୪ ଜଣ ଝିଅ ଗଙ୍ଗା ନଦୀକୁ ଗାଧୋଇବାକୁ ଯାଇଥିଲେ। ➪ପୃଷ୍ଠା-୬

### ଜବଲପୁର ଡଙ୍ଗାବୁଡ଼ି ପରେ ଚେତା ପଶିଲା

# ପୁଣି ଜାରି ହେଲା ସୁରକ୍ଷା ପ୍ରୋଟୋକଲ୍



**ଡଙ୍ଗାରେ ଲାଇଫ ଜ୍ୟାକେଟ୍ ଓ ଲାଇଫବୟ ବାଧ୍ୟତାମୂଳକ**

**ଓଭରଲୋଡିଂ କଲେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

**ଅଚାନକ ଯାଞ୍ଚ ପାଇଁ ଅଧିକାରୀଙ୍କୁ ପରାମର୍ଶ**

ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): ଜଗଲପୁର ଡଙ୍ଗାବୁଡ଼ି ଘଟଣାରେ ୧୩ଜଣଙ୍କ ମୃତ୍ୟୁ ପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଚେତା ପଶିଛି। ଆଜି ବିଭାଗ ପକ୍ଷରୁ ରାଜ୍ୟରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକର ସୁରକ୍ଷା ପ୍ରୋଟୋକଲର ସମୀକ୍ଷା କରାଯାଇଛି। ଏଥିସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ସୁରକ୍ଷା ସରଞ୍ଜାମ ସମ୍ପର୍କରେ ପୁଣି ଥରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏଭଳି ପ୍ରୋଟୋକଲ ବାରମ୍ବାର ଜାରି ହେଉଥିଲେ ମଧ୍ୟ ତା'ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉନାହିଁ।

ତେଣୁ ରାଜ୍ୟର ଅନ୍ତର୍ଦେଶୀୟ ଜଳପଥରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ଆଜି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ନୌବାଣିଜ୍ୟ ବୋର୍ଡ, ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ସମ୍ପ୍ରତି ରିପୋର୍ଟ ହୋଇଥିବା ଡଙ୍ଗା ବୁଡ଼ିବା ଘଟଣା ଉପରେ ➪ପୃଷ୍ଠା-୬

### ମହଙ୍ଗା ହେଲା ଓମ୍‌ଫେଡ୍ କ୍ଷୀର ଦର

# ଗ୍ରାହକଙ୍କ ପକେଟ୍ ଉପରେ ୪ ଟଙ୍କାର ବୋଝ




**ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଅଧିକ ମିଳୁ: ଦୁଗ୍ଧ ଚାଷୀ ମହାସଂଘ**

ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): ଓଡ଼ିଶାରେ ମହଙ୍ଗା ହେଲା କ୍ଷୀର। ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର। ପ୍ରତି ଲିଟର ପିଛା କ୍ଷୀର ଦର ୪ ଟଙ୍କା ବୃଦ୍ଧି ପାଇଛି। ଆଜିଠୁ ଏହି ନୂତନ ବର୍ଦ୍ଧିତ ଦର ଲାଗୁ କରାଯାଇଛି। ଏନେଇ ଓମ୍‌ଫେଡ଼ ପକ୍ଷରୁ ନୋଟିଫିକେସ୍ ଜାରି କରିବା ସହ ଏଜେଣ୍ଟମାନଙ୍କୁ ମଧ୍ୟ ସୂଚିତ କରାଯାଇଛି। ଓମ୍‌ଫେଡ଼ ପକ୍ଷରୁ ଜାରି ହୋଇଥିବା ନୂତନ ବର୍ଦ୍ଧିତ ଦର ସୂଚୀ ଅନୁଯାୟୀ, ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି, ଯାହା ୫୦ ଟଙ୍କାରୁ ବୃଦ୍ଧି ପାଇ ୫୪ ଟଙ୍କାରେ ପହଞ୍ଚିଛି। ସେହିଭଳି ପ୍ରିମିୟମ କ୍ଷୀର ଦର ଲିଟର ପ୍ରତି ମଧ୍ୟ ୪ ଟଙ୍କା ବୃଦ୍ଧି ପାଇଛି। ଫଳତଃ ଏବେ ଗ୍ରାହକଙ୍କୁ ଏହି ଦୁଗ୍ଧ ଲିଟର ପ୍ରତି ୫୪ ଟଙ୍କା ପରିବର୍ତ୍ତେ ୫୮ ଟଙ୍କାରେ ଖରିଦ୍ କରିବାକୁ ପଡ଼ିବ। ଏହାଛଡ଼ା ଗୋଲ୍ଡ ପ୍ରିମିୟର କ୍ଷୀର ଲିଟର ପ୍ରତି ୪ ଟଙ୍କା ବଢ଼ି ୬୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଗୋଲ୍ଡ ପ୍ରିମିୟର ପ୍ଲସ୍ କ୍ଷୀର ଲିଟର ପ୍ରତି ଦର ୪ ଟଙ୍କା ବଢ଼ି ୬୪ ଟଙ୍କା ଛୁଇଁଥିବା ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି।

ତେବେ ଦରବୃଦ୍ଧି ନେଇ ଓମ୍‌ଫେଡ୍ ପକ୍ଷରୁ କୌଣସି ଠୋସ୍ କାରଣ ଦର୍ଶାଯାଇନାହିଁ। କିନ୍ତୁ ମୁଖ୍ୟତଃ ପରିବହନଜନିତ ଖର୍ଚ୍ଚ ଓ ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି କାରଣରୁ ଏହି ଦୁଗ୍ଧ ➪ପୃଷ୍ଠା-୬

#### ଚାଷୀଙ୍କୁ ମିଳିବ ଫାଇଦା



ଗତ ୩୦ ତାରିଖରେ ଓମଫେଡ୍ ପକ୍ଷରୁ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଅଧିକ ପ୍ରଦାନ କରାଯିବା ସକାଶେ ନିଷ୍ପତ୍ତି ହୋଇଥିବା ବେଳେ ଆଜି ବିଭିନ୍ନ କ୍ୱାଲିଟିର ଦୁଗ୍ଧ ଦର ଲିଟର ପିଛା ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏନେଇ ରାଜ୍ୟ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ଓମ୍‌ଫେଡ୍‌ର ଏପରି ନିଷ୍ପତ୍ତିରୁ ଚାଷୀଙ୍କୁ ଫାଇଦା ମିଳିବ। ଏହି ବୃଦ୍ଧି ଚାଷୀଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏଥିରୁ ଚାଷୀଙ୍କୁ ୧ ଟଙ୍କା ସପୋର୍ଟ କରାଯିବ। ଯେହେତୁ ବର୍ତ୍ତମାନ ପ୍ରକ୍ରିୟାକରଣ, ପରିବହନ ବାବଦରେ ଅଧିକ ଖର୍ଚ୍ଚ ହେଉଛି, ତାକୁ ଦୃଷ୍ଟିରେ ରଖି ଦର ବୃଦ୍ଧି କରାଯାଇଛି। ସେହିପରି ଅନ୍ୟ ବ୍ରାଣ୍ଡେଡ୍ ସଂସ୍ଥାଠାରୁ ଓମଫେଡ୍ ଗୁଣବତ୍ତାରେ ➪ପୃଷ୍ଠା-୬


### ଜିତୁ ମୁଣ୍ଡାଙ୍କ କଙ୍କାଳ ବୁହା ଘଟଣା

# କଳରା ମୁଣ୍ଡାଙ୍କ ପ୍ରକୃତ ଉତ୍ତରାଧିକାରୀ କିଏ ?

**ସୋସିଆଲ ମିଡିଆରେ ବୁଲୁଛି ଭାଉଜଙ୍କ ସତ୍ୟପାଠ**

**ସତ୍ୟପାଠ କହୁଛି ଭାଉଜ ଏକମାତ୍ର ଉତ୍ତରାଧିକାରୀ**

**ପାରିବାରିକ ବିବାଦର ତଦନ୍ତ କରିଛନ୍ତି କି ଆରଡିସି ?**




ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): ଜିତୁ ମୁଣ୍ଡାଙ୍କ କଙ୍କାଳ ବୁହା ଘଟଣାରେ ନୂଆ ବିବାଦର ସୂତ୍ରପାତ ହୋଇଛି। ଜିତୁ ମୁଣ୍ଡା ତାଙ୍କ ଭଉଣୀ କଳରା ମୁଣ୍ଡାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଶ୍ମଶାନରୁ କଙ୍କାଳ ଖୋଳି ଆଣି ବ୍ୟାଙ୍କ ସମ୍ମୁଖରେ ପ୍ରମାଣ ସ୍ୱରୂପ ଥୋଇଦେଲେ। ଏବେ କଳରା ମୁଣ୍ଡାଙ୍କ ଭାଉଜଙ୍କ ନୋଟାରୀରେ ହୋଇଥିବା ସତ୍ୟପାଠ ସାମ୍ନାକୁ ଆସିଛି। ସେ ଦାବି କରିଛନ୍ତି ଯେ ସେ ହିଁ କଳରା ମୁଣ୍ଡାଙ୍କ ଏକମାତ୍ର ଉତ୍ତରାଧିକାରୀ। ତେବେ ସତ କ'ଣ ତାହା ପ୍ରଶାସନିକ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। କଳରା ମୁଣ୍ଡାଙ୍କ ଭାଉଜ ବୋଲାଉଥିବା ଗୁରୁବାରୀ ମୁଣ୍ଡାଙ୍କ ସତ୍ୟପାଠ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଜିତୁ ମୁଣ୍ଡା ଶବ ବୋହି ବ୍ୟାଙ୍କ୍‌କୁ ଆଣିବା ଘଟଣାରେ ବ୍ୟାଙ୍କ ଅଧିକାରୀ, ଡାକ୍ତର, ତହସିଲ ଅଧିକାରୀ ସମସ୍ତେ ଦାୟୀ ଆଉ ଜିତୁଙ୍କ ପରିବାର ଏକବାର ସୁଧାର କି? ଗୁରୁବାରୀ ମୁଣ୍ଡାଙ୍କ ସତ୍ୟପାଠ ପରେ ଏବେ ଏ ପ୍ରଶ୍ନ ଉଠିଛି। ଆର୍‌ଡିସି ତଦନ୍ତ କରି ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀ କରିଦେଲେ। ହେଲେ ସେ ଜିତୁ ମୁଣ୍ଡାଙ୍କ ପରିବାର ସମ୍ପର୍କରେ ତଦନ୍ତ କରିଛନ୍ତି କି? କଳରା ମୁଣ୍ଡାଙ୍କ କିଏ ଉତ୍ତରାଧିକାରୀ ଥିଲେ କି ନାହିଁ, ସେ ବିବାହ କରିଥିଲେ କି ନାହିଁ, ତାଙ୍କ ସ୍ୱାମୀ ଓ ପିଲାଛୁଆ ଅଛନ୍ତି କି ନାହିଁ ଏ ସମ୍ପର୍କରେ ➪ପୃଷ୍ଠା-୬

### ବଙ୍ଗ ଫଳାଫଳକୁ ନେଇ ଛାତି ଧଡ଼ଧଡ଼


# ଗଣତି ଉପରେ ରାଜ୍ୟ ନେତାଙ୍କ ନଜର

**ଫଳାଫଳ ନିର୍ଣ୍ଣୟ କରିବ ଭବିଷ୍ୟତ**



ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): ଆସନ୍ତାକାଲି ହେବ ପଶ୍ଚିମବଙ୍ଗ ସମେତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଭୋଟ ଗଣତିକୁ ସାରା ଦେଶ ଚାହିଁ ରହିଛି। ତେବେ ଏହି ଫଳାଫଳ ପୂର୍ବରୁ ଓଡ଼ିଶାର ଶାସକ ଦଳ ନେତାମାନଙ୍କ ଛାତି କିନ୍ତୁ ଧଡ଼ଧଡ଼ ହେବାରେ ଲାଗିଛି। ବିଶେଷକରି ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଧୂଆଁଧାର ପ୍ରଚାର କରିଥିବା ନେତାମାନେ ଫଳାଫଳକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କାରଣ ଏହି ଅଞ୍ଚଳର ଫଳାଫଳ ହିଁ ଅନେକ ନେତାଙ୍କ ଭାଗ୍ୟ ଓ ଭବିଷ୍ୟତ ନିର୍ଣ୍ଣୟ କରିବା ନେଇ ଆଲୋଚନା ହେଉଛି। ପଶ୍ଚିମବଙ୍ଗରେ ନିର୍ବାଚନ ବିଗୁଲ ବାଜିବା ପରେ ଓଡ଼ିଶା ବିଜେପି ନେତାମାନେ ସେଠାକୁ ଛୁଟିବା ସହ ବିଭିନ୍ନ ଅଞ୍ଚଳରେ ଡେରା ପକାଇଥିଲେ। ଓଡ଼ିଶାକୁ ଲାଗିଥିବା ସୀମାନ୍ତ ଜିଲ୍ଲା ସମେତ ଓଡ଼ିଆବହୁଳ ଅଞ୍ଚଳରେ ଧୂଆଁଧାର ପ୍ରଚାର କରିଥିଲେ। ଯୋଜନାବଦ୍ଧ ଭାବେ ଓଡ଼ିଆ ନେତାମାନଙ୍କୁ ବିଭିନ୍ନ ଅଞ୍ଚଳ ଦାୟିତ୍ୱରେ ରଖାଯାଇଥିଲା। ଓଡ଼ିଶାରୁ ନିୟମିତ ଭାବେ ନେତାମାନେ ସେଠାକୁ ଯିବା ସହ କିଭଳି ପ୍ରଚାରରେ ମାତିଛନ୍ତି, ତା'ର ମଧ୍ୟ ଖବର ଓଡ଼ିଶାରେ ପହଞ୍ଚୁଥିଲା। ନେତାମାନେ ବି ଏହା ଉପରେ ତୀକ୍ଷ୍ଣ ନଜର ରଖିଥିଲେ।

ଆଗକୁ ରାଜ୍ୟରେ ନିଗମ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବାକୁ ଥିବାରୁ ଅନେକ ଆଶାୟୀ ନେତା ପଶ୍ଚିମବଙ୍ଗରେ ଦିନରାତି ଏକ କରିଦେଇଥିଲେ। ସେମାନଙ୍କର ପ୍ରଚାର କିଭଳି ଉପର ନେତାଙ୍କ ନଜରରେ ➪ପୃଷ୍ଠା-୬



### କାନ ଡେରିଥା

ପୁରୁଷଟି ଦେବ ନାରୀଙ୍କୁ ସମ୍ମାନ
ନାରୀ କିନ୍ତୁ ଦେବ ନାହିଁ
ମହିଳା ଆଇନ କଠୋର ଏଇଠି
ପୁରୁଷ ଅଲୋଡ଼ା ଭାଇ
ପୁରୁଷ ଜୀବନ ଏଇ ...
ଦିନରାତି ସିଏ ତାଙ୍କ ପାଇଁ ଖଟେ
ତାଙ୍କୁ ହିଁ ସମ୍ମାନ ନାହିଁ ।

■ ଦେବାଶିଷ

# ଫର୍ଚ୍ଚୁନ ଟାୱାରର ତଥ୍ୟ ଲୁଚାଉଛି ଇଡ୍‌କୋ

**ରିଲାଏନ୍ସ ସୂଚନା ଦେବାକୁ ଡର**

**ତଥ୍ୟ ଲୁଚା ପଛରେ ବଡ଼ ଖେଳ**




ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ): ରାଜଧାନୀ ଛାତି ଉପରେ ଛିଡ଼ା ହୋଇଥିବା ଫର୍ଚ୍ଚୁନ ଟାୱାରରେ ଘର କିଣିଥିବା ରିଲାଏନ୍ସ କମ୍ପାନୀ ସଂକ୍ରାନ୍ତରେ ସୂଚନା ଦେବାକୁ ଇଡ୍‌କୋର ପଛଘୁଞ୍ଚା। କେଉଁ କାରଣ ପାଇଁ ଇଡ୍‌କୋ ତଥ୍ୟ ଲୁଚାଉଛି, ତାହା ସନ୍ଦେହ ଘେରରେ ଥିବା ବେଳେ ଏହା ପଛରେ କିଛି ବଡ଼ ଧରଣର ଡିଲ୍ ଥିବା ନେଇ ସନ୍ଦେହ କରିଛନ୍ତି ସୂଚନା ଅଧିକାରୀ କର୍ମୀ। ଫର୍ଚ୍ଚୁନ ଟାୱାରରେ କେଉଁ କେଉଁ କମ୍ପାନୀକୁ ଇଡ୍‌କୋ କେତେ ଟଙ୍କାରେ କେଉଁ ମହଲା ବିକ୍ରି କରିଛି, ତା'ର ବିସ୍ତୃତ ସୂଚନା ମାଗିଥିଲେ ସୂଚନାଧିକାର କର୍ମୀ ପ୍ରଦୀପ କୁମାର ପ୍ରଧାନ। ଗତବର୍ଷ ଶ୍ରୀ ପ୍ରଧାନ ଏହି ସୂଚନା ମାଗିଥିଲେ, ଚଳିତ ମାସରେ ତାଙ୍କୁ ଇଡ୍‌କୋ ସୂଚନା ଅଧିକାରୀଙ୍କ ତରଫରୁ ୬ ପୃଷ୍ଠାର ତଥ୍ୟ ପ୍ରଦାନ କରିଛନ୍ତି କନିଷ୍ଠ ପରିଚାଳକ ଦେବାଶିଷ ନାୟକ। ଇଡ୍‌କୋ ମେଣ୍ଟେନାନ୍ସ ଡିଭିଜନର ଏହି ଅଧିକାରୀ ଯେଉଁ ସୂଚନା ଦେଇଛନ୍ତି ସେଥିରେ ଦର୍ଶାଯାଇଛି ଯେ ଫର୍ଚ୍ଚୁନ ଟାୱାରର କିଛି ମହଲା ୧୯୯୭ ମସିହାରେ ବିଭିନ୍ନ କମ୍ପାନୀମାନଙ୍କୁ ବିକ୍ରି କରାଯାଇଛି। ସେହିସବୁ କମ୍ପାନୀ ମଧ୍ୟରେ ଏସାର ପ୍ରପର୍ଟିଜ୍‌କୁ ୨ କୋଟି ଟଙ୍କାରେ ବିକ୍ରି ହୋଇଥିବା ବେଳେ ଏସାର ଷ୍ଟିଲକୁ ୨ କୋଟି ଟଙ୍କାରେ ଆଉ ଗୋଟିଏ ମହଲା ବିକ୍ରି କରାଯାଇଛି।

ସେହିଭଳି ଗୋଲସ୍‌କୁ ୫୮ ଲକ୍ଷ ଟଙ୍କା ଓ ଡିସ୍‌ନେଟ୍ ୱେୟାରଲସ୍‌କୁ ୧ କୋଟି ୯୭ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ତେବେ ଫର୍ଚ୍ଚୁନ ଟାୱାରରେ ରିଲାଏନ୍ସ ୱେବଷ୍ଟୋର୍‌କୁ ତଳ ମହଲା ଓ ରିଲାଏନ୍ସ କମ୍ୟୁନିକେଶନକୁ ଷଷ୍ଠ ମହଲା ବିକ୍ରି ହୋଇଛି। କିନ୍ତୁ କେତେ ଟଙ୍କାରେ ଏହି ଦୁଇଟି ମହଲା ରିଲାଏନ୍ସ ହାତେଇଛି, ସେ ସମ୍ପର୍କରେ ପ୍ରଦତ୍ତ ତଥ୍ୟରେ କୌଣସି ସବିଶେଷ ସୂଚନା ଦିଆଯାଇନାହିଁ। ତେଣୁ ଏହି ସଂସ୍ଥାକୁ ଇଡ୍‌କୋ ମାଗଣାରେ ଫର୍ଚ୍ଚୁନ ଟାୱାର ଦେଇଥିବା ନେଇ ସୂଚନା ଅଧିକାର କର୍ମୀ ଶ୍ରୀ ପ୍ରଧାନ ➪ପୃଷ୍ଠା-୬

### ଚମକାଇଲା ଏମ୍ସ ରିପୋର୍ଟ

# ପିଲାଙ୍କୁ ଅଚଳ କରିଦେଉଛି ମୋବାଇଲ୍



ନୂଆଦିଲ୍ଲୀ,୩।୫(ସଂଚାର ବ୍ୟୁରୋ): ମୋବାଇଲ୍ କରିଦେଉଛି ପିଲାଙ୍କୁ ଅଚଳ। ବର୍ଷେରୁ ୩ ବର୍ଷର ପିଲା ହେଉଛନ୍ତି ଅଟିଜିମର ଶିକାର। ଦିଲ୍ଲୀ ଏମ୍ସର ଏପରି ଏକ ରିପୋର୍ଟ ପରେ ସାରା ଦେଶରେ ଚହଳ ଖେଳିଯାଇଛି। ଅନେକ ଲୋକ ଏବେ ପିଲାଙ୍କୁ ମୋବାଇଲ୍‌ରେ ବ୍ୟସ୍ତ ରଖି ନିଜ ନିଜ କାମ କରିବାକୁ ପସନ୍ଦ କରୁଛନ୍ତି। ଏହାଦ୍ୱାରା ପିଲାମାନେ ଆଉ ମା'ମାନଙ୍କୁ ଡିଷ୍ଟର୍ବ କରୁନାହାନ୍ତି। ସେହିପରି କେତେକ ପିଲାମାନଙ୍କୁ ଖାଇବାକୁ ଦେବା ସମୟରେ ମୋବାଇଲ୍‌ରେ ବ୍ୟସ୍ତ ରଖୁଛନ୍ତି। ଏହାଦ୍ୱାରା ପିଲାମାନେ ବେଶ୍ ସହଜରେ ଖାଦ୍ୟ ଖାଉଛନ୍ତି। କିନ୍ତୁ ପିଲାଙ୍କୁ ଏପରି ଅଭ୍ୟାସ କରାଇଥିବା ମା'ମାନେ ଏବେ ସତର୍କ ହୋଇଯା'ନ୍ତୁ। କାରଣ ସେମାନଙ୍କ ଏପରି ଅଭ୍ୟାସ ଆଗାମୀ ଦିନରେ ପିଲାକୁ ଅଟିଜିମ୍ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପକାଇବାର ଯଥେଷ୍ଟ ଆଶଙ୍କା ରହିଛି। ଏବେ ଅଟିଜିମକୁ ନେଇ ଦିଲ୍ଲୀ ଏମ୍ସ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ଏପରି କିଛି ଆଶଙ୍କା ବ୍ୟକ୍ତ କରିଛି। ଦିଲ୍ଲୀ ଏମ୍ସର ପେଡିଆଟ୍ରିକ ବିଭାଗ ପ୍ରଫେସର ଡ. ସେଫାଳି ଗୁଲାଟି ଏ ସମ୍ପର୍କରେ କହିଛନ୍ତି ଯେ ଏକ ବର୍ଷ ବୟସରେ ଯେଉଁ ପିଲାଙ୍କର ମୋବାଇଲ ଦେଖା ସମୟ ବେଶୀ ଥିଲା, ୩ ବର୍ଷ ବୟସରେ ସେମାନଙ୍କଠାରେ ଅଧିକ ➪ପୃଷ୍ଠା-୬

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୪ ମେ
୨୦୨୬, ଭୁବନେଶ୍ୱର
Monday 4 May 2026, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଆଉ ଏକ ବିଶ୍ୱଯୁଦ୍ଧର ଆଶଙ୍କା

ବିଶ୍ୱ ରାଜନୀତିରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ନୂତନ ମୋଡ଼ ନେଇଛି। ୨୦୨୬ ଫେବୃଆରୀ ୨୮ ତାରିଖରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ, ଯାହାକୁ ଅପରେସନ ଏପିକ୍ ଫ୍ୟୁରି ବୋଲି କୁହାଯାଉଛି, ଇସ୍ରାଏଲ୍ ସହ ମିଶି ଆମେରିକା ଇରାନ୍ ଉପରେ ବ୍ୟାପକ ଆକ୍ରମଣ କରିଥିଲା। ସୁପ୍ରିମ ଲିଡର ଆଲି ଖାମେନିଙ୍କ ମୃତ୍ୟୁ ସହ ଇରାନର ସୈନ୍ୟ ଓ ନ୍ୟୁକ୍ଲିୟର ସମ୍ପତ୍ତିକୁ ଟାର୍ଗେଟ କରାଯାଇଥିଲା। ପରେ ଏପ୍ରିଲ ମାସରେ ଯୁଦ୍ଧ ବିରତି ହୋଇଥିଲେ ମଧ୍ୟ ହର୍ମୁଜ ପ୍ରଣାଳୀର ଅବରୋଧ, ନ୍ୟୁକ୍ଲିୟର ପ୍ରସଙ୍ଗ ଓ ଆର୍ଥିକ ନିଷେଧାଜ୍ଞା ଯୋଗୁଁ ପରିସ୍ଥିତି ଏବେ ମଧ୍ୟ ଉତ୍ତେଜନାପୂର୍ଣ୍ଣ ରହିଛି। ତେଣୁ ଭବିଷ୍ୟତରେ ଏହି ସଂଘର୍ଷ ଆଉ ଏକ ବିଶ୍ୱଯୁଦ୍ଧର ରୂପ ନେବ କି ବୋଲି ପ୍ରଶ୍ନ ଉଠୁଛି।



ଇତିହାସ ସାକ୍ଷୀ ଯେ, ଆଞ୍ଚଳିକ ଯୁଦ୍ଧରୁ ହିଁ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଛି। ପ୍ରଥମ ବିଶ୍ୱଯୁଦ୍ଧ ଏକ ଆଞ୍ଚଳିକ ହତ୍ୟାରୁ ଆରମ୍ଭ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିଟଲର୍ଙ୍କ ଆକ୍ରମଣରୁ ବିସ୍ତାର ଲାଭ କରିଥିଲା। ଏବେ ମଧ୍ୟ ପରିସ୍ଥିତି ସମାନ। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ୨୫% ତୈଳ ପରିବହନ ହୁଏ। ଇରାନର ଅବରୋଧ ଓ ଆମେରିକାର ନୌସେନା ବ୍ଲକେଡ ଯୋଗୁଁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ତୈଳ ମୂଲ୍ୟ ବୃଦ୍ଧି ପାଇଛି, ଯାହା ମୂଲ୍ୟବୃଦ୍ଧିକୁ ଉତ୍ସାହିତ କରୁଛି। ଚୀନ୍, ଭାରତ, ଇଉରୋପ ପରି ଦେଶଗୁଡ଼ିକ ପ୍ରଭାବିତ ହେଉଛନ୍ତି। ଏହା ବଡ଼ ଶକ୍ତିଗୁଡ଼ିକୁ ପ୍ରତ୍ୟକ୍ଷ ସଂଘର୍ଷକୁ ଟାଣି ଆଣିପାରେ।

ହେଜବୋଲ୍ଲା, ହୁଥି, ହାମାସ ପରି ଇରାନର ପ୍ରକ୍ସି ନେଟୱର୍କ ଇସ୍ରାଏଲ ଓ ଆମେରିକା ସ୍ୱାର୍ଥ ଉପରେ ଆକ୍ରମଣ କରୁଛନ୍ତି। ଲେବାନନ, ୟେମେନ୍, ସିରିଆ ଓ ଇରାକରେ ସଂଘର୍ଷ ବ୍ୟାପ୍ତ ହୋଇଛି। ଯଦି ଏହା ଆହୁରି ବଢ଼େ, ତେବେ ସୌଦି ଆରବ, ତୁର୍କୀ ପରି ଦେଶ ଜଡ଼ିତ ହୋଇପାରନ୍ତି। ସେହିଭଳି ଇରାନ୍ ରୁଷିଆର ମିତ୍ର। ଇଉକ୍ରେନ ଯୁଦ୍ଧରେ ଆମେରିକାର ଧ୍ୟାନ ବିଭାଜିତ ହେବା ରୁଷିଆକୁ ଲାଭ ଦେଉଛି। ଚୀନ୍ ତାଇୱାନ୍ ପ୍ରସଙ୍ଗରେ ଆମେରିକାର ଦୁର୍ବଳତା ଦେଖି ସୁଯୋଗ ନେଇପାରେ। ଯଦି ଚୀନ ତୈଳ ଆମଦାନି ପାଇଁ ଇରାନକୁ ସମର୍ଥନ କରେ ବା ରୁଷିଆ ଅସ୍ତ୍ର ଯୋଗାଏ, ତେବେ ପରିସ୍ଥିତି ବିଶ୍ୱସ୍ତରରେ ବ୍ୟାପ୍ତ ହୋଇପାରେ। ଇରାନ୍ ନ୍ୟୁକ୍ଲିୟର୍ କାର୍ଯ୍ୟକ୍ରମ ବନ୍ଦ ନ କରିବା ଯୋଗୁଁ ଯୁଦ୍ଧ ଆରମ୍ଭ ହୋଇଥିଲା। ଯଦି ଇରାନ୍ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରିବାର ଚେଷ୍ଟା କରେ, ତେବେ ପରିଣାମ ବିପର୍ଯ୍ୟୟକାରୀ ହେବ। ଯଦିଓ ଏହା ଏପର୍ଯ୍ୟନ୍ତ ସୀମିତ ରହିଛି, କିନ୍ତୁ ଦୁର୍ଘଟଣା ବା ଭୁଲ ଗଣନା ବଡ଼ ଯୁଦ୍ଧକୁ ଡାକିପାରେ।

ତେବେ ଆମେରିକା ଓ ଇରାନ୍ ଉଭୟ ପ୍ରତ୍ୟକ୍ଷ ଯୁଦ୍ଧ ଏଡ଼ାଇବାକୁ ଚାହୁଁଛନ୍ତି। ଟ୍ରମ୍ପ ପ୍ରଶାସନ ଦାବି କରୁଛି ଯେ ଏହା ଅନନ୍ତ ଯୁଦ୍ଧ ନୁହେଁ। ଯୁଦ୍ଧ ବିରତି ଓ ଆଲୋଚନା ଚାଲିଛି, ଯଦିଓ ପାକିସ୍ତାନ ମଧ୍ୟସ୍ଥତା ବିଫଳ ହୋଇଛି। ବିଶ୍ୱର ଅର୍ଥନୈତିକ ପାରସ୍ପରିକ ନିର୍ଭରଶୀଳତା ବଡ଼ ଯୁଦ୍ଧକୁ ବାଧା ଦେଉଛି। ଚୀନ ଓ ରୁଷିଆ ମଧ୍ୟ ଅର୍ଥନୈତିକ କ୍ଷତିର ଆଶଙ୍କାରେ ପ୍ରତ୍ୟକ୍ଷ ସମର୍ଥନ ଦେବେ ନାହିଁ। ତଥାପି, ଏହି ସଂଘର୍ଷ ବିଶ୍ୱକୁ ବଦଳାଇ ଦେଇଛି। ଏହା ଆମେରିକାର ଏକଚ୍ଛତ୍ର ପ୍ରଭୁତ୍ୱକୁ ପ୍ରଶ୍ନ କରୁଛି ଏବଂ ମଲ୍ଟିପୋଲାର୍ ବିଶ୍ୱର ଉତ୍ଥାନକୁ ତ୍ୱରାନ୍ୱିତ କରୁଛି। ଭାରତର ପରରାଷ୍ଟ୍ର ନୀତିରେ ସମତୁଲ ରଖିବାକୁ ପଡ଼ିବ। ଇରାନ ସହ ଶକ୍ତି ସହଯୋଗ ଓ ଇସ୍ରାଏଲ୍-ଆମେରିକା ସହ କୌଶଳିକ ସମ୍ପର୍କ ରକ୍ଷା କରିବାକୁ ପଡ଼ିବ।

ଆମେରିକା-ଇରାନ୍ ସଂଘର୍ଷ ଏପର୍ଯ୍ୟନ୍ତ ଆଞ୍ଚଳିକ ରହିଛି, କିନ୍ତୁ ଏହା ଯେ ବିଶ୍ୱଯୁଦ୍ଧର ରୂପ ନନେବ ସେ ଆଶଙ୍କାକୁ ଏଡାଇ ଦିଆଯାଇନପାରେ। କୌଶଳିକ କୂଟନୀତି, ଆଲୋଚନା ଓ ଆନ୍ତର୍ଜାତିକ ଚାପ ଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା ଆବଶ୍ୟକ। ଅନ୍ୟଥା ଏହା କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସମଗ୍ର ବିଶ୍ୱକୁ ଅସ୍ଥିର କରିଦେବ।

# ବ୍ୟବସ୍ଥାର କାଠଗଡ଼ାରେ ମାନବିକତା

**ଶ୍ରୀବତ୍ସ ନାୟକ**

କେନ୍ଦୁଝର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀରୁ ଆସିଥିବା ଏକ ଦୃଶ୍ୟ ସମଗ୍ର ଓଡ଼ିଶା ତଥା ଦେଶର ବିବେକକୁ ଦୋହଲାଇ ଦେଇଛି। ଜଣେ ଭାଇ ନିଜ ମୃତ ଭାଇର ଶବକୁ ଖଟିଆରେ ବୋହି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିବା, ଆଧୁନିକ ସଭ୍ୟତା ଓ ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ବଡ଼ ପ୍ରଶ୍ନବାଚୀ। ଏହା କେବଳ ଏକ ଆର୍ଥିକ ଅଭାବର କାହାଣୀ ନୁହେଁ, ବରଂ ଏହା ଆମର ଲାଲ୍‌ଫିତା ଅଭିଶାପ, ନିୟମର ଜଟିଳତା ଏବଂ ସର୍ବୋପରି ମାନବୀୟ ସମ୍ବେଦନାର ଶୂନ୍ୟତାକୁ ସୂଚାଉଛି।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ୱଚ୍ଛତା ଓ ନିରାପତ୍ତା ପାଇଁ ଅନେକ କଡ଼ା ନିୟମ ପ୍ରଣୟନ କରାଯାଇଛି। କିନ୍ତୁ ଏହି ନିୟମ କାହା ପାଇଁ? ଯଦି ଜଣେ ଗରିବ ହିତାଧିକାରୀ ତାଙ୍କର ଆପାତକାଳୀନ ଆବଶ୍ୟକତା ସମୟରେ ନିଜ ସଞ୍ଚିତ ଅର୍ଥ ପାଇପାରିବେ ନାହିଁ, ତେବେ ଏହି ବ୍ୟବସ୍ଥାର ପ୍ରାସଙ୍ଗିକତା କେଉଁଠି? ଜିତୁ ମୁଣ୍ଡାଙ୍କ କ୍ଷେତ୍ରରେ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ 'ନିଜେ ଉପସ୍ଥିତ ରହିବା'ର ଜିଦ୍ ଜଣେ ଶୋକାକୁଳ ବ୍ୟକ୍ତିଙ୍କୁ ଏଭଳି ଚରମ ଅପମାନଜନକ ପରିସ୍ଥିତିକୁ ଠେଲି ଦେଇଥିଲା। ଏଠାରେ ପ୍ରଶ୍ନ ଉଠେ, ନିୟମ କଣ ମଣିଷର ଦୁଃଖଠାରୁ ବଡ଼? ବ୍ୟାଙ୍କ ମ୍ୟାନେଜର କିମ୍ବା କର୍ମଚାରୀମାନେ କଣ ସାମାନ୍ୟ ସୌଜନ୍ୟତା ଦେଖାଇ ଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିପାରିନଥାନ୍ତେ?

ଆଜି ଆମେ ଦାବି କରୁଛୁ ଯେ ପ୍ରତ୍ୟେକ ଗାଁରେ ବ୍ୟାଙ୍କିଙ୍ଗ୍ ସୁବିଧା ପହଞ୍ଚିଛି। ମାତ୍ର ବାସ୍ତବତା ହେଉଛି, ଗ୍ରାମାଞ୍ଚଳର ଅନେକ ଲୋକ ଆଜି ବି ବ୍ୟାଙ୍କିଙ୍ଗ୍ କାର୍ଯ୍ୟଧାରା ସହ ଅଭ୍ୟସ୍ତ ନୁହନ୍ତି। ଅନେକ ଖାତାଧାରୀ ଜାଣନ୍ତି ନାହିଁ ଯେ ତାଙ୍କ ପରେ କିଏ ଟଙ୍କା ପାଇବ। ବ୍ୟାଙ୍କଗୁଡ଼ିକ ଖାତା ଖୋଲିବା ସମୟରେ ଏହି ପ୍ରକ୍ରିୟାକୁ କେବଳ ଏକ ଫର୍ମାଲିଟି ଭାବେ ନିଅନ୍ତି, ଯାହାର ପରିଣାମ ଜିତୁ ମୁଣ୍ଡାଙ୍କ ଭଳି ଲୋକଙ୍କୁ ଭୋଗିବାକୁ ପଡ଼େ।ବ୍ୟାଙ୍କ କର୍ମଚାରୀମାନେ ନିୟମର ଶିକୁଳିରେ ଏତେ ବନ୍ଧା ଯେ, ସେମାନେ ନିଜ ବିବେକ ପ୍ରୟୋଗ କରିବାକୁ ଭୟ କରନ୍ତି କିମ୍ବା ଚାହାନ୍ତି ନାହିଁ। ସରକାରଙ୍କ ପକ୍ଷରୁ ଶବ ସତ୍କାର ପାଇଁ 'ହରିଶ୍ଚନ୍ଦ୍ର ସହାୟତା' ଭଳି ଅନେକ ଯୋଜନା ରହିଛି। ଯଦି ଜିତୁ ମୁଣ୍ଡାଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ମିଳିଥାନ୍ତା, ତେବେ ହୁଏତ ତାଙ୍କୁ ବ୍ୟାଙ୍କ ଦୁଆରେ ଶବ ରଖିବାକୁ ପଡ଼ିନଥାନ୍ତା। ଏଠାରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱବୋଧ ଉପରେ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଘଟଣା ଘଟିବା ପରେ ତଦନ୍ତ ନିର୍ଦ୍ଦେଶ ଦେବା ଅପେକ୍ଷା, ଘଟଣାକୁ ରୋକିବା ପାଇଁ ଏକ ସକ୍ରିୟ ବ୍ୟବସ୍ଥାର ଆବଶ୍ୟକତା ରହିଛି।

ଜିତୁ ମୁଣ୍ଡା ଶବ ବୋହିବା ଘଟଣା କେବଳ ଜଣେ ବ୍ୟକ୍ତିର ସଂଘର୍ଷ ନୁହେଁ, ଏହା ଆମ ସାମାଜିକ ସଂରଚନାର ଏକ ଦୁର୍ବଳ ଚିତ୍ର। ଯେତେବେଳେ ଜଣେ ବ୍ୟକ୍ତି ଶବକୁ ନେଇ ରାସ୍ତା ଉପରକୁ ଆସେ, ସେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି କିଛି ମାତ୍ରାରେ ଦାୟୀ। ଆମେ କେବଳ ସ୍ମାର୍ଟଫୋନରେ ଭିଡିଓ କରିବାରେ ବ୍ୟସ୍ତ, କିନ୍ତୁ ଜଣେ ଅସହାୟକୁ ସାହାଯ୍ୟ କରିବା କିମ୍ବା ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାରେ ପଛେଇ ଯାଉଛୁ।

ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ବୃଦ୍ଧ, ଅସହାୟ ଏବଂ ଶୋକାକୁଳ ପରିବାର ପାଇଁ ବ୍ୟାଙ୍କିଙ୍ଗ୍ ସେବା ଘରେ ପହଞ୍ଚିବା ଉଚିତ୍। ମୃତ୍ୟୁ ପରେ ଅତି କମରେ ୫ରୁ ୧୦ ହଜାର ଟଙ୍କାର ଆଶୁ ସହାୟତା ପାଇଁ ସ୍ଥାନୀୟ ପ୍ରାଧିକରଣଙ୍କ ପ୍ରମାଣପତ୍ରକୁ ଗ୍ରହଣ କରିବା ପାଇଁ ବ୍ୟାଙ୍କଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଉ। ବ୍ୟାଙ୍କ ଏବଂ ସରକାରୀ କର୍ମଚାରୀମାନଙ୍କୁ କେବଳ ଫାଇଲ୍ ଚାଷ ନୁହେଁ, ମାନବିକତା ଶିକ୍ଷା ଦେବା ଜରୁରୀ। ଗ୍ରାମାଞ୍ଚଳରେ ଶେଷକୃତ୍ୟ ଓ ଜରୁରୀକାଳୀନ ଆବଶ୍ୟକତା ପାଇଁ ଏକ 'ରିଜର୍ଭ ଫଣ୍ଡ' ପ୍ରତ୍ୟେକ ପଞ୍ଚାୟତ ପାଖରେ ରହିବା ଦରକାର। ଜିତୁ ମୁଣ୍ଡା ଯେଉଁ ଶବକୁ ବୋହିଥିଲେ, ତାହା କେବଳ ତାଙ୍କ ଭାଇଙ୍କର ନଥିଲା, ବରଂ ତାହା ଥିଲା ଆମ ବ୍ୟବସ୍ଥାର 'ଜୀବନ୍ତ ଶବ'। ଯଦି ଏହି ଘଟଣା ପରେ ମଧ୍ୟ ନିୟମରେ ପରିବର୍ତ୍ତନ ନଆସେ, ତେବେ ଆମେ ଯେତେ ବଡ଼ ଅର୍ଥନୈତିକ ଶକ୍ତି ହେଲେ ମଧ୍ୟ ନୈତିକ ଭାବେ ଆମେ ପରାଜିତ ହୋଇ ରହିବା। ଏହା ସମୟର ଆହ୍ୱାନ ଯେ, ବ୍ୟବସ୍ଥା ମଣିଷ ପାଇଁ ସେବା ପାଲଟୁ, ଶାସ୍ତି ନୁହେଁ।

**ଅଧ୍ୟାପକ, ବାଣିଜ୍ୟ ବିଭଗ, କଟକ**




# ଝାଡଖଣ୍ଡରେ ନୃସିଂହ ଚତୁର୍ଦ୍ଦଶୀ ବ୍ରତ



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**



ଭଗବାନ ଶ୍ରୀବିଷ୍ଣୁଙ୍କ ଦଶ ଅବତାର ଯେଉଁ ରହିଛି ସେ ଭିତରୁ ଚତୁର୍ଥ ଅବତାର ହେଉଛନ୍ତି ଭଗବାନ ନୃସିଂହ ଯାହାଙ୍କ ସ୍ୱରୂପ ହେଉଛି ମସ୍ତକ ଭଳି ସିଂହ କିନ୍ତୁ ସେ ମନୁଷ୍ୟ ଶରୀର ଧାରଣ କରିଥାନ୍ତି। ଯୁଗେ ଯୁଗେ ଭକ୍ତଙ୍କୁ କିପରି ତତ୍କାଳ ଆବିର୍ଭୁତ ହୋଇ ଭଗବାନ ଉଦ୍ଧାର କରିଥାନ୍ତି ତାର ବଡ଼ ଉଦାହରଣ ଭାବେ ଭକ୍ତ ପ୍ରହ୍ଲାଦଙ୍କୁ ପୋଥି ପୁରାଣରେ ଜଣେ ଶ୍ରେଷ୍ଠ ଭକ୍ତ ଭାବେ ଗୌରବ ପ୍ରଦାନ କରାଯାଇଛି। ଆଉ ଏହି ନୃସିଂହ ଚତୁର୍ଥୀ ଦିନ ଭଗବାନ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷାସ ରାଜ ହିରଣ୍ୟ କଶିପୁଙ୍କୁ ବିଦାରି ଦେଇଥିଲେ। ଏହି ଦିନଟି ଅତିବ ପବିତ୍ର, ଏହି ଦିନରେ ଅନେକ ଓଡ଼ିଆଙ୍କ ଘରେ ଷୋଡ଼ଶ ଉପଚାର ପୂଜା ହୋଇଥାଏ। ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶ ଭିତରେ ଏହି ଦିନଟି ଅତିବାହିତ କରାଯାଏ।

ଆଜିକାଲି ଅନେକ ଓଷା ବ୍ରତ ଓ ପର୍ବପର୍ବାଣୀ ଆଉ ପୂର୍ବ ପରି ପାଳିତ ହେଉନି। ପ୍ରତିଟି ଓଷା ବା ବ୍ରତର ଗୋଟିଏ ଗୋଟିଏ କାହାଣୀ ରହିଛି। ଏହି କାହାଣୀରେ ଘଟଣାଗତ ବୈଚିତ୍ର ବା ଜଟିଳତା କ୍ୱଚିତ ଥାଏ ତେବେ ଅଧିକାଂଶ ଓଷା ବ୍ରତ ଅତ୍ୟନ୍ତ ଶିକ୍ଷାପ୍ରଦ ଥାଏ। ଓଡ଼ିଶାକୁ ଲାଗିଛି ଝାଡ଼ଖଣ୍ଡ। ଝାଡ଼ଖଣ୍ଡରେ ଓଡ଼ିଆ ହେଉଛି ଦ୍ୱିତୀୟ ଭାଷା। ମୋର ଏଠାରେ ରହିବାରେ ତିନି ପିଢ଼ିରୁ ଊର୍ଦ୍ଧ୍ୱ ହେବ। ମୋ ଜେଜିମା ସନ୍ଧ୍ୟା ସମୟରେ ଦୀପ ଆଲୁଅରେ ବିନା ଚଷମାରେ ଓଡ଼ିଆ ଆଧ୍ୟାତ୍ମିକ ଭାବଚେତନା ଓ ଜୀବନ ପ୍ରବାହର ଆଧ୍ୟାତ୍ମିକ ଅମୂଲ୍ୟ ଗ୍ରନ୍ଥ କୁହାଯାଉଥିବା ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପଢ଼ିଥାଏ। ପ୍ରଥମେ ଘରେ ଥିବା ଦେବା ଦେବୀ ଓ ପୋଥିକୁ ମୁଣ୍ଡିଆମାରି ପ୍ରଥମେ ହିଁ କହିଥାଏ 'ନମଇଁ ନୃସିଂହଚରଣ'। ଆଜି ମୋ ଜେଜିମା ସ୍ୱଦେହରେ ନାହାନ୍ତି ସତ କିନ୍ତୁ ତାଙ୍କ ଅପାଶୋରା ସେହି ଭାବପୂର୍ଣ୍ଣ ଓ ଆମ ସାଧାରଣ ଜନଜୀବନ ପାଇଁ ଅନେକ ଶିକ୍ଷା ଦେଇଥିବା ଶ୍ରୀମଦ ଭାଗବତ ଯେ ଆମ ମାନଙ୍କ ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ଜାଣିଛୁ। ଭଗବାନ ନୃସିଂହଙ୍କ ସମ୍ପର୍କରେ ପୁରାଣରେ ବିଶେଷକରି 'ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ'ରେ ଉଲ୍ଲେଖ ରହିଛି। ମହାପ୍ରଭୁ କୋଟି ଜନକ ମଣି ଶ୍ରୀଜଗନ୍ନାଥଙ୍କ ଉଗ୍ର ରୂପ ହେଉଛି ଭଗବାନ ଶ୍ରୀ ନୃସିଂହ। ଭଗବାନ ଶ୍ରୀ ନୃସିଂହଙ୍କ ଅବତାର ଏ ଧରା ପୃଷ୍ଠକୁ ପାଦ ଦେଇଥିଲେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ। ନୃସିଂହ ଚତୁର୍ଦ୍ଦଶୀ ଓଡ଼ିଆ ସାମାଜିକ ଆଧ୍ୟାତ୍ମିକ ଭାବ ଚେତନାର ଏକ ପବିତ୍ର ଓ ସ୍ମରଣୀୟ ଦିନଟି। ଏହି ଦିନେ ଘରେ ଘରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ହେବା ସହ ଭଗବାନ ନୃସିଂହଙ୍କ ପୂଜା ପାଠ ହୋଇଥାଏ। କେବଳ ଗ୍ରାମାଞ୍ଚଳର ମଠ ମନ୍ଦିର ନୁହେଁ ସହରାଞ୍ଚଳରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ଅନେକ ପୂଜା ନୀତିକାନ୍ତି ପ୍ରସ୍ତୁତ ହୋଇଥାଏ।

ନୃସିଂହ ବ୍ରତ ସମ୍ପର୍କରେ 'ଭବିଷ୍ୟ' ପୁରାଣରେ ଉଲ୍ଲେଖ ରହିଛି। ଝାଡ଼ଖଣ୍ଡରେ ଓଡ଼ିଆ ସବୁଠି ଭର୍ତ୍ତି। ବିଶେଷକରି ଉତ୍କଳ ଆସୋସିଏସନ ପରିସର ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲମୁରୀ ଉତ୍କଳ ସମାଜ ପରିସରସ୍ଥିତ ଜଗନ୍ନାଥ ମନ୍ଦିର, ଶାସ୍ତ୍ରୀ ନଗର ବାନ୍ଧବ ସମିତି ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲପାହାଡ଼ି ସ୍ଥିତ ଜଗନ୍ନାଥ ମନ୍ଦିର, ଖାସମହଲ ରେଲୱେ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ଓଡ଼ିଆଙ୍କ ଭିଡ଼ ଜମିଥାଏ ଏବଂ ନୂତନ ବସ୍ତ୍ର ପରିଧାନ କରି ଭଗବାନ ନୃସିଂହଙ୍କ ପୂଜା ଆରାଧନ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମହାପ୍ରଭୁ ଶ୍ରୀନୃସିଂହ। ତେଣୁ ଜଗନ୍ନାଥଙ୍କର ଏହି ଦିବସରେ ନୃସିଂହ ବେଶ ଅନୁଷ୍ଠିତ ହୋଇଥିବାରୁ ଏହି ଦେବ ଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ଜଗନ୍ନାଥ ମନ୍ଦିରରେ ଭିଡ଼ ହୋଇଥାଏ। ଆମ ଓଡ଼ିଆ ଭାଷାବାସୀଙ୍କ ପ୍ରମୁଖ ସ୍ଥାନ ଗୁଡ଼ିକ ହେଉଛି ସାକଚୀ, କଦମା, ସୋନାରୀ, ବର୍ମା ମାଇନ୍ସ, ସିଦ୍ଧଗୋଡ଼ା, ବାରେଡ଼ି, ବିଜୟା ଗାର୍ଡ଼େନ, ବିର୍ସା ନଗର, ଆଦିତ୍ୟପୁର, ଟାଟାନଗର, ଖାସମହଲ, କରାଣ୍ଡି, ପର୍ଶୁଡିହ ପ୍ରମୁଖ। ହଁ, ଝାଡ଼ଖଣ୍ଡର ଓଡ଼ିଆ ମନ୍ଦିର ଓ ନୃସିଂହ ବ୍ରତ ପୂଜା ସମ୍ପର୍କରେ ଲେଖୁଥିବାବେଳେ ଏଠାରେ କହି ରଖେ ପଣ୍ଡିତ ଗୋପୀନାଥ ମିଶ୍ର ହେଉଛନ୍ତି ଜାମସେଦପୁରର ପ୍ରତିଷ୍ଠିତ କର୍ମକାଣ୍ଡ ପୁରୋହିତ ଓ ବିଶିଷ୍ଟ ଯଜ୍ଞ ପୂଜକ, ତତ୍ତ୍ୱଜ୍ଞାନୀ। ତେବେ ଜାମସେଦପୁରରେ କେଦାର ନନା ଓ ବାଇଧର ନନାଙ୍କ ନାଁ ମଧ୍ୟ ବେଶ ଜଣାଶୁଣା। ବାରିଡିହର ଚକ୍ରଧର ନନା, କଦମାର ଶଙ୍କର ନନା, ପ୍ରଭାକର ନନା, ଗନୁ ନନା, କାଶିଡିଅର ନିରଞ୍ଜନ ନନା, କେଦାର ନନା, ଲମ୍ବୋଦର ନନା, ପ୍ରଦୀପ ନନା ଓ ମଣ୍ଟୁ ନନା, ଗୌରାଙ୍ଗ ନନା ଆଦି ପୂଜା ପାର୍ବଣ କ୍ଷେତ୍ରରେ ଜଣେ ଜଣେ ପ୍ରତିଷ୍ଠିତ ଓ ସୁନାମ ଧନ୍ୟ ଓଡ଼ିଆ ନନା। ବିଶେଷକରି ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ସେମାଙ୍କର ପୂଜାର୍ଚ୍ଚନା ପୁରାପୁରି ନିଆରା। ଆମ ଉତ୍କଳ ଆସୋସିଏସନର ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ହେଉଛନ୍ତି ଶ୍ରୀକାନ୍ତ ମିଶ୍ର। ତାଙ୍କ ପରି ଜଣେ ନୀତିନିଷ୍ଠ ସରଳ, ଜ୍ଞାନଗର୍ଭୀ ଅଥଚ ନିରବ ସାଧକ ଭାବେ ସମାଜରେ କମ ମିଳିବେ। ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଦୁଇ ଉପସଭାପତି ସଞ୍ଜୟ ପାତ୍ର ଓ ବାଦଲ ଭୂୟାଁ ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ସହ-ସମ୍ପାଦକ ବିଭୂତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶଙ୍କ ବ୍ୟତୀତ ନିରଞ୍ଜନ ନାୟକ, ମନୋରଞ୍ଜନ ଗୌଡ଼, ଅଶୋକ ମହାପାତ୍ର, ଜୟ ପ୍ରକାଶ ଲେଙ୍କା, କିଶୋର ନାୟକ, କିଶୋର ମହାନ୍ତି, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, ପବିତ୍ର ଜେନା, ସଞ୍ଜୟ ମହାନ୍ତି, ଦିଲ୍ଲୀପ ସାହୁ, ପ୍ରଶାନ୍ତ ଦାସ, ମନୋରଞ୍ଜନ ଗିରି, ଡକ୍ଟର ବିଧୂ ଭୂଷଣ ଭୂୟାଁ ଓ ଡକ୍ଟର ପ୍ରଭାତ କୁମାର ପାଢ଼ୀ, ଅଶୋକ ସାମନ୍ତ ପ୍ରମୁଖ ସଦସ୍ୟ ଓ ଅନ୍ୟ ଓଡ଼ିଆ ଭାଇଭଉଣୀମାନେ ଏହି ଦିନରେ ବିଭିନ୍ନ ପୂଜା କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି।

ଆମ ଝାଡ଼ଖଣ୍ଡର ନୃସିଂହ ଚତୁର୍ଦ୍ଦଶୀ ବ୍ରତ ସମ୍ପର୍କରେ ଯେତିକି ତଥ୍ୟ ସଂଗ୍ରହ କଲି ପାଖାପାଖି ଆବହମାନ ସମୟରୁ ଜଗନ୍ନାଥମନ୍ଦିରରେ ନୃସିଂହ ଚତୁର୍ଦ୍ଦଶୀ ବ୍ରତ ପାଳନ ହୋଇଥାଏ। କଦମାସ୍ଥିତ ଜଗନ୍ନାଥ ମନ୍ଦିର ବାହାରେ ବୁଲି ମାଉସୀଙ୍କ ପୂଜା ସାମଗ୍ରୀ ଫୁଲ ଦୋକାନ ପାଇବେ। ସେ ମଧ୍ୟ ଏଠାରେ ତିନି ପିଢ଼ି ଧରି ରହିଲେଣି। ଆଦିତ୍ୟପୁର ଜଗନ୍ନାଥ ମନ୍ଦିର ଯିବାର ପଛ ପଟ ମୁଖ୍ୟ ରାସ୍ତାର ଡାହାଣ ପଟକୁ ଜଗନ୍ନାଥ ଭାଇଙ୍କ ଫୁଲ ଦୋକାନ। ତାଙ୍କ ଗୋସେଇଁ ବାପା ଜାମସେଦପୁରରେ ପୂଜାପାଠ କାମ କରି ପରବର୍ତ୍ତୀ ପିଢ଼ି ପାଇଁ ଏକ ପ୍ରକାର କ୍ଷେତ୍ର ପ୍ରସ୍ତୁତ କରିଥିଲେ। ବର୍ମା ମାଇନ୍ସର ଓଡ଼ିଆ ଭାଇ ବଲ୍ଲଭ ସାହୁଙ୍କ ଲୁଗା ଦୋକାନରେ ପୂଜା ପୋଷାକ, ଉଭୟ ବ୍ରାହ୍ମଣ ଯଜ୍ଞପୂଜକ ଓ ମହିଳା ପୁରୁଷଙ୍କପାଇଁ ମିଳିଥାଏ। ସେ ଏ ସବୁ ଜିନିଷ ବିଳାସପୁର, ବାରାଣସୀ ଓ ତ୍ରିଚୁରରୁ ମଗାଇ ଥାନ୍ତି। ତେବେ ଜାମସେଦପୁରରେ ତୁଳସୀ ଓ ବିଭିନ୍ନ ପ୍ରକାର ଫୁଲର ଅଭାବ ନାହିଁ କିନ୍ତୁ ନତିଦିନ ନାଇଟ ବସରେ ଏବଂ ରାତି ଟ୍ରେନରେ ଓଡ଼ିଶାରୁ ଅନେକ ଫୁଲ ଓ ବିଭିନ୍ନ ପୂଜା ଦ୍ରବ୍ୟ ପାଇଁ ଆବଶ୍ୟକୀୟ ଜିନିଷ ସବୁ ଆସିଥାଏ। ଏ କ୍ଷେତ୍ରରେ ଜାମସେଦପୁରର ଜଣେ ବିପୁଳ ଭାଇ ବେଶ ପରିଚିତ। ନୃସିଂହ ଚତୁର୍ଥୀ ଦିନ ତମାମ ଜାମସେଦପୁରର ଓଡ଼ିଆଙ୍କ ଘରେ ଘରେ ପୁଣ୍ୟମୟ ଆନନ୍ଦମୟ ଭାବଧାରା ଛୁଟି ପଡ଼େ। ସକାଳୁ ଘରର ପ୍ରବେଶ ପଥରେ ଆମ୍ବଡାଳିଆ, କଳସୀ ଓ ତୁଳସୀ ପୂଜା ସହିତ ପାହାନ୍ତି ପ୍ରହର ସମୟରୁ ପୂଜା କାର୍ଯ୍ୟ ସହ ସୂର୍ଯ୍ୟଙ୍କୁ ବନ୍ଦାପନା ଓ ଜଳଦାନ କରାଯାଇଥାଏ। ଝୋଟି ଚିତାରେ ଘର ବାହାର ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି କରେ। ଅନେକ ସହୃଦୟ ଓ ବିତ୍ତଶାଳୀ ଓଡ଼ିଆ ଭାଇ ଭଉଣୀମାନେ ଏହି ଦିନରେ ବିଭିନ୍ନ ଦାନ କରିଥାନ୍ତି। ଅନ୍ନଦାନ, ବସ୍ତ୍ରଦାନ ଓ ବିଭିନ୍ନ ପ୍ରକାର ସହାୟତା କରିଥାନ୍ତି। ଏହି ଦିନଟି ଲାଗିଥାଏ ସତେଯେପରି ଜାମସେଦପୁରଟି ଏକ ଓଡ଼ିଆ ଭାବନାର ଏପରି ମଜଭୁତ ମୂଳକ, ଯେଉଁଠି ହଜାର ହଜାର ଭାଇଭଉଣୀ, ମା ମାଉସୀ, ପିଲମାନେ ବିଭିନ୍ନ ମନ୍ଦିରରେ ଏକତ୍ରିତ ହୋଇଥାନ୍ତି। ନୃସିଂହ ବ୍ରତର ମହିମା ହେଉଛି ଏହି ବ୍ରତର ପ୍ରଭାବରେ ବ୍ରତ ଧାରୀର ଦିବ୍ୟ ଜ୍ଞାନ ଉଦୟ ହୋଇଥାଏ। ଧର୍ମପ୍ରତି ଜଣେ ଅଧିକ ନିବିଡ଼ ହୋଇଥାଏ। ସହଜେ ଏ କର୍ମମୟ ସଂସାର ହେଉଛି ସେହି ମହାବିଷ୍ଣୁଙ୍କ ଜଳମୟ କ୍ଷେତ୍ର। ସାଂସାରିକ ବ୍ୟାପାର ଭିତରେ ଜନ୍ମମୃତ୍ୟୁର ଚକ୍ର ଓ ସୁଖ ଦୁଃଖ ଭିତରେ ଭଗବାନ ଶ୍ରୀନୃସିଂହ ଆମ ସମସ୍ତଙ୍କୁ କୃପା ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ଗାଁ ହେଉଛି ଭାରତର ଆତ୍ମା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ପୂର୍ବ ତୁଳନାରେ, ଗାଆଁର ବର୍ତ୍ତମାନର ଅବସ୍ଥା ଅନେକ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହି ପରିବର୍ତ୍ତନଗୁଡ଼ିକ ସକାରାତ୍ମକ ଏବଂ ନକାରାତ୍ମକ ଉଭୟ, କାରଣ ଗ୍ରାମ୍ୟ ଜୀବନଶୈଳୀରେ ଏକ ନୂତନ ପରିବର୍ତ୍ତନ ଆସିଛି। ଗାଁରେ ଆଧୁନିକ ସୁବିଧା ଦ୍ରୁତ ଗତିରେ ବିକାଶ ହେଉଛି। ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପୂର୍ବ ଅପେକ୍ଷା ଭଲ ଅଛି। ଅନେକ ଗାଆଁରେ ପକ୍କା ରାସ୍ତା ନିର୍ମାଣ ସହର ସହିତ ସଂଯୋଗୀକରଣକୁ ସହଜ କରିଛି। ବିଦ୍ୟୁତ୍ ବୃଦ୍ଧି ସହିତ, ଲୋକମାନେ ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସୂଚନା ପାଇପାରୁଛନ୍ତି। କୃଷି କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସିଛି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଚାଷ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି, ରାସାୟନିକ ସାର ଏବଂ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରାଯାଉଛି। ଏହା ଉତ୍ପାଦନ ବୃଦ୍ଧି କରିଛି, କିନ୍ତୁ ମାଟିର ଉର୍ବରତା ଏବଂ ପରିବେଶ ପ୍ରଦୂଷଣ ମଧ୍ୟ ହ୍ରାସ ପାଉଛି। ଶିକ୍ଷାର ଗୁଣବତ୍ତା ଉନ୍ନତ ହୋଇଛି। ଗ୍ରାମୀଣ ଛାତ୍ରମାନେ ଏବେ ଉଚ୍ଚ ଶିକ୍ଷା ପାଇଁ ସହରରେ ଭଲ ଚାକିରି ଖୋଜୁଛନ୍ତି। ତଥାପି, ଏହା ଗାଁରେ ଯୁବଶକ୍ତିକୁ ହ୍ରାସ କରୁଛି, ଏହି ଘଟଣା ଯାହାକୁ "ଗ୍ରାମୀଣ ପ୍ରବାସ" କୁହାଯାଏ। ସାମାଜିକ ଏବଂ ସାଂସ୍କୃତିକ ପରିବର୍ତ୍ତନ ମଧ୍ୟ ଘଟୁଛି। ପୂର୍ବରୁ, ଗାଁରେ ସମ୍ପ୍ରଦାୟ ଏବଂ ସଂହତିର ଏକ ଦୃଢ଼ ଭାବନା ଥିଲା, କିନ୍ତୁ ବର୍ତ୍ତମାନ ବ୍ୟକ୍ତିବାଦ ବୃଦ୍ଧି ପାଇଛି। ପାରମ୍ପରିକ ପର୍ବ ଏବଂ ପ୍ରଥା ଧୀରେ ଧୀରେ ହ୍ରାସ ପାଉଛି। ଆର୍ଥିକ ପରିବର୍ତ୍ତନ ମଧ୍ୟ ଘଟିଛି। କେବଳ କୃଷି ଉପରେ ନିର୍ଭରଶୀଳତା ହ୍ରାସ ପାଇଛି, ଏବଂ ଛୋଟ ବ୍ୟବସାୟ, ଦୈନିକ ମଜୁରିଆ ଶ୍ରମିକ, ସରକାରୀ ଯୋଜନା ଏବଂ ଆତ୍ମନିଯୁକ୍ତି ବୃଦ୍ଧି ପାଇଛି। ତଥାପି, ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା ଜାରି ରହିଛି।

ଗାଆଁ ହେଉଛି ଭାରତର ଆତ୍ମା। ପ୍ରାଚୀନ କାଳରେ, ଗାଆଁ ସରଳତା, ସମନ୍ୱୟ ଏବଂ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କର ସମାର୍ଥକ ଥିଲା। ତଥାପି, ପରିବର୍ତ୍ତନଶୀଳ ସମୟ ସହିତ, ଗାଁର ଦୃଶ୍ୟ ମଧ୍ୟ ଅନେକ ଦିଗରେ ପରିବର୍ତ୍ତନ ହୋଇଛି। ଆଜିର ଗାଆଁ ଗୁଡ଼ିକ ପୂର୍ବଠାରୁ ଅନେକ ଦିଗରେ ଭିନ୍ନ। ସେତେବେଳେ ପରିବେଶ ସୁନ୍ଦର ଏବଂ ସଫା ଥିଲା। ସବୁଠି ସବୁଜିମା, ଗଛ, ନଦୀ, ନାଳ ଏବଂ ଖୋଲା ଆକାଶ ଦୃଶ୍ୟମାନ ହେଉଥିଲା। ବାୟୁ ସ୍ୱଚ୍ଛ ଏବଂ ନିର୍ମଳ ଥିଲା। ଲୋକମାନେ ପ୍ରକୃତି ସହିତ ସମନ୍ୱୟରେ ବାସ କରୁଥିଲେ। ତଥାପି, ଆଜିର ଗାଆଁ ଗୁଡ଼ିକରେ ଅନେକ ପରିବର୍ତ୍ତନ ଦୃଶ୍ୟମାନ ହେଉଛି। ଗଛ କଟା ହେଉଛି, ଜଳ ଉତ୍ସ ଶୁଖିଯାଉଛି, ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯାନବାହାନ ଏବଂ କୃଷିରେ ରାସାୟନିକ ପଦାର୍ଥର ବ୍ୟବହାର ପରିବେଶକୁ ପ୍ରଭାବିତ କରୁଛି। ପୂର୍ବରୁ, ଗ୍ରାମବାସୀଙ୍କ ଜୀବନ ସରଳ ଏବଂ ସାଧାରଣ ଥିଲା। ସେମାନେ ଅଧିକାଂଶ ଚାଷ କରୁଥିଲେ ଏବଂ ଏକ ସାଧାରଣ ଜୀବନଯାପନ କରୁଥିଲେ। ସେମାନଙ୍କର ଖାଦ୍ୟ ସୁସ୍ଥ ଏବଂ ସ୍ୱାଦିଷ୍ଟ ଥିଲା, ଯାହା ସେମାନଙ୍କ ନିଜସ୍ୱ ଜମିରୁ ପ୍ରାପ୍ତ ହୋଇଥିଲା। ଆଜି,



ଗ୍ରାମବାସୀଙ୍କ ଜୀବନଶୈଳୀରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ଲୋକମାନେ ଆଧୁନିକ ସୁବିଧା ଉପଭୋଗ କରୁଛନ୍ତି। ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ଗାଆଁ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ବାହାର ଖାଦ୍ୟର ପ୍ରଭାବ ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ଗାଆଁ ଗୁଡ଼ିକରେ ଶିକ୍ଷା ସୁବିଧା ସୀମିତ ଥିଲା। ଅଧିକାଂଶ ଲୋକ ନିରକ୍ଷର ଥିଲେ ଏବଂ ସେମାନଙ୍କୁ ଶିକ୍ଷା ପାଇଁ ସହରକୁ ଯିବାକୁ ପଡୁଥିଲା। ଆଜି, ପ୍ରତ୍ୟକ ଗାଆଁ ଗୁଡ଼ିକରେ ଶିକ୍ଷାରେ ଯଥେଷ୍ଟ ଉନ୍ନତି ହୋଇଛି। ସରକାରୀ ସ୍କୁଲ, କଲେଜ ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଛାତ୍ରମାନେ ଏବେ ଡିଜିଟାଲ ଭାବରେ ମଧ୍ୟ ପଢୁଛନ୍ତି। ପୂର୍ବରୁ, ଗାଆଁ ଗୁଡ଼ିକରେ ପରିବହନ ସୁବିଧା ବହୁତ ଖରାପ ଥିଲା। ଲୋକମାନେ ପାଦରେ କିମ୍ବା ବଳଦ ଗାଡ଼ିରେ ଯାତ୍ରା କରୁଥିଲେ। ସଂଯୋଗୀକରଣ ମଧ୍ୟ ଖରାପ ଥିଲା। ଆଜି ରାସ୍ତା, ବସ୍, ମୋଟରସାଇକେଲ୍ ଏବଂ ଅନ୍ୟାନ୍ୟ ଯାନବାହାନ ଉପଲବ୍ଧ। ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗ ବହୁତ ସହଜ ହୋଇଯାଇଛି। ପୂର୍ବରୁ, ଗାଆଁ ଗୁଡ଼ିକର ଆର୍ଥିକ ଅବସ୍ଥା କୃଷି ଉପରେ ମୁଖ୍ୟତଃ ନିର୍ଭର କରୁଥିଲା। ଆୟ ସୀମିତ ଥିଲା ଏବଂ ଜୀବନ ସରଳ ଥିଲା। ଆଜି ଲୋକମାନେ ବିଭିନ୍ନ ବୃତ୍ତିରେ ନିୟୋଜିତ। ଚାଷ ସହିତ, ବ୍ୟବସାୟ, ଚାକିରି ଏବଂ ଛୋଟ କାମ ମଧ୍ୟ ବୃଦ୍ଧି ପାଇଛି। ଆର୍ଥିକ ଅବସ୍ଥା ଉନ୍ନତ ହୋଇଛି। ପୂର୍ବରୁ, ଗାଆଁ ଗୁଡ଼ିକରେ ସମ୍ପର୍କ ଏବଂ ବନ୍ଧୁତା ବହୁତ ମଜବୁତ ଥିଲା। ପଡ଼ୋଶୀମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ। ପର୍ବ ଏବଂ ଉତ୍ସବଗୁଡ଼ିକ ଗୋଷ୍ଠୀ ଭାବରେ ପାଳନ କରାଯାଉଥିଲା। ଆଜି ଏହି ବନ୍ଧନ କିଛିଟା ହ୍ରାସ ପାଇଛି। ଲୋକମାନେ ବ୍ୟସ୍ତବହୁଳ ଜୀବନ ବିତାଉଛନ୍ତି ଏବଂ ସେମାନଙ୍କର ପରିଚୟ ବିସ୍ତାର ହୋଇଛି।

ପୂର୍ବରୁ ଗାଆଁ ଗୁଡ଼ିକରେ ଚିକିତ୍ସା ସୁବିଧା ବହୁତ ଖରାପ ଥିଲା। ଲୋକମାନେ ଘରୋଇ ଉପଚାର କିମ୍ବା ପାରମ୍ପରିକ ପଦ୍ଧତି ଉପରେ ନିର୍ଭର କରୁଥିଲେ। ଆଜି ହସ୍ପିଟାଲ ଏବଂ ଆଶା କର୍ମୀମାନଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆ ଯାଉଛି । ଜୀବନର ଗୁଣବତ୍ତା ଉନ୍ନତ ହୋଇଛି। ପୂର୍ବରୁ, ପ୍ରଯୁକ୍ତିବିଦ୍ୟା କୌଣସି ଭୂମିକା ଗ୍ରହଣ କରିନଥିଲା, ସମସ୍ତ କାମ ହାତରେ କରାଯାଉଥିଲା। ପ୍ରଯୁକ୍ତିବିଦ୍ୟା ଆଜିର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଚାଷରେ ଟ୍ରାକ୍ଟର, ମେସିନ୍ ଏବଂ ଜଳସେଚନ ବ୍ୟବସ୍ଥା ବ୍ୟବହାର କରାଯାଏ। ଡିଜିଟାଲ୍ ପେମେଣ୍ଟ ଏବଂ ଅନଲାଇନ୍ ସେବା ମଧ୍ୟ ଲୋକପ୍ରିୟ। ପୂର୍ବ ଗାଆଁ ଗୁଡ଼ିକରେ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ଅତ୍ୟନ୍ତ ମୂଲ୍ୟବାନ କରାଯାଉଥିଲା। ବୟସ୍କମାନଙ୍କୁ ସମ୍ମାନ କରାଯାଉଥିଲା ଏବଂ ପରମ୍ପରାଗୁଡ଼ିକୁ ଅନୁସରଣ କରାଯାଉଥିଲା। କିନ୍ତୁ ଆଜି ଏହି ମୂଲ୍ୟବୋଧ କିଛିଟା ହ୍ରାସ ପାଇଛି। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବୃଦ୍ଧି ପାଇଛି। ତଥାପି, ମୂଳ ଗ୍ରାମ ସଂସ୍କୃତି ଏବେ ବି କିଛି ବଞ୍ଚି ରହିଛି। ପୁରୁଣା ଗାଆଁ ଏବଂ ଆଜିର ଗାଆଁ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଛି । ପୂର୍ବରୁ ଗାଆଁ ଗୁଡ଼ିକ ସରଳ ଏବଂ ପ୍ରକୃତି-ଭିତ୍ତିକ ଥିଲା, ଯେତେବେଳେ ଆଜିର ଆଧୁନିକ ଏବଂ ବିକଶିତ। ଏହି ପରିବର୍ତ୍ତନ ସହିତ, ଆମକୁ ପୁରୁଣା ମୂଲ୍ୟବୋଧ ଏବଂ ପରମ୍ପରାକୁ ସଂରକ୍ଷଣ କରିବାକୁ ପଡିବ। ଯଦି ସଂସ୍କୃତି ଏବଂ ପ୍ରକୃତି ପ୍ରଗତି ସହିତ ସମନ୍ୱୟ ରଖେ, ତେବେ ଗାଆଁର ମୂଳ ସୌନ୍ଦର୍ଯ୍ୟ ବଜାୟ ରହିବ। ତଥାପି, ଆଜିର ଗାଆଁ ଗୁଡ଼ିକ ପରିବେଶ ଏବଂ ସ୍ୱାସ୍ଥ୍ୟ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଜଳ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଏବଂ ପ୍ଲାଷ୍ଟିକର ବର୍ଦ୍ଧିତ ବ୍ୟବହାର ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଆଜିର ଗାଆଁ ବହୁ ବିକଶିତ ତଥାପି ଏହି ବିକାଶ ସତ୍ତ୍ୱେ, ଆମକୁ ଆମର ଗାଆଁ ଗୁଡ଼ିକର ପ୍ରାଚୀନ ପରମ୍ପରା, ସଂସ୍କୃତି ଏବଂ ପରିବେଶକୁ ସଂରକ୍ଷଣ କରିବାକୁ ପଡିବ। ତେଣୁ, ପୁରୁଣା ଗାଆଁ ଏବଂ ଆଜିର ଗାଆଁ ଦୁଇଟି ଭିନ୍ନ ଚିତ୍ର ଉପସ୍ଥାପନ ହେଉଥିଲେ ମଧ୍ୟ , କିନ୍ତୁ ଉଭୟର ନିଜସ୍ୱ ସୌନ୍ଦର୍ଯ୍ୟ ଏବଂ ମୂଲ୍ୟ ଅଛି ଓ ଆଗକୁ ରହିବ ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**

# ୫ ରାଜ୍ୟରେ ଭୋଟ ଗଣତି ଆଜି




ନୂଆଦିଲ୍ଲୀ, ୩।୫ଃ କାଉଣ୍ଟଡାଉନ ସରିଛି। ବିଧାନସଭା ନର୍ବାଚନକୁ ନେଇ ଜାରି ରହିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତଃ ଘଟିଛି। ମତଦାନ ସରିଥିବା ପାଞ୍ଚଟି ରାଜ୍ୟରେ ଆସନ୍ତାକାଲି ଭୋଟ୍ ଗଣତି ହେବ। ଏଥିସହିତ କେଉଁ ରାଜ୍ୟରେ କେଉଁ ଦଳ ସରକାର ଗଢ଼ିବ ତାହା ସ୍ପଷ୍ଟ ହୋଇଯିବ। ଜାତୀୟ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁଯାୟୀ, ମେ ୪ ତାରିଖ ସକାଳେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଭୋଟ୍ ଗଣତି ହେବ। ଆସାମରେ ବିଧାନସଭା ନିର୍ବାଚନର ଭୋଟ ଗଣତି ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟର ୩୫ ଜିଲ୍ଲାର ୪୦ଟି କେନ୍ଦ୍ରରେ ସମସ୍ତ ୧୨୬ଟି ଆସନ ପାଇଁ କଡ଼ା ସୁରକ୍ଷା ମଧ୍ୟରେ ଭୋଟ୍ ଗଣତି କରାଯିବ। ଏଥିସହିତ ୫୯ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ୭୨୨ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଆସନ୍ତାକାଲି ନିର୍ଣ୍ଣୟ କରାଯିବ। ଆସାମରେ ଏପ୍ରିଲ୍ ୯ ତାରିଖରେ ମତଦାନ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ୮୫.୯୬ ପ୍ରତିଶତ ମତଦାନ ରେକର୍ଡ ହୋଇଥିଲା। ଆସାମାରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ପୁଣିଥରେ ଶାସନକୁ ଆସିବ ବୋଲି ଏକଜିଟ ପୋଲଗୁଡ଼ିକ ପୂର୍ବାନୁମାନ କରିଥିବା ବେଳେ ଆସାମ ଏନଡିଏ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ପୁଣିଥରେ ସରକାର ଗଢ଼ିପାରନ୍ତି ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଅପରପକ୍ଷରେ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ଆସମ ସମ୍ମିଳୀତ ମୋର୍ଚ୍ଚା ମଧ୍ୟ ସରକାର ଆସିବା ପାଇଁ ଆଶା ପ୍ରକାଶ କରିଛି। ତାମିଲନାଡୁରେ ଡିଏମକେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ରାଜନୈତିକ ମେଣ୍ଟ (ଏସପିଏ), ବିଜେପି ସମର୍ଥିତ ଏଆଇଏଡିଏମକେ ଏବଂ ନୂତନ ଭାବେ ଗଠିତ ତାମିଲାଗା ଭେଟ୍ରି କାଜାଘମ (ଟିଭିକେ) ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଛି। ଡିଏମକେ ମେଣ୍ଟ ବହୁମତ ସହିତ କ୍ଷମତା ବଜାୟ ରଖିପାରେ ବୋଲି ବିଭିନ୍ନ ଏକଜିଟ୍ ପୋଲ ପୂର୍ବାନୁମାନ କରିଥିଲେ ମଧ୍ୟ ଏଆଇଡିଏମକେ କ୍ଷମତାକୁ ଆସିବା ନେଇ ଆଶା ହରାଇ ନାହିଁ। ଅପରପକ୍ଷରେ, ନୂଆକରି ନିର୍ବାଚନ ମଇଦାନରେ ପାଦ ରଖିଥିବା ଥାଲାପତି ବିଜୟଙ୍କ ଟିଭିକେ ହୁଏତ ସମସ୍ତଙ୍କୁ ଚକମା ଦେଇ ମ୍ୟାଜିକ୍ ଅଙ୍କ ଅତିକ୍ରମ କରିପାରେ ବୋଲି କେତେକ ଏକଜିଟ୍ ପୋଲ୍ ଆକଳନ କରିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ତାମିଲନାଡୁରେ, ମୋଟ ୧୦,୫୪୫ ଜଣ ଗଣନା କର୍ମଚାରୀଙ୍କୁ ଗଣନା କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି। ଏଥିସହିତ ସେମାନଙ୍କୁ ସହଯୋଗ କରିବା ଲାଗି ୪,୬୨୪ ଜଣ ମାଇକ୍ରୋ-ପର୍ଯ୍ୟବେକ୍ଷକଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଆକାଶବାଣୀ ସମ୍ବାଦଦାତା ରିପୋର୍ଟ କରିଛନ୍ତି ଯେ, ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜଣେ କରି ୨୩୪ ଜଣ ଗଣନା ପର୍ଯ୍ୟବେକ୍ଷକ କାର୍ଯ୍ୟ ତଦାରଖ କରିବେ ଏବଂ କମିଶନଙ୍କ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ା ପାଳନ ସୁନିଶ୍ଚିତ କରିବେ। ପୁଡୁଚେରୀରେ ବିଧାନସଭା ନିର୍ବାଚନର ଗଣନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ଏବଂ ବ୍ୟାପକ ସୁରକ୍ଷା ଏବଂ ତଦାରଖ ବ୍ୟବସ୍ଥା କରାଯାଇଛି। ପୁଡୁଚେରୀ ମୁଖ୍ୟ ନିର୍ବାଚନ ଅଧିକାରୀ ପି. ଜବାହର ଆକାଶବାଣୀ ପ୍ରତିନିଧିଙ୍କୁ ଜଣାଇଛନ୍ତି ଯେ, ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ସମଗ୍ର ପ୍ରକ୍ରିୟା ସ୍ୱଚ୍ଛ ଭାବରେ ପରିଚାଳିତ ହେବ। ସେହିପରି କେରଳ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗଣନା ପାଇଁ ସମସ୍ତ ବ୍ୟବସ୍ଥା ସମାପ୍ତ ହୋଇଛି।

ତେବେ ସମଗ୍ର ଦେଶର ନଜର ରହିଛି ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଉପରେ। ସୁରକ୍ଷା ସମେତ ବିଭିନ୍ନ ପାରିପାର୍ଶ୍ୱିକ ଦୃଷ୍ଟିକୋଣରୁ ପାଞ୍ଚଟି ରାଜ୍ୟ ମଧ୍ୟରୁ ପଶ୍ଚିମବଙ୍ଗକୁ ଅଧିକ ପ୍ରାଧାନ ଦିଆଯାଇଛି। ବିଜେପି ପ୍ରଥମ କରି ବଙ୍ଗଦଖଲ କରିବା ପାଇଁ ଜୋରଦାର ପ୍ରୟାସ କରିଛି। ତୃଣମୂଳ ମଧ୍ୟ ଚତୁର୍ଥଥର ପାଇଁ ସରକାର ଗଠନ କରି ରେକର୍ଡ କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଏପ୍ରିଲ ୨୯ ତାରିଖରେ ବୁଥ ବାହୁଡ଼ା ମତଦାନରେ ବିଜେପି ବଙ୍ଗଳାରେ ସରକାର ଗଠନ କରିବ ବୋଲି ଆକଳନ କରାଯାଇଛି। ମମତା ବାନାର୍ଜୀ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହିତ ତାଙ୍କ ଦଳ ୨୦୦ରୁ ଅଧିକ ମତଦାନ ପାଇ ଚତୁର୍ଥଥର ସରକାର ଗଠନ କରିବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏସବୁକୁ ବିବେଚନା କଲେ ଆସନ୍ତାକାଲି ପଶ୍ଚିମବଙ୍ଗ ହେବାକୁ ଥିବା ଭୋଟ୍ ଗଣତିରେ ସ୍ୱଚ୍ଛତା ବଜାୟ ରଖିବା ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିର୍ବାଚନ କମିଶନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି। ସେଥିଲାଗି, ନିର୍ବାଚନ କମିଶନ ବଙ୍ଗଳାରେ ୧୬୫ ଜଣ ଅତିରିକ୍ତ ଗଣନା ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। ଏମାନେ ସମସ୍ତେ କେନ୍ଦ୍ର ସରକାରଙ୍କ କର୍ମଚାରୀ। ଏହା ସହିତ ପ୍ରଥମ ଥର ପାଇଁ ନିର୍ବାଚନ କମିଶନ ଏକ ସୁଗମ, ସୁରକ୍ଷିତ ଏବଂ ସ୍ୱଚ୍ଛ ଭୋଟ ଗଣନା ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ୭୭ ଜଣ ପୋଲିସ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। କିନ୍ତୁ ଏହି ପର୍ଯ୍ୟବେକ୍ଷକମାନେ ଭୋଟ୍ ଗଣତି କକ୍ଷରେ ପ୍ରବେଶ କରିପାରିବେ ନାହିଁ।



## ୬ ଫ୍ଲାଟ୍‌ରେ ଅଗ୍ନିକାଣ୍ଡ, ୯ ମୃତ

ନୂଆଦିଲ୍ଲୀ,୩।୫ଃ ପୂର୍ବ ଦିଲ୍ଲୀର ଶାହଦାରା ଅଞ୍ଚଳସ୍ଥିତ ବିବେକ ବିହାରରେ ଏସି ବ୍ଲାଷ୍ଟ ହୋଇ ୬ଟି ଫ୍ଲାଟରେ ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ଖବର ପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି। ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି। ୯ ଜଣଙ୍କର ମୃତ୍ୟୁ ହୋଇଛି। ବିଲ୍ଡିଂରେ ମୋଟ୍ ୮ଟି ପରିବାର ରହୁଥିବା ଜାଣିବାକୁ ମିଳିଛି। ପୁଲିସ କହିଛି ଯେ, ରବିବାର ପ୍ରାୟ ୩ଟା ୪୮ ରାତ୍ରି ସମୟରେ ବିବେକ ବିହାରରେ ଅଗ୍ନିକାଣ୍ଡ ଘଟିଥିବା ଖବର ମିଳିଥିଲା। ଅଗ୍ନିକାଣ୍ଡ କମ୍ପ୍ଲେକ୍ସର ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ମହଲାରେ ଥିବା ଫ୍ଲାଟଗୁଡ଼ିକୁ ପୋଡ଼ି ଯାଇଛି। ଉଦ୍ଧାର ଏବଂ ଅଗ୍ନି ନିର୍ବାପନ କାର୍ଯ୍ୟ ସମୟରେ, କୋଠାରୁ ୧୦-୧୫ ଜଣଙ୍କୁ ଉଦ୍ଧାର କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସାମାନ୍ୟ ଆହତ ହୋଇଥିଲେ ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ଗୁରୁ ତେଗ ବାହାଦୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଯୁବକଙ୍କୁ ହତ୍ୟା କରି କୂଅରେ ଫିଙ୍ଗିଦେଲେ ଦୁର୍ବୃତ୍ତ

ଜୟପୁର,୩।୫ଃ ରାଜସ୍ଥାନର ବାଲୋତରା ଜିଲାରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଅପହରଣ କରି ପିଟି ପିଟି ହତ୍ୟା କରିଛନ୍ତି। ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ମୃତଦେହକୁ ପଡ଼ୋଶୀ ଜିଲାର ଏକ କୂଅରେ ଫିଙ୍ଗି ଦେଇଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ସାନଭାଇର ନିଖୋଜ ହେବା ଦୁଃଖରେ ବଡ଼ ଭାଇ ମଧ୍ୟ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମୃତକ ହେଉଛନ୍ତି ବାଲୋତରା ବାସିନ୍ଦା ବାଟିୟା ଓରଫ ସୁରେଶ। ସୁରେଶ ସିୱାନାରେ ଶ୍ରମିକ ଭାବରେ କାମ କରୁଥିଲେ। ଏପ୍ରିଲ ୧୫ତାରିଖରେ ବୀର ବାପଜୀ ମନ୍ଦିର ନିକଟରେ ସୁରେଶଙ୍କର ଈଶ୍ୱର ଭିଲ ନାମକ ଜଣେ ବ୍ୟକ୍ତିଙ୍କ ସହିତ ଝଗଡ଼ା ହୋଇଥିଲା। ଏପ୍ରିଲ ୨୩ ତାରିଖରେ ଅଭିଯୁକ୍ତ ଦେବରା ଗ୍ରାମର ଏକ ରେଳ କ୍ରସିଂ ନିକଟରୁ ସୁରେଶଙ୍କୁ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲା ଏବଂ ତାଙ୍କୁ ପିଟି ପିଟି ହତ୍ୟା କରିଥିଲା।

## ରୁଷର ଡ୍ରୋନ୍ ଓ ମିସାଇଲ୍ ମାଡ଼, ୧୦ ନିହତ



ମସ୍କୋ, ୩।୫ଃ ରୁଷର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ଗତ ଦୁଇଦିନ ମଧ୍ୟରେ ୟୁକ୍ରେନର ୧୦ ଜଣ ନିହତ ହୋଇଥିବା ବେଳେ ଅନ୍ୟୁନ ୭୬ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍ ଉପରେ ମସ୍କୋର ନିରନ୍ତର ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ ସମ୍ପର୍କରେ ମତ ଦେଇ ୟୁକ୍ରେନର ପାଞ୍ଚଜଣ ଆଞ୍ଚଳିକ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ, ରୁଷର ଦୁଇଟି ବନ୍ଦରରେ ଦୁଇଟି ପୃଥକ୍ ଆକ୍ରମଣରେ ରୁଷର ତିନୋଟି ଟ୍ୟାଙ୍କର, ଗୋଟିଏ କ୍ରୁଜ ମିସାଇଲ୍ ପରିବାହୀ ଯୁଦ୍ଧ ଜାହାଜ ଏବଂ ଗୋଟିଏ ପାଟ୍ରୋଲିଂ ଡଙ୍ଗା କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି କହିଛନ୍ତି। ରୁଷୀୟ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ସମ୍ପର୍କରେ କୌଣସି ସ୍ପଷ୍ଟ ବିବରଣୀ ମିଳିନାହିଁ। ତେବେ ଜେଲେନ୍ସ୍କି କହିଛନ୍ତି ଯେ ଟ୍ୟାଙ୍କରଗୁଡ଼ିକ ରୁଷିଆର ଛାୟା ଫ୍ଲିଟ୍ର ଅଂଶ ଥିଲା। ୨୦୨୨ ମସିହାରେ ପାଶ୍ଚାତ୍ୟ କଟକଣାକୁ ଏଡ଼ାଇବା ପାଇଁ ମସ୍କୋ ଏଗୁଡ଼ିକୁ ବ୍ୟବହାର କରୁଥିଲା। ୟୁକ୍ରେନର ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ଗତ କାଲି ରାତିରେ ରୁଷ୍ ୟୁକ୍ରେନ୍ ଉପରେ ୨୬୯ଟି ଡ୍ରୋନ୍ ମାଡ଼ କରିଥିଲା। ସେଥିମଧ୍ୟରୁ ୨୪୯ଟିକୁ ଖସାଇ ଦିଆଯାଇଥିବା ବେଳେ ଅନ୍ୟ କେତେକକୁ ଅକାମୀ କରିଦିଆଯାଇଛି। କେବଳ ୧୫ଟି ସ୍ଥାନରେ ୧୯ଟି ଡ୍ରୋନ୍ ଏବଂ ଗୋଟିଏ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଥିବା ୟୁକ୍ରେନ୍ ବାୟୁସେନା ନିଶ୍ଚିତ କରିଛି। ଏଥିରେ ତିନିରୁ ଚାରିଜଣ ନିହତ ହୋଇଛନ୍ତି। ଅପରପକ୍ଷରେ, ୟୁକ୍ରେନ୍ ଉତ୍ତର-ପଶ୍ଚିମରେ ଥିବା ଲେନିନଗାର୍ଡ ଅଞ୍ଚଳକୁ ଟାର୍ଗେଟ୍ କରି ଅତିକମରେ ୩୩୪ଟି ଡ୍ରୋନ୍ ମାଡ଼ କରିଥିବା ରୁଷ୍‌ର ସାମରିକ ବିଭାଗ ଦାବି କରିଛି।

## ଦକ୍ଷିଣ ଲେବାନନରେ ଇସ୍ରାଏଲର ଆକ୍ରମଣ, ୧୩ ମୃତ



ତେଲ ଅଭିଭ୍, ୩।୫ଃ ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନାର ବିମାନ ଆକ୍ରମଣରେ ଚାରି ମହିଳା ଏବଂ ଜଣେ ଶିଶୁ ସମେତ ଅତି କମରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ନବାତିହ ଜିଲ୍ଲାର ହାବୋଶରେ ଆଠଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଓ ଜଣେ ଶିଶୁ ଅଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏ ସ୍ଥାନ ଖାଲି କରିବାକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରିଥିଲା। ଶୁକ୍ରବାର ଦିନ ହୋଇଥିବା ଆକ୍ରମଣରେ ଟାୟର ଜିଲ୍ଲାର ଆଇନ ବାଲଠାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସିଡୋନ୍ ଜିଲ୍ଲାର ଜ୍ରାରିଆଠାରେ ଦୁଇ ମହିଳାଙ୍କ ସମେତ ୪ ଜଣ ନିହତ ହୋଇଛନ୍ତି। ଏଥିସହିତ ୩୨ ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟଯେ, ଇସ୍ରାଏଲ ଓ ଲେବାନନ ମଧ୍ୟରେ ତିନିସପ୍ତାହର ଯୁଦ୍ଧବିରତି ଜାରି ର ହିଛି। ଏହାସତ୍ତ୍ୱେ ଇସ୍ରାଏଲ ଓ ହିଜବୋଲ୍ଲା ମଧ୍ୟରେ ଲେବାନନରେ ଯୁଦ୍ଧ ପରିସ୍ଥିତି ଜଟିଳ ରୂପ ନେଉଛି। ଲେବାନନରେ ଥିବା ଇସ୍ରାଏଲର ସେନା ଓ ତାହାର ସାମରିକ ଯାନ ଉପରେ ଏହା ଆକ୍ରମଣ କରିଥିବା ଶନିବାର ଇରାନ ସମର୍ଥିତ ହିଜବୋଲ ପ୍ରକାଶ କରିଥିଲା। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ, ଗୁରୁବାର ଦକ୍ଷିଣ ଲେବାନନରେ ହିଜବୋଲା ସହ ସଂଘର୍ଷରେ ଜଣେ ଇସ୍ରାଏଲ ସେନା ନିହତ ହୋଇଛନ୍ତି। ଏହାକୁ ମିଶାଇ ମାର୍ଚ୍ଚ ୧୭ ପରଠାରୁ ଇସ୍ରାଏଲ ସୈନ୍ୟ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି।

## କାଉଣ୍ଟିଂ ଅଧିକାରୀ ସୂଚନା ଲିକ୍ କରୁଛନ୍ତିଃ ଶୁଭେନ୍ଦୁ



କୋଲକାତା,୩।୫ଃ କାଉଣ୍ଟିଂ ଡ୍ୟୁଟିରେ ନିୟୋଜିତ ବହୁ ଅଧିକାରୀ ସେମାନଙ୍କର ପଦବୀ ଏବଂ ଦାୟିତ୍ୱ ଭଳି ସୂଚନା ବାହାରେ ଲିକ୍ କରୁଛନ୍ତି ବୋଲି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶୁଭେନ୍ଦୁ ଅଧିକାରୀ ଅଭିଯୋଗ କରିଛନ୍ତି। ଟିଏମସି ଭୋଟ୍ ଚୋରି କରିବା ପାଇଁ ନକଲି ଆଙ୍ଗୁଠି ଛାପ ବ୍ୟବହାର କରୁଛି ବୋଲି ସେ କହିଛନ୍ତି। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ କିଛି ସ୍ପ୍ରେଡସିଟ୍ ଏବଂ ଲିଷ୍ଟ ସର୍କୁଲେଟ୍ ହେଉଛି, ଯେଉଁଥିରେ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବରେ କିମ୍ବା ଚାପରେ ସେମାନଙ୍କ ନିର୍ବାଚନ କର୍ତ୍ତବ୍ୟ ସହିତ ଜଡିତ ସୂଚନା ଦେଉଛନ୍ତି। ଏହି ସୂଚନାରେ ଗଣନା ପ୍ରକ୍ରିୟାରେ ସେମାନଙ୍କର ଭୂମିକା ମଧ୍ୟ ରହିଛି। ଏହା ନିର୍ବାଚନ ନିୟମର ଏକ ଗମ୍ଭୀର ଉଲ୍ଲଂଘନ ଏବଂ ଏହା ଅନେକ ସମସ୍ୟା ସୃଷ୍ଟି କରିପାରେ। ତାଙ୍କ ମତରେ ଯଦି କୌଣସି ଅଧିକାରୀଙ୍କ ମୁତୟନର ସୂଚନା ଏଭଳି ସଂଗଠନ ପର୍ଯ୍ୟନ୍ତ ପହଞ୍ଚିଥାଏ. ଯାହାଙ୍କ ରାଜନୈତିକ ଦୁର୍ବଳତା ରହିଛି ତେବେ ତାଙ୍କ ଉପରେ ଚାପ ପକାଯାଇପାରେ କିମ୍ବା ପ୍ରଭାବିତ କରିବାର ଚେଷ୍ଟା ହୋଇପାରେ। ବଙ୍ଗଳା ବିଧାନସଭାର ବିରୋଧୀ ଦଳ ନେତା ଏହା ମଧ୍ୟ କହିଛନ୍ତି ଯେ ଗଣନା ପ୍ରକ୍ରିୟାର ନିରପେକ୍ଷତା ମୁଖ୍ୟତଃ ଅଧିକାରୀଙ୍କ ମୁତୟନ ବିବରଣୀ ଗୋପନୀୟ ରଖିବା ଉପରେ ନିର୍ଭର କରେ। ଏହି ଗୋପନୀୟତା ଭଙ୍ଗ ଫଳାଫଳର ନିରପେକ୍ଷତାକୁ ପ୍ରଭାବିତ କରିପାରେ। ଏହା ବ୍ୟତୀତ, ସେ ଚିନ୍ତା ପ୍ରକାଶ କରିଥିଲେ ଯେ ଏପରି ସୂଚନା ସଂଗ୍ରହ କରିବା କିଛି ସଂଗଠନ ଦ୍ୱାରା ଗଣନା ପ୍ରକ୍ରିୟା ସମୟରେ ଏକ ନିର୍ଦ୍ଦିଷ୍ଟ ଦଳକୁ ଲାଭ ଦେବା ପାଇଁ ଅଧିକାରୀମାନଙ୍କୁ ଚାପ ପକାଇବାର ଏକ ପ୍ରୟାସ ହୋଇପାରେ।

# ଶାନ୍ତି ସ୍ଥାପନ ପାଇଁ ଆମେରିକାକୁ ଇରାନର ପ୍ରସ୍ତାବ



### ଇରାନର ୧୪-ସୂତ୍ରୀ ପ୍ରସାବକୁ ଟ୍ରମ୍ପଙ୍କ ହେୟଜ୍ଞାନ

ନୂଆଦିଲ୍ଲୀ, ୩।୫ଃ ଇରାନ୍ ଓ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଉତ୍ତେଜନା ଏବେ ଶୀତଳ ଯୁଦ୍ଧର ରୂପ ନେଇଛି। ଉଭୟ ରାଷ୍ଟ୍ର ଆଖିଦୃଶିଆ ଯୁଦ୍ଧବିରତିକୁ ଗୁରୁତ୍ୱ ଦେଉଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ଏବେ ମିସାଇଲ୍ କିମ୍ବା ଡ୍ରୋନ ମାଡ଼ ହେଉନାହିଁ। ତାହାର ସ୍ଥାନ ନେଇଛି ଏବେ ସୋସିଆଲ ମିଡ଼ିଆ ବୟାନବାଜି। ଉଭୟ ରାଷ୍ଟ୍ର ପରସ୍ପରକୁ ଶାନ୍ତି ତଥା ଉତ୍ତେଜନା ହ୍ରାସ କରିବା ଲାଗି ବିଭିନ୍ନ ପ୍ରସ୍ତାବ ପଠାଇବାରେ ଲାଗିଛି। କିଛିଦିନ ତଳେ ଆମେରିକା ପାକିସ୍ତାନ ମଧ୍ୟସ୍ଥତାରେ ଇରାନକୁ ଏକ ୯-ସୂତ୍ରୀ ଶାନ୍ତି ପ୍ରସ୍ତାବ ପଠାଇଥିବା ବେଳେ ତାହାର ପ୍ରତିକ୍ରିୟାରେ ଇରାନ୍ ଏବେ ସେହି ପାକିସ୍ତାନ ଜରିଆରେ ଆମେରିକାକୁ ଏକ ୧୪-ସୂତ୍ରୀ ଶାନ୍ତି ପ୍ରସ୍ତାବ ପଠାଇଛି। ସବୁଠୁ ରୋଚକ କଥା ହେଉଛି, ଇରାନ୍ ପଠାଇଥିବା ଏହି ଚତୁର୍ଦ୍ଦଶସୂତ୍ରୀ ଶାନ୍ତି ପ୍ରସ୍ତାବକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ଏହାଦ୍ୱାରା ଇରାନ୍ ଆମେରିକା ନିକଟରେ ନଇଁଯିବାକୁ ପ୍ରୟାସ କରିଛି ବୋଲି କେତେକ ସୂତ୍ର ମତବ୍ୟକ୍ତ କରିଛନ୍ତି। ତେବେ ଇରାନ ପଠାଇଥିବା ଏହି ୧୪-ସୂତ୍ରୀ ପ୍ରସ୍ତାବ ଗ୍ରହଣ କରିବା କଷ୍ଟକର ବୋଲି ଡୋନାଲ୍ଡ ଟ୍ରମ୍ପ ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଜଣାଇଛନ୍ତି। ଟମ୍ପ କହିଛନ୍ତି ଯେ, ଇରାନ ଆମକୁ ଯେଉଁ ପ୍ରସ୍ତାବ ସବୁ ପଠାଇଛି ତାହା ଉପରେ ମୁଁ ଶୀଘ୍ର ସମୀକ୍ଷା କରିବି। କିନ୍ତୁ ମୁଁ ଭାବୁନାହିଁ ଯେ ଏହା ଗ୍ରହଣୀୟ ହେବ। କାରଣ ସେମାନେ ଗତ ୪୭ ବର୍ଷ ଧରି ମାନବତା ଏବଂ ବିଶ୍ୱ ପ୍ରତି ଯାହା କରିଛନ୍ତି ତାହାର ଭାରୀମୂଲ୍ୟ ଏପର୍ଯ୍ୟନ୍ତ ସେମାନେ ଦେଇନାହାନ୍ତି। ଇରାନର ତସନିମ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ତେହେରାନର ୧୪-ସୂତ୍ରୀ ପ୍ରସ୍ତାବରେ ଲେବାନନରେ ଉତ୍ତେଜନା ସମେତ ସମସ୍ତ ମୋର୍ଚ୍ଚାରେ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ବ୍ୟାପକ ଢାଞ୍ଚା ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହି ପ୍ରସ୍ତାବରେ ଅସ୍ଥାୟୀ ଯୁଦ୍ଧବିରତିକୁ ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ ୩୦ ଦିନ ମଧ୍ୟରେ ସ୍ଥାୟୀ ସମାଧାନ କରିବାକୁ ଇରାନ୍ ଆମେରିକାକୁ ଆହ୍ୱାନ ଦେଇଛି। ଇରାନ ତା'ର ପ୍ରସ୍ତାବରେ କହିଛି ଯେ, ଭବିଷ୍ୟତରେ ଆକ୍ରମଣ ନ କରିବା ପାଇଁ ସେ ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ କରେ। ହର୍ମୁଜ ଅଞ୍ଚଳରୁ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ଏବଂ ନୌସେନା ପ୍ରତିବନ୍ଧକ ଏବଂ ଅବରୋଧ ଉଠାଇବାକୁ ଇରାନ୍ ଦାବି କରିଛି। ସେହିଭଳି ଅଟକିଯାଇଥିବା ପାଣ୍ଠିକୁ ମୁକ୍ତ କରିବା ଏବଂ ପ୍ରତିବନ୍ଧକ, ସାମରିକ ଚାପ ଯୋଗୁ ହୋଇଥିବା କ୍ଷତିର ଭରଣା କରିବାକୁ ମଧ୍ୟ ଇରାନ୍ ସ୍ପଷ୍ଟ ଦାବି କରିଛି। ଅର୍ଥନୈତିକ କ୍ଷେତ୍ରରେ ଇରାନ ସମସ୍ତ ଆମେରିକା ଏବଂ ଅନ୍ତର୍ଜାତୀୟ କଟକଣା ପ୍ରତ୍ୟାହାର କରିବାକୁ ଦାବି କରିଛି। ପ୍ରସ୍ତାବରେ ସୁଗମ ସାମୁଦ୍ରିକ ବାଣିଜ୍ୟ ସୁନିଶ୍ଚିତ କରିବା ପାଇଁ ହର୍ମୁଜ ପ୍ରଣାଳୀ ପାଇଁ ଏକ ନୂତନ ବ୍ୟବସ୍ଥା ପାଇଁ ମଧ୍ୟ କୁହାଯାଇଛି।

ପ୍ରସ୍ତାବର ପ୍ରତିକ୍ରିୟାରେ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ କହିଛନ୍ତି ଯେ, ଇରାନର ନେତୃତ୍ୱ ଭୁଶୁଡ଼ି ପଡ଼ିଲାଣି। ସେମାନଙ୍କର ଅନ୍ତରୀଣ ସ୍ଥିତି ଠିକ୍ ନାହିଁ। ଆର୍ଥକ ଅବସ୍ଥା ଦୟନୀୟ ହୋଇଗଲାଣି। ତେଣୁ ଇରାନ୍ ବିକଳ୍ପ ଭାବରେ ଶାନ୍ତି ଚାହୁଁଛି। ଇରାନର କ୍ଷେପଣାସ୍ତ୍ର କ୍ଷମତା ସମ୍ପର୍କରେ ଟ୍ରମ୍ପ କହିଛନ୍ତି, ମୁଁ ଏହାକୁ ସମାପ୍ତ କରିବାକୁ ଚାହୁଁଛି। ଏହା ସେମାନଙ୍କ ପାଇଁ ପୁଣି ନିର୍ମାଣ ଆରମ୍ଭ କରିବାର ଏକ ଉପାୟ ହେବ।

## କମିଟିକୁ ୧୦ ହଜାର ଲୋକଙ୍କ ସମ୍ପତ୍ତି ଯାଞ୍ଚ ଅଧିକାର



କାଠମାଣ୍ଡୁ, ୩।୫ଃ ଦେଶରେ ନୂତନ ଭାବରେ ଗଠିତ ଉଚ୍ଚସ୍ତରୀୟ ସମ୍ପତ୍ତି ଯାଞ୍ଚ କମିଶନକୁ ନେପାଳର ବାଲେନ୍ ଶାହ ସରକାର ୧୦ ହଜାର ଲୋକଙ୍କ ସମ୍ପତ୍ତିର ଯାଞ୍ଚ କରିବାକୁ ବ୍ୟାପକ ଅଧିକାର ଦେଇଛନ୍ତି। ନେପାଳର ପୂର୍ବତନ ଚିଫ୍ ଜଷ୍ଟିସ୍ ଓ ସେନାମୁଖ୍ୟଙ୍କ ସମ୍ପତ୍ତି ବୃଦ୍ଧିର ଯାଞ୍ଚ ମଧ୍ୟ ଏହା ଭିତରେ ସାମିଲ ଅଛି। ମାଇଁ ରିପବ୍ଲିକ୍ ରିପୋର୍ଟ ଅନୁସାରେ, ଗୁରୁବାର ପ୍ରକାଶିତ ନେପାଳ ଗେଜେଟରେ ଏକ ସୂଚନାରେ କମିଶନର ଅଧିକାର କ୍ଷେତ୍ରର ରୂପରେଖ ଦିଆଯାଇଛି। ଏଥିରୁ ଜଣାପଡୁଛି ଯେ, କମିଶନ୍ ପରିସର ଖୁବ୍ ବଡ଼। ତଦନ୍ତ ପରିସରଭୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ ବର୍ତ୍ତମାନର ରାଷ୍ଟ୍ରପତି, ପୂର୍ବତନ ପ୍ରଧାନମନ୍ତ୍ରୀ,ବହୁ ମନ୍ତ୍ରୀ, ସାଂସଦ,ସରକାରୀ କର୍ମଚାରୀ, ରାଜନୈତିକ ଭାବରେ ନିଯୁକ୍ତ ଅଧିକାରୀ ଏବଂ ସେମାନଙ୍କର ପ୍ରତିନିଧିମାନେ ଅଛନ୍ତି। କାଠମାଣ୍ଡୁରେ କମିଶନ୍‌ରେ ଜଣେ ଅଧିକାରୀ କହିଛନ୍ତି, ୧୦ ହଜାରରୁ ଅଧିକ ଲୋକ ଏହି ଯାଞ୍ଚ ପରିସରରେ ରହିବେ। ତେବେ ଏପର୍ଯ୍ୟନ୍ତ ଏହାର ସଠିକ୍ ସଂଖ୍ୟା କହିବା ସମ୍ଭବପର ହୋଇନି। ତଦନ୍ତ କମିଶନ୍ ଅଧିନିୟମ, ୧୯୬୯ ଅନୁସାରେ, ୧୫ ଅପ୍ରେଲରେ ଗଠିତ ଏହି ସଂସ୍ଥାକୁ ପୂର୍ବତନ ଅଧିକାରୀଙ୍କ ସମ୍ପତ୍ତିର ଯାଞ୍ଚ କରିବାର ଦାୟିତ୍ୱ ଦିଆଯାଇଛି। କମିଶନଙ୍କୁ ନିଜର ପ୍ରଥମ ପର୍ଯ୍ୟାୟରେ ସେନା ମୁଖ୍ୟ ଓ ଜେନେରାଲଙ୍କ ସହିତ ୨୦୦୬ ପରେ ସେବା ପ୍ରଦାନ କରୁଥିବା ବିଚାରପତିଙ୍କ ସମ୍ପତ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ। ସେବାରତ ଅଧିକାରୀ ବର୍ତ୍ତମାନ କମିଶନଙ୍କୁ ସିଧା ତଦନ୍ତର ପରିସରରେ ଆଣି ନାହାନ୍ତି।

## ୧୦ ଜନ୍ମ ପରେ ବି ଫାଲଟା ଜିତିପାରିବନି ବିଜେପିଃ ଅଭିଷେକ




କୋଲକାତା,୩।୫ଃ ୧୦ ଜନ୍ମ ପରେ ବି ବିଜେପି ଫାଲଟା ଜିତିପାରିବ ନାହିଁ ବୋଲି ତୃଣମୂଳ ପ୍ରାର୍ଥୀ ଅଭିଷେକ ବାନାର୍ଜୀ ଭାରତୀୟ ଜନତା ପାର୍ଟିକୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। ଅଭିଷେକ ଫାଲଟାରେ ପୁନଃନିର୍ବାଚନ ପାଇଁ ବିଜେପି ଅଭିଯୋଗର କଡ଼ା ଜବାବ ଦେଇ ଏକଥା କହିଛନ୍ତି। ସେ 'ଡାଇମଣ୍ଡ ହର୍ବାର ମଡେଲ' ଭାଙ୍ଗି ପଡ଼ିଛି ବୋଲି ବିଜେପିର ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ବେଙ୍ଗଲ ବିରୋଧୀ ଗୁଜରାଟୀ ଗ୍ୟାଙ୍ଗକୁ ଫାଲଟାରେ ନିର୍ବାଚନ ଲଢ଼ିବାକୁ ଚ୍ୟାଲେଞ୍ଜ କରିଛନ୍ତି। ବାନାର୍ଜୀ ତାଙ୍କ ମଡେଲର ଶକ୍ତିକୁ ପୁନରାବୃତ୍ତି କରି କହିଛନ୍ତି ଯେ ବିଜେପି ତାର ସବୁଠାରୁ ଶକ୍ତିଶାଳୀ ଲୋକଙ୍କୁ ପଠାଇଲେ ମଧ୍ୟ ସେମାନେ ଫାଲଟାରେ ସଫଳ ହେବେ ନାହିଁ। ସୂଚନାଯୋଗ୍ୟ ଯେ, ଏପ୍ରିଲ ୨୯ ତାରିଖରେ ଦକ୍ଷିଣ ୨୪ ପ୍ରଗଣାର ଫାଲଟା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ସମୟରେ ଗମ୍ଭୀର ଅନିୟମିତତା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ ପରେ ନିର୍ବାଚନ କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କମିଶନ ଭୋଟ୍ ବାତିଲ କରିଛନ୍ତି ଏବଂ ମେ' ୨୧ରେ ସମସ୍ତ ୨୮୫ ମତଦାନ କେନ୍ଦ୍ରରେ ପୁନଃନିର୍ବାଚନ ହେବବୋଲି ଘୋଷଣା କରିଛନ୍ତି।

## ଚଳନ୍ତା ବିମାନର ଏମର୍ଜେନ୍ସି ଗେଟ୍ ଖୋଲି ଯୁବକ ଗିରଫ




ଚେନ୍ନାଇ,୩।୫ଃ ଶାରଜାହାରୁ ଚେନ୍ନାଇ ଆସୁଥିବା ଏୟାର ଆରବିୟାର ଏକ ବିମାନର ଇମର୍ଜେନ୍ସି ଗେଟ୍ ଖୋଲିଦେଇଥିବା ଅଭିଯୋଗରେ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଛି। ଏହି ଯାତ୍ରୀ ଜଣକ ଚଳନ୍ତା ବିମାନର ଏମର୍ଜେନ୍ସି ଏକଜିଟ୍ ଗେଟ୍ ଖୋଲି ଦେଇଥିଲେ। ଏହି ସମୟରେ ବିମାନ ଭିତରେ ୨୩୧ ଜଣ ଯାତ୍ରୀ ଥିଲେ। ଘଟଣାଟି ରବିବାର ସକାଳେ ଘଟିଥିଲା। ଯେତେବେଳେ ଏହା ଅବତରଣ କରି ଟ୍ୟାକ୍ସିୱେରେ ଚାଲୁଥିଲା, ସେତେବେଳେ ରନୱେ ଓ ଟର୍ମିନାଲକୁ ଯୋଡୁଥିବା ରାସ୍ତାରେ ବିମାନରେ ଥିବା ୩୪ ବର୍ଷୀୟ ଜଣେ ଯୁବକ ଏମର୍ଜେନ୍ସି ଗେଟ୍ ଖୋଲି ଦେଇଥିଲେ ବୋଲି ପିଟିଆଇ ଜଣାଇଛନ୍ତି। ପିଟିଆଇର ଖବର ଅନୁସାରେ, ଘଟଣା ସମ୍ପର୍କରେ ଖବର ମିଳିବା ମାତ୍ରେ ପାଇଲଟ୍ ତୁରନ୍ତ ବିମାନକୁ ରୋକି ଦେଇଥିଲେ ଓ ଅଧିକାରୀଙ୍କୁ ଏହାର ସୂଚନା ଦେଇଥିଲେ। ସୂଚନା ମିଳିବା ମାତ୍ରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏଫଏସ) ଯବାନ, ବମ୍ ଡିସ୍ପୋଜାଲ୍ ଏକ୍ସପର୍ଟ ଓ ସଶସ୍ତ୍ର ଅଧିକାରୀଙ୍କ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଗିରଫ କରିଥିଲେ। ପାଇଲଟ୍ ଏହି ଘଟଣାକୁ ନେଇ ଅଧିକାରୀଙ୍କ ପାଖରେ ଔପଚାରିକ ଅଭିଯୋଗ ଦାଖଲ କରିଛନ୍ତି। ଅଧିକାରୀମାନେ ଯାତ୍ରୀଙ୍କୁ ପଚରା ଉଚରା କରିଛନ୍ତି ଓ ତାଙ୍କର ମାନସିକ ସ୍ଥିତିର ମଧ୍ୟ ଯାଞ୍ଚ ଚାଲିଛି। ଉଲ୍ଲେଖନୀୟ ଯେ, ବିମାନରେ ଏମର୍ଜେନ୍ସି ଏଗଜିଟ୍ ଏଭଳି ସ୍ୱତନ୍ତ୍ର କବାଟ ହୋଇଥାଏ, ଯାହାର ଉପଯୋଗ କେବଳ ଜରୁରୀକାଳୀନ ପରିସ୍ଥିତିରେ ଯାତ୍ରୀଙ୍କୁ ସୁରକ୍ଷିତ ଓ ଦ୍ରୁତ ଗତିରେ ବାହାରି କରିବା ପାଇଁ କରାଯାଇଥାଏ।

# ଦେଶର ସାମରିକ ସମୃଦ୍ଧି ଘଟାଇବ ଗ୍ରେଟ୍ ନିକୋବର ପ୍ରକଳ୍ପ



### ଚୀନକୁ ଚେକ୍ ଦେଇପାରିବ ଭାରତ

### ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଉପରେ ରହିବ ନଜର

### ବିରୋଧୀଙ୍କୁ ପ୍ରତିରକ୍ଷା ଭେଟେରାନଙ୍କ ସମାଲୋଚନା

ନୂଆଦିଲ୍ଲୀ,୩।୫ଃ ଭାରତର ବ୍ୟୟ ବହୁଳ ଗ୍ରେଟ ନିକୋବର ପ୍ରକଳ୍ପକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ହେଲେ ପ୍ରକୃତି ନଷ୍ଟ ହେବା ସହିତ ଜନଜାତିର ଲୋକମାନେ ବାସସ୍ଥାନ ହରାଇବେ ବୋଲି ଦର୍ଶାଇ କଂଗ୍ରେସ ଲୋକସଭା ସାଂସଦ ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହି ପ୍ରକଳ୍ପକୁ ସରକାରଙ୍କ ଅପରିଣାମଦର୍ଶୀତାର ପ୍ରତିଫଳନ ବୋଲି କହିଥିବା ବେଳେ ରାହୁଲ ଗାନ୍ଧୀଙ୍କ କଡ଼ା ସମାଲୋଚନା କରିଛନ୍ତି ଭାରତୀୟ ବାୟୁସେନାର ପୂର୍ବତନ ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଆର. କେ. ଭାଦୁରିଆ। ଭାରତର ସାମରିକ ଅଭିବୃଦ୍ଧି ତଥା ବିଶ୍ୱରେ ସାମରିକ ଶକ୍ତିର ପ୍ରାଧାନ୍ୟ ଲାଗି ଏହି ପ୍ରକଳ୍ପ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଭାଦୁରିଆ କହିଛନ୍ତି। କେବଳ ଭାଦୁରିଆ ନୁହନ୍ତି, ଆଣ୍ଡାମାନ ନିକୋବର ଦ୍ୱୀପରେ ହେବାକୁ ଥିବା ଏହି ପ୍ରକଳ୍ପ ସପକ୍ଷରେ ପ୍ରତିରକ୍ଷା ସହିତ ଜଡ଼ିତ ବହୁ ଅଭିଜ୍ଞ ତଥା ବିଶିଷ୍ଟ ବ୍ୟକ୍ତି ସ୍ୱର ଉତ୍ତୋଳନ କରିଛନ୍ତି। ରାହୁଲଙ୍କ ସମାଲୋଚନାକୁ ପ୍ରତ୍ୟାଖ୍ୟାନ କରି ଭାଦୁରିଆ କହିଛନ୍ତି ଯେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରକଳ୍ପ ସମ୍ପର୍କରେ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛନ୍ତି। ଭାରତର ଜାତୀୟ ସୁରକ୍ଷା, ଅର୍ଥନୈତିକ ଅଭିବୃଦ୍ଧି ତଥା ସାମରିକ ଗୁରୁତ୍ୱ ବିସ୍ତାର ଲାଗି ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଅବସ୍ଥିତି ଏପରି ସ୍ଥାନରେ ହେବ ଯେଉଁଠୁ ଭାରତ ସିଧାସଳଖ ଷ୍ଟ୍ରେଟ ଅଫ୍ ମଲାକା ଉପରେ ଦୃଷ୍ଟି ରଖିପାରିବ। ସୂଚନାଯୋଗ୍ୟ ଯେ, ପାରସ୍ୟ ଉପସାଗରରେ ଅବସ୍ଥିତ ବିବାଦୀୟ ହର୍ମୁଜ ପ୍ରଣାଳୀ ପରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ହେଉଛି ଅନ୍ୟତମ ଜଳୀୟ ଶୃଙ୍ଖଳା ଯେଉଁ ବାଟ ଦେଇ ଚୀନ ଆନୁମାନିକ ୮୦ ପ୍ରତିଶତ ତୈଳ ଆମଦାନୀ କରିଥାଏ। ଗ୍ରେଟ୍ ନିକୋବରରେ ଭାରତର ଏହି ପ୍ରକଳ୍ପ ହେବା ଦ୍ୱାରା ଇରାନ ଭଳି ଭାରତ ମଧ୍ୟ ବିଶ୍ୱ ତୈଳ ବଜାରରେ ନିଜର ଗୁରୁତ୍ୱ ବଢ଼ାଇବା ସହିତ ଚୀନ ଭଳି ରାଷ୍ଟ୍ରକୁ ଚେକ୍ ଦେଇପାରିବ। ପ୍ରକାଶଥାଉ କି, ଗ୍ରେଟ୍ ନିକୋବର ପ୍ରକଳ୍ପ ଭାରତ ସରକାରଙ୍କ ଏକ ବିଶାଳ ଏବଂ ମହତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପ। ଏହା ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ଦକ୍ଷିଣତମ ଦ୍ୱୀପ ଗ୍ରେଟ୍ ନିକୋବରରେ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପର ମୋଟ ମୂଲ୍ୟ ୭୨,୦୦୦ରୁ ୯୨,୦୦୦ କୋଟି ମଧ୍ୟରେ ହେବ ବୋଲି ଆକଳନ କରାଯାଇଛି। ଏଥିରେ ଏକ ବଡ଼ ଅନ୍ତର୍ଜାତୀୟ କଣ୍ଟେନର ଟ୍ରାନ୍ସସିପମେଣ୍ଟ ବନ୍ଦର, ଏକ ଅନ୍ତର୍ଜାତୀୟ ବିମାନବନ୍ଦର, ଏକ ଟାଉନସିପ ଏବଂ ଏକ ପାୱାର ପ୍ଲାଣ୍ଟ ଅନ୍ତର୍ଭୁକ୍ତ। ଗ୍ରେଟ୍ ନିକୋବର ପ୍ରକଳ୍ପ ତିନୋଟି ପର୍ଯ୍ୟାୟରେ ସମାପ୍ତ ହେବ । ପ୍ରଥମ ପର୍ଯ୍ୟାୟ ୨୦୨୫ ରୁ ୨୦୩୫ ମଧ୍ୟରେ ଆରମ୍ଭ ହେବ। ଏଥିରେ ଗାଲାଥିଆ ଉପସାଗରରେ ଏକ ବଡ଼ ବନ୍ଦର ନିର୍ମାଣ ଅନ୍ତର୍ଭୁକ୍ତ ହେବ, ଯାହାର କ୍ଷମତା ପ୍ରାରମ୍ଭରେ ୪.୪ ନିୟୁତ ଟିଇୟୁ ଏବଂ ପରେ ୧୬ ନିୟୁତ ଟିଇୟୁ ହେବ।

## ବିଜୁଳି ଖମନ ଅଞ୍ଚଳରୁ ଶିଶୁ ନିଖୋଜ



ସୁନ୍ଦରଗଡ଼,୩।୫ (ସଂଚାର ବ୍ୟୁରୋ): ସଦର ଥାନା ଅନ୍ତର୍ଗତ ବିଜୁଳି ଖମନ ଗ୍ରାମର ଏକ ଶିଶୁ ମେ ୨ ତାରିଖ ସକାଳ ୧୦ ଟାରୁ ନିଖୋଜ ଅଛି । ଏହି ଘଟଣା ସାରା ଅଞ୍ଚଳରେ ଚହଳ ପକାଇଛି। ଏ ନେଇ ତାଙ୍କ ବାପା ରାଜେଶ ଦଣ୍ଡସେନା ସଦର ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ସଦର ପୁଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଶିଶୁର ଫଟୋ ଓଡିଶାର ସମସ୍ତ ଥାନାକୁ ପଠାଇବା ସହ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଥାନା, ଥାନା ଅଧକାରୀ, ଓ ଏସଡିପିଓ ମାନଙ୍କୁ ପଠାଇ ତଦନ୍ତ ଚାଲୁ ରଖିଛନ୍ତି। ତେବେ ନିଖୋଜ ଶିଶୁ ହେଲେ - ସୁରଜ ଦଣ୍ଡ ସେନା, ବୟସ -୬ ବର୍ଷ। ତାଙ୍କ ଦେହର ରଙ୍ଗ ଶ୍ୟାମଳ, ମୁହଁ ଗୋଲ, ମଧ୍ୟମ ସ୍ୱାସ୍ଥ୍ୟ, ସେ ଓଡ଼ିଆ ଓ ସୁନ୍ଦରଗଡି ଭାଷାରେ କଥା ହୋଇ ପାରନ୍ତି। ରବିବାର କେତେକ ସମ୍ଭାବ୍ୟ ସ୍ଥାନ ସଦର ପୋଲିସ ଖୋଜା ଖୋଜି କରି ବିଫଳ ହୋଇଛି। ତେବେ କୌଣସି ସ ହୃଦୟ ବ୍ୟକ୍ତି ଏହି ଶିଶୁ ବିଷୟରେ ସୂଚନା ପାଆନ୍ତି ତେବେ ସଦର ଥାନାକୁ ଅବଗତ କରିବା ପାଇଁ ପୁଲିସ ଅନୁରୋଧ କରିଛନ୍ତି।

## ଚାରି ପ୍ରେମୀଯୁଗଳଙ୍କ ସମୂହ ବିବାହ



ଆଳି,୩।୫ (ସଂଚାର ବ୍ୟୁରୋ): ଚାରି ପ୍ରେମି ଯୁଗଳ ନବ ଦମ୍ପତିଙ୍କ ସମୂହ ବିବାହ ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ଯୁବକ ସଂଘ ଆନୁକୂଲ୍ୟରେ ସମୂହ ବିବାହ ହିନ୍ଦୁ ନିତିକାନ୍ତି ରେ ସମ୍ପର୍ଣ୍ଣ ହୋଇଯାଇଛି। ଆଳି ବ୍ଲକ ଚଣ୍ଡୀଆଗଡି ପଂଚାୟତ ବୈଦିମାଳ ମାଳସାହି ଗ୍ରାମରେ, ଚାରି ବରକୁ ଚାରି କନ୍ୟା ମାଳେସ୍ୱର ମନ୍ଦିର ପରିସରରେ ଉତ୍ସବ ମୁଖର ହୋଇପଡ଼ିଥିଲା। ଆମ୍ବେଦକର ଯୁବକ ସଙ୍ଘ ର ସଭାପତି ମନୋଜ କୁମାର ମଲ୍ଲିକ ଙ୍କ ପ୍ରୟାସ ସମ୍ପାଦକ ସର୍ବେଶ୍ୱର ନାୟକଙ୍କ ସମେତ ଗ୍ରାମବାସୀ ମାନଙ୍କର ସହଯୋଗରେ ଏହି ବିବାହ ବନ୍ଧନ ର ସମାରୋହ ବେଶ ସରଗରମ ରେ ଅନୁଷ୍ଠିତ ହୋଇଥିଲା। ମାଳେସ୍ୱର ମନ୍ଦିର ନିକଟରେ ବୈଦିକ ରୀତିନୀତିରେ ବିବାହ କଲେ, ହସ୍ତଗଣ୍ଠି ପଡିଲା ହୁଳହୁଳିରେ ମନ୍ତ୍ରପାଠ ସାଙ୍ଗକୁ ଆନନ୍ଦ ରେ ଆତ୍ମ ବିଭୋର ହେଲେ, ବନ୍ଧୁ ବାନ୍ଧବ ପ୍ରିୟ ପରିଜନ ଏକାଠି ହୋଇ ଭୋଜି ଭାତର ଆସର ବି ବେଶ ଜମିଲା, ଏହି ନବ ଦମ୍ପତି ଙ୍କ ମଧ୍ୟରେ ଦୀପକ ସହିତ ଶ୍ରାବଣୀ, ବିକାଶ ସହିତ ଲିଜା, ତୁଷାର ସହିତ ଜୁଲି ଏବଂ ଗୌରବ ସହିତ ରୁପା ରବିବାହ ଉତ୍ସବ ବୈଦିକ ରୀତିନୀତିରେ ସମ୍ପର୍ଣ୍ଣ କରାଯାଇଥିଲା।

### ମହିଳାଙ୍କୁ ନିର୍ଯାତନା ଓ ହତ୍ୟା ଧମକ

## ପୁଲିସର ଉଦାସୀନତା ବିରୋଧରେ ଏସପିଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା,୩।୫(ସଂଚାର ବ୍ୟୁରୋ): ଜନୈକ ମହିଳାଙ୍କୁ ନିର୍ଯ୍ୟାତନା ଦେବା ସହ ଇଜ୍ଜତ ନେବା ଓ ପରିବାରକୁ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ ପୋଲିସର ଉଦାସୀନତା ପ୍ରତିବାଦରେ ମହିଳା ସଂଗଠନ ଗୁଡିକ ସହ ନିର୍ଯ୍ୟାତିତା ମହିଳା ଆଜି ଏସପିଙ୍କ ଉଦେଶ୍ୟରେ ଏକ ଲିଖିତ ଅଭିଯୋଗ ଡିଏସପି ଲକ୍ଷ୍ମୀନାରାୟଣ ତିୱାରୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ କୁଦାନଗରୀ ଥାନା ଅଧିନ ଡିହବଳରାମପୁର ଗ୍ରାମର ଦେବକାନ୍ତ ସାହୁଙ୍କ ପତ୍ନୀ ଶୁଭଲକ୍ଷ୍ମୀ ସ୍ୱାଇଁ କେନ୍ଦ୍ରାପଡା ସହରର ଜନୈକ ବ୍ୟକ୍ତିଙ୍କ ଠାରୁ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ନିମନ୍ତେ କିଛି ଟଙ୍କା ଉଧାର ନେଇଥିଲେ । ସେଥିରୁ ୭୫ହଜାର ଟଙ୍କା ସେ ସଂପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଥିବା ବେଳେ ଆଉ କିଛି ଟଙ୍କା ରହିଯାଇଥିଲା । ଗତ ଅପ୍ରେଲମାସ ୨୬ତାରିଖ ରାତି ପ୍ରାୟ ୧୦ଟା ବେଳେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ସଙ୍ଗରେ ୪ଜଣ ଗୁଣ୍ଡାଶ୍ରେଣୀର ଲୋକଙ୍କୁ ନେଇ ତାଙ୍କ ଡିହବଳରାମପୁରସ୍ଥିତ ଘର ଭିତରେ ପଶି ତାଙ୍କ ଭଉଣୀଙ୍କୁ ଅତ୍ୟନ୍ତ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରି ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ଦେବେନ୍ଦ୍ର ସାହୁଙ୍କୁ ଉଠାଇ ନେବେ ବୋଲି ଧମକ ଦେଇଥିଲେ । ତାଙ୍କ ଭଉଣୀ ସେମାନେ ଘରେ ନାହାନ୍ତି ବୋଲି କହିବା ସତ୍ୱେ ଅଭିଯୁକ୍ତମାନେ ଅତ୍ୟନ୍ତ ଅଶ୍ଲିଳ ଭାଷାରେ ଗାଳି ଗୁଲଜକରି ଫୋପଡା କଚଡା କରିବାରୁ ତାଙ୍କ ଭଉଣୀ ପାଖ ପଡୋଶୀଙ୍କୁ ଫୋନ କରିଦେଇଥିଲେ । ଫଳରେ ସେମାନେ ଆସିଯିବାରୁ ଅଭିଯୁକ୍ତମାନେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଏସମ୍ପର୍କରେ ତାଙ୍କ ଭଉଣୀ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେବି ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଅଭିଯୁକ୍ତ ଶୁଭଲକ୍ଷ୍ମୀଙ୍କୁ ଧମକ ଦେଇ ତାଙ୍କ ଇଜ୍ଜତ ନେବା ସହ ପରିବାରକୁ ମାରିଦେବାକୁ ଧମକ ଦେଇଥଲେ। ଏସମ୍ପର୍କରେ ମଧ୍ୟ ଶୁଭଲକ୍ଷ୍ମୀ କୁଦାନଗରୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶୁଭଲକ୍ଷ୍ମୀଙ୍କ ପରିବାର ଜୀବନ ଅସୁରକ୍ଷିତ ହୋଇପଡିଥିବାରୁ ତାଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ଡିଏସପି ଶ୍ରୀ ତିୱାରୀଙ୍କୁ ଭେଟି ଏସପିଙ୍କ ଉଦେଶ୍ୟରେ ଦାବିପତ୍ର ଦେବା ସହିତ ଆସନ୍ତା ୧୫ଦିନ ମଧ୍ୟରେ ସେମାନଙ୍କ ଦାବି ପୁରଣ ନହେଲେ ସେମାନେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ୬୦୦ କେଜି ଗଞ୍ଜେଇ ଜବତ



ଫୁଲବାଣୀ,୩।୫ (ସଂଚାର ବ୍ୟୁରୋ): କମାଙ୍ଗି ଛକ ନିକଟ ଜଙ୍ଗଲରେ ମାଫିଆ ଗଞ୍ଜେଇ ଚାଲାଣ କରିବା ପାଇଁ ଅପେକ୍ଷା କରିଥିବା ବେଳେ ପୋଲିସ ଗାଡିକୁ ଦେଖି ମାଫିଆ ଜରି ବସ୍ତା ଗୁଡ଼ିକୁ ଛାଡ଼ି ଜଙ୍ଗଲକୁ ଦୌଡ଼ିଥିଲା। ପୁଲିସ ଦଳ ସହ ଥାନା ଅଧିକାରୀ ଆଶୁତୋଷ ଜେନା ସନ୍ଦେହ କରି ଉକ୍ତ ଅଖା ଗୁଡ଼ିକୁ ତନଖି କରିବା ପରେ ଗଞ୍ଜେଇ ଥିବା ଜଣା ପଡିଥିଲା। ପରେ ଉକ୍ତ ସ୍ଥାନରେ ମାଜିଷ୍ଟ୍ରେଟ ଭାବେ ବାଲିଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ରୁପକ କୁଜୁରଙ୍କ ଉପସ୍ଥିତିରେ ଅଖାରେ ଥିବା ୬୦୦ କେଜି ଗଞ୍ଜେଇ ଜବତ କରିଥିଲେ। ଏନେଇ ଥାନା କେସ ନଂ ୭୦/୨୬ ଏକମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

### ଅନ୍ତ୍ୟୋଦୟ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ

# ଗରିବଙ୍କୁ ମିଳୁନି ଘର




ଅସ୍ତରଙ୍ଗ/କାକଟପୁର,୩।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକରେ ଚାଲୁଥିବା ଅନ୍ତୋଦୟ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଘଟୁଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଏହି ସମ୍ପର୍କରେ ଅସ୍ତରଙ୍ଗରୁ ଡ଼ ଲକ୍ଷ୍ମୀଧର ବିଶ୍ୱାଳ ଗୁରୁତର ଅଭିଯୋଗ ଆଣିଛନ୍ତି । ପଂଚାୟତରାଜ ସଚିବ, ଜିଲ୍ଲା ପ୍ରଶାସନ ଓ ବିଡ଼ିଓ ଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟାରେ ଗୁରୁତର ଅନିୟମିତତା ଦେଖାଯାଇଛି । ଅନେକ ହିତାଧିକାରୀ ଜାଲ ଦଲିଲ ଦାଖଲ କରିଥିବା ଅଭିଯୋଗ ହୋଇଛି । ସେମାନେ ଆୟ ପ୍ରମାଣପତ୍ର, ଜମିର ରେକର୍ଡ, ଚାରିଚକିଆ ଯାନ ଥିବା ସତ୍ତ୍ୱେ ତାହା ଲୁଚାଇଥିବା ଏବଂ ପୂର୍ବରୁ ପକ୍କା ଘର ଥିବା ସତ୍ତ୍ୱେ ଯୋଜନାର ଲାଭ ନେଇଥିବା ବିଷୟ ଉଲ୍ଲେଖ ହୋଇଛି। ଏହା ସହିତ ଅନେକ ହିତାଧିକାରୀ ଙ୍କୁ ରାଜନୈତିକ ସମ୍ପର୍କ ଆଧାରରେ ବଛା ଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଏହାର ପରିଣାମରେ ଯେଉଁମାନେ ପ୍ରକୃତରେ ଯୋଗ୍ୟ, ସେମାନେ ଯୋଜନାରୁ ବଞ୍ଚିତ ହେଉଥିବା କଥା କୁହାଯାଇଛି। ସମସ୍ତ ହିତାଧିକାରୀଙ୍କ ଲିଷ୍ଟ ସାର୍ବଜନୀନ କରାଯାଉ ଏବଂ ପବ୍ଲିକ ଅବଜେକ୍ସନ ଆହ୍ୱାନ କରାଗଲେ ହିତାଧିକାରୀ, ସରକାରୀ କର୍ମଚାରୀ ଓ ରାଜନୈତିକ ନେତାଙ୍କ ମଧୁଚନ୍ଦ୍ରିକା ଲୋକଲୋଚନ ଆସିପାରିବ । ଡ଼ ବିଶ୍ୱାଳ ଏହି ଘଟଣାର ନିଷ୍ପକ୍ଷ ତଦନ୍ତ କରିବାକୁ ଏବଂ ଦୋଷୀଙ୍କ ବିରୋଧରେ କଠୋର ଆଇନଯୁକ୍ତ କାର୍ଯ୍ୟନୁଷ୍ଠାନ କରିବାକୁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି । ଏହି ଅଭିଯୋଗ ପରେ ସ୍ଥାନୀୟ ମହଲରେ ଚର୍ଚ୍ଚା ଚାଲିଥିବା ବେଳେ, ପ୍ରଶାସନ ପକ୍ଷରୁ ଏହାର କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ ।

### ବିଷାକ୍ତ ଖାଦ୍ୟଜନିତ ରୋଗ ନିୟନ୍ତ୍ରଣ ପାଇଁ ପ୍ରଶାସନର ଚିନ୍ତା ପଶିଲା

## ଗାଁ ଗାଁରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ ଟିମ୍‌ର ସଚେତନତା



ଯାଜପୁର,୩।୫ (ସଂଚାର ବ୍ୟୁରୋ): ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଅସୁସ୍ଥ ହେବା ଘଟଣା ଏବେ ସାରା ଜିଲା ବାସୀଙ୍କ ଚିନ୍ତାର କାରଣ ହୋଇଛି । ଏହାର ସୁଧାର ଆଣିବା ପାଇଁ ଆଜି ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଯାହାକି ପ୍ରଭାବିତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ସଚେତନତା ଅଭିଯାନ ଆରମ୍ଭ କରିଛି।

ଦଶରଥପୁର ବ୍ଲକ୍ ପାଟପୁର ଅଞ୍ଚଳ ସମେତ ବିଭିନ୍ନ ଗ୍ରାମରେ ଆଶା ସ୍ୱାସ୍ଥ୍ୟକର୍ମୀ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ଖାଦ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏଥିରେ ଦଳଗତ ସଭା ମାଧ୍ୟମରେ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଦଶରଥପୁର, ଜୟନ୍ତରା, କଟିକଟା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ରାସ୍ତା କଡ଼ରେ ଥିବା ଜଳଖିଆ ଦୋକାନ, ହୋଟେଲ, ମିଠା ଦୋକାନଗୁଡ଼ିକର ସ୍ୱଚ୍ଛତା ଓ ଗୁଣବତ୍ତା ଯାଞ୍ଚ ସହ ବାସି ଖାଦ୍ୟ ଇତ୍ୟାଦି ତଦାରଖ କରାଯାଇଛି। ଡାକବାଜି ମାଧ୍ୟମରେ ସଚେତନତା ଜାଗରଣ କରାଯାଇଛି। ଲୋକଙ୍କୁ ହାତ ଧୋଇବା ଉପରେ ବିଶେଷ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଗାଁ କଲ୍ୟାଣ ସମିତି ମାଧ୍ୟମରେ ସଭା ଆୟୋଜନ କରାଯାଇ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଉଛି। ଏହାସହ ପାନୀୟ ଜଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୫ଟି ଜଳ ନମୁନା ନିଆଯାଇଥିବା ବେଳେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ତରଫରୁ ଅତିରିକ୍ତ ୭ ଟି ଖାଦ୍ୟ ନମୁନା ମଧ୍ୟ ପରୀକ୍ଷଣ ପାଇଁ ସଂଗ୍ରହ କରାଯାଇଛି।

ଦଶରଥପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ମଙ୍ଗଳପୁର ଟିମ୍ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ଘର ଘର ବୁଲି ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଏବଂ ପରାମର୍ଶ ଦିଆଯାଉଛି। ଏତଦ୍ ବ୍ୟତୀତ ମେଡିକାଲ କଲେଜରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଆସି ପରିସ୍ଥିତିର ସମୀକ୍ଷା କରିବା ସହ ଚିକିତ୍ସା ଓ ରୋଗ ନିୟନ୍ତ୍ରଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ଏବଂ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରି ସୁରକ୍ଷିତ ଖାଦ୍ୟ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

## ସନ୍ଥକବି ଭୀମଭୋଇ ଜୟନ୍ତୀ ପାଳିତ



ଢେଙ୍କାନାଳ,୩।୫ (ସଂଚାର ବ୍ୟୁରୋ): ସ୍ଥାନୀୟ ହୋଟେଲ୍ ଦେବକନ୍ୟା ପ୍ରେକ୍ଷାଳୟରେ ଅଞ୍ଚଳ ଭାରତୀୟ ସାହିତ୍ୟ ପରିଷଦ, ଢେଙ୍କାନାଳ ଜିଲ୍ଲା ଓ ଓଡିଶା ସାହିତ୍ୟ ଏକାଡେମୀଙ୍କ ମିଳିତ ସହଯୋଗରେ ବିଶ୍ୱ ବିଖ୍ୟାତ ସନ୍ଥକବି ଓ ମହିମାଧର୍ମର ପ୍ରବକ୍ତା ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ଓଡିଶା ସାହିତ୍ୟ ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ବଲ୍କଳ ସମାଜର ବାବା ଦୀନବନ୍ଧୁ ଦାସ, ମୁଖ୍ୟ ଅତିଥି ଭାବେ କୌପୀନଧାରୀ ସମାଜର ସଭାପତି ବାବା ଅବିନାଶି ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଦୀନନାଥ ଦାସ, ସମ୍ମାନୀତ ବକ୍ତା ଭାବେ ବାବା ଅରୂପାନନ୍ଦ ଦାସ, ସମ୍ମାନିତ ଅତିଥି ଅନୁଷ୍ଠାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୂର ପାଟସାହାଣୀ, ସମ୍ମାନୀତ ଅତିଥି ବାବା ବିଶ୍ୱାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମହିମା ଧର୍ମ ଓ ଭୀମଭୋଇଙ୍କ ସମଗ୍ର ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ।

## ଯଶୋଦା ମହିଳା ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଶୁଭାରମ୍ଭ



ଛତ୍ରପୁର,୩।୫ (ସଂଚାର ବ୍ୟୁରୋ): ଗଞ୍ଜାମ ସହରସ୍ଥିତ ଯୁକ୍ତ ତିନି ଯଶୋଦା ମହିଳା ମହାବିଦ୍ୟାଳୟର ସେକେଣ୍ଡ କ୍ୟାମ୍ପସର ଆଜି ଶିଳାନ୍ୟାସ ହୋଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଓ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଞ୍ଜିନିୟର ବିନୋଦ କୁମାର ପାଢ଼ୀ ଉପସ୍ଥିତ ଥିଲେ। କିନ୍ତୁ, ଏହି ଶୁଭାରମ୍ଭକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ନିଜସ୍ୱ ଭବନ ଓ ଆବଶ୍ୟକ ଭିତିଭୂମିର ଅଭାବ ଥିବାରୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ ନୂତନ ଭର୍ତ୍ତି ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହି ପରିସ୍ଥିତି ସତ୍ତ୍ୱେ କଲେଜର ନିଜସ୍ୱ ଭବନ ନଥିବା ସମୟରେ କର୍ତ୍ତୃପକ୍ଷ ତରବରିଆ ଭାବେ ସେକେଣ୍ଡ କ୍ୟାମ୍ପସ ଶୁଭାରମ୍ଭ କରିଥିବାକୁ ନେଇ ପ୍ରଶ୍ନ ଉଠୁଛି।

ଅନ୍ୟପଟେ, ଆଜିର ଶିଳାନ୍ୟାସ ଫଳକକୁ ନେଇ ମଧ୍ୟ କଲେଜ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଗୁରୁତର ତ୍ରୁଟିର ଅଭିଯୋଗ ଆସିଛି। ପ୍ରୋଟୋକଲ ଅନୁଯାୟୀ ବର୍ତ୍ତମାନ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନାମ ପ୍ରଥମେ ରହିବାକୁ ଥିବା ସତ୍ତ୍ୱେ, ତାହାର ଉଲ୍ଲଂଘନ ହୋଇଥିବା କୁହାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ମହଲରେ ଦ୍ୱନ୍ଦ୍ୱ ଓ ଚର୍ଚ୍ଚା ଜୋର ଧରିଥିବା ବେଳେ, କଲେଜ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ଉପରେ ସମସ୍ତଙ୍କ ନଜର ରହିଛି।

## ଢୋଲ ପିଏମଜିୱାଇ ରାସ୍ତା ଠାରୁ ଛୋଟୀ, ବିଲମୁଗବାଡି ବିଷ୍ଣୁଦାସପୁର ରାସ୍ତାର ଶିଳାନ୍ୟାସ

### କୁତରଙ୍ଗ ପଞ୍ଚାୟତବାସୀଙ୍କ ବହୁଦିନର ଦାବି ପୂରଣ ହେଲା



କେନ୍ଦ୍ରାପଡ଼ା,୩।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନ ଢୋଲ ପିଏମଜିୱାଇ ରାସ୍ତା ଠାରୁ ଛୋଟୀ, ବିଲମୁଗବାଡି ଓ ବିଷ୍ଣୁଦାସପୁର ରାସ୍ତା(ମୁଖ୍ୟମନ୍ତ୍ରୀ ସଡକ ରାସ୍ତା) ନିର୍ମାଣର ଶିଳାନ୍ୟାସ ଉତ୍ସବ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବିଲମୁଗବାଡି କୋଲିଆଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ରାସ୍ତା ନିର୍ମାଣ ପାଇଁ ୧୨କୋଟି ୬୮ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ପ୍ରକଳ୍ପ ଅଧିନରେ ଏକ ବୃହତ ପୋଲ ସହ ୫ କିଲୋମିଟର ରାସ୍ତା ନିର୍ମାଣ କରାଯିବ ।

ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଶିଳାନ୍ୟାସ କରି କହିଲେ ବିଲମୁଗବାଡି ଓ ବିଷ୍ଣୁଦାସପୁର ଗ୍ରାମ ସମେତ ଡେରାବିଶ ବ୍ଲକର ଛୋଟୀ ଗ୍ରାମକୁ ସଂଯୋଗ ନିମନ୍ତେ ଏହି ରାସ୍ତା ନିର୍ମାଣ ପାଇଁ କୁତରଙ୍ଗ ଗ୍ରାମପାୟତବାସୀଙ୍କର ବହୁ ବର୍ଷର ଦାବି ଆଜି ପୁରଣ ହୋଇପାରିଛି। ଏହି ପ୍ରକଳ୍ପ ନିମନ୍ତେ କୁତରଙ୍ଗ ପାୟତର ତତକାଳୀନ ସରପଞ୍ଚ ସୀତାସୁନ୍ଦରୀ ମଲ୍ଲିକ ଓ ଯୁବନେତା ନରୋମଲ୍ଲିକ ପ୍ରଚେଷ୍ଟା ଚଳାଇଥିଲେ। ଜନସାଧାରଣଙ୍କ ସାମୁହିକ ସ୍ୱାର୍ଥ ସାଧନ ନିମନ୍ତେ ସଦାସର୍ବଦା ସେ ଚେଷ୍ଟା ଜାରିରଖିବେ ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ ଯୋଗଦେଇ ଅଳବାସୀଙ୍କ ବହୁ ଦିନର ଦାବି ପୁରଣ ହେବା ସହ ବିଷ୍ଣୁଦାସପୁର ଗ୍ରାମକୁ ଯିବା ପାଇଁ ଯେଉଁ ସମସ୍ୟା ହେଉଥିଲା ତାହା ଏହି ରାସ୍ତା ନିର୍ମାଣ ଦ୍ୱାରା ସମାଧାନ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ୭ ବର୍ଷର ଶିଶୁ ଗୁରୁତର



ନୀଳଗିରି,୩।୫(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ୍ ବରହମପୁର ଅଞ୍ଚଳର ଅମିତ୍ କୁମାର ଦାସ ନିଜ ପୁଅ, ଝିଅ ଏବଂ ସ୍ତ୍ରୀ ସହିତ ସୋର ମଙ୍ଗଳପୁର ଅଞ୍ଚଳର ବନ୍ଧୁଘରୁ ଶେରଗଡ଼ ଦେଇ ବରହମପୁର ଘରକୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରୀ ଶନିମନ୍ଦିର ନିକଟରେ ପଛପଟୁ ଧୋବଶିଳା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସୁଶୀଲ ମଲ୍ଲିକ ଏକ ପଲ୍ସର ଗାଡ଼ିରେ ଆସି ପଛପଟୁ ଧକ୍କାଦେବା ଫଳରେ ଅମିତଙ୍କ ପରିବାର ସହିତ ସୁଶୀଲ ପଡ଼ିଯାଇଥିଲେ। ଫଳରେ ଅମିତଙ୍କ ୭ବର୍ଷର ଶିଶୁପୁତ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା ବେଳେ ଅମିତ୍ ଏବଂ ତାଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ମାତ୍ର ଝିଅର କୌଣସି କ୍ଷତି ହୋଇନଥିବା ବେଳେ ସୁଶୀଲଙ୍କର ନାକରୁ ରକ୍ତସ୍ରାବ ହେଉଥିବା ବେଳେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣି ଚିକିତ୍ସା କରାଯାଇଥିବା ଜଣାଯାଇଛି।

## କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଦୁଇଟି ପୁସ୍ତକର ପାଠକାର୍ପଣ



ବାଲିଆପାଳ,୩।୫ (ସଂଚାର ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଦୁଇଗୋଟି ଗଳ୍ପ ପୁସ୍ତକ ବାଲିଆପାଳ ସ୍ଥିତ ଦୁର୍ଗା କଲ୍ୟାଣ ମଣ୍ଡପରେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଡକ୍ଟର ଝାଡ଼େଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଓ ଉଦଘାଟିକା ଭାବେ ବିଧାୟିକା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ପୁସ୍ତକ ଦ୍ୱୟ ପାଠକାର୍ପଣ କରିଥିବା ବେଳେ ମୁଖ୍ୟ ସମୀକ୍ଷକ ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦୟାନିଧି ସାହୁ ଓ ସୁସାହିତ୍ୟିକ ଡକ୍ଟର କାଳିକିଙ୍କର ଦାସ ଗଳ୍ପ ସଂକଳନ- "ନଷ୍ଟଶୀଳା"ର ସାର୍ଥକ ସମୀକ୍ଷା କରିଥିଲେ। ଦ୍ୱିତୀୟ ପୁସ୍ତକ ଶିଶୁ ଗଳ୍ପ "ହିତ କାହାଣୀ" ଅଧ୍ୟାପକ ନିରଞ୍ଜନ ବେହେରା ଓ ଶିକ୍ଷିକା ଜୟନ୍ତି ବେହେରା ସୁନ୍ଦର ସମୀକ୍ଷା କରିଥିଲେ ।

ବିଶିଷ୍ଟ ଅତିଥି ଭାବେ କବି ସୁକୁମାର ଦାସ, ଖଇରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକ, ଡାକ୍ତର ଶ୍ରୀକାନ୍ତ ମହାନ୍ତି, ଇଂରାଜୀ ଅଧ୍ୟାପକ ସିଦ୍ଧେଶ୍ୱର ପଣ୍ଡା, ଡକ୍ଟର ବିଜୟ କୁମାର ଦେ, ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ କବି ଶ୍ରୀଯୁକ୍ତ ଗିରିଙ୍କ ସାରସ୍ୱତ ବଳୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଜିର ପୁସ୍ତକକୁ ମିଶାଇ ଏହା କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ୪୫ତମ ପୁସ୍ତକ ଜାଣି ବିସ୍ମିତ ହୋଇଥିଲେ।

## ସାମ୍ବାଦିକ ୟୁନିଅନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




ପାରାଦ୍ୱୀପ,୩।୫(ସଂଚାର ବ୍ୟୁରୋ): ଓଡ଼ିଶା ସାମ୍ବାଦିକ ଇଉନିୟନ ସହ ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ଇଉନିୟନର ସଭାପତି ରମାକାନ୍ତ ଦାଶଙ୍କ ନେତୃତ୍ୱରେ ଆଜି ଜଗତସିଂହପୁର ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ପ୍ରତୀକ ଧର୍ମଘଟ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତାରଣା ଯୋଗୁଁ ଏହି ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟରତ ସାମ୍ବାଦିକମାନଙ୍କ ମୌଳିକ ଅଧିକାର ମୁଖ୍ୟତଃ ପେନସନ, ପ୍ରୋଟେକ୍ସନ ଏବଂ ଆକରିଡ଼ିସନ ଆଦି ଦାବିରେ ସାରା ରାଜ୍ୟରେ ଆଜି ସାମ୍ବାଦିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପରିପେକ୍ଷିରେ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଧାରଣା ଦିଆଯାଇଛି। ପ୍ରଥମେ ଗତକାଲି ସଡକ ଦୁର୍ଘଟଣାରେ ଓୟୁଜେର ବରିଷ୍ଠ ସାମ୍ବାଦିକ ତଥା କେନ୍ଦୁଝର ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି କ୍ଷେତ୍ରବାସୀ ମହାକୁଡ଼ଙ୍କ ପରଲୋକରେ ଶୋକବ୍ୟକ୍ତ କରାଯାଇ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ବ୍ଲକ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ସରକାରଙ୍କୁ ଚେତାବନୀ ଦେବା ସହିତ ଖୁବଶୀଘ୍ର ଏହି ଦାବି ଗୁଡିକ ପୁରଣ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏହି ଦାବି ସମ୍ବଳିତ ଦାବିପତ୍ର ପ୍ରେରଣ କରାଯାଇଛି।

## ଦେଶୀ ବନ୍ଧୁକ ସହ ଜଣେ ଗିରଫ



ଫୁଲବାଣୀ,୩।୫ (ସଂଚାର ବ୍ୟୁରୋ): ଜି. ଉଦୟଗିରି ଥାନା ଦେଶୀ ବନ୍ଧୁକ ରଖୁଥିବା ଅଭିଯୋଗ ରେ ରାଇକିଆ ପୋଲିସ ସୁଶୀଲ ପ୍ରଧାନଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ସୂଚନା ଯୋଗ୍ୟ ଯେ କୌଣସି ସୂତ୍ରରୁ ଖବର ପାଇ ରାଇକିଆ ଥାନାର କାମ୍ବାଗୁଡ଼ା ଗ୍ରାମର ସୁଶୀଲ ପ୍ରଧାନଙ୍କ ଘର ଉପରେ ଚଢ଼ାଉ କରିଥିଲା। ତାଙ୍କରି ପାଖରୁ ଦୁଇଟି ବନ୍ଧୁକ ଜବତ କରାଯାଇଥିଲା। ଏ ନେଇ ରାଇକିଆ ଥାନାରେ ଏକ ମାମଲା ରୁଜୁ କରି ଗିରଫ କରାଯାଇଅଛି।

### ବନ୍ୟା ପରେ ବୋଟ୍ ଅଦରକାରୀ

# ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି



ବାଲିଆପାଳ,୩।୫ (ସଂଚାର ବ୍ୟୁରୋ): ବନ୍ୟା ସମୟରେ ପାଣି ଘେରରେ ଥିବା ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚାଇବା ତଥା ସେମାନଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ବୋଟର ଆବଶ୍ୟକତା ପଡ଼େ । ହେଲେ ବନ୍ୟା ଛାଡ଼ିଗଲା ପରେ ଏହା ଅଦରକାରୀ ହୋଇପଡେ। ବୋଟଗୁଡ଼ିକ ଏଣେତେଣେ ପଡ଼ିରହି ନଷ୍ଟ ହେଉଛି। ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ।

ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଲେ ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ ହୋଇଥାଏ। ବିଶେଷ କରି ବ୍ଲକର ବିଷ୍ଣୁପୁର, ଜାମକୁଣ୍ଡା, ବାଲିଆପାଳ, ଅସ୍ତି, ମଧୁପୁରା ଆଦି ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼େ । ବନ୍ୟା ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ କରିବା ତ୍ୱରାନ୍ୱିତ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ବାଲିଆପାଳ ବ୍ଲକକୁ ୧୦ଟି ବୋଟ ଯୋଗାଇ ଦିଆଯାଇଛି। ବୋଟ ଚଳାଇବା ପାଇଁ ୧୦ଜଣ ଚାଳକ ଓ ୧୦ ଜଣ ଖଲାସିଙ୍କ ଆବଶ୍ୟକତା ଥିବାବେଳେ ଜଣେ ମାତ୍ର ନିୟମିତ ଚାଳକ ଓ ଦୁଇ ଜଣ ନିୟମିତ ଖଲାସି ରହିଛନ୍ତି। ଅନ୍ୟ ୯ ଜଣ ଚାଳକ ଓ ୮ ଜଣ ଖଲାସି, ୧୭ ଜଣଙ୍କୁ ସରକାର ୬ ମାସ ଚୁକ୍ତିଭିତ୍ତିକ ଭାବରେ ନିଯୁକ୍ତି ଦେଇଛନ୍ତି। ଚାଳକଙ୍କୁ ମାସିକ ୧୩ ହଜାର ୯ ଶହ ଟଙ୍କା ଦରମା ଦିଆଯିବା ସହ ଖଲାସିମାନଙ୍କୁ ମାସିକ ୧୨ ହଜାର ୯ ଶହ ଟଙ୍କା ଦରମା ମିଳିଥାଏ। ମାତ୍ର ବର୍ଷର ଅନ୍ୟ ୬ ମାସ ପରିବାର ପ୍ରତିପୋଷଣ ପାଇଁ କିଏ ଗୁଜରାଟ ତ ଆଉ କିଏ ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିଥାନ୍ତି। ତେବେ ବନ୍ୟା ପରେ ବୋଟଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏଣେତେଣେ ପଡ଼ି ରହି ଖରା ବର୍ଷାରେ ନଷ୍ଟ ହେବାକୁ ବସିଲାଣି।

ବୋଟ ଦାୟିତ୍ୱରେ ଥିବା କର୍ମଚାରୀ ସେକ ଜାକିର ହୁସେନ କହନ୍ତି, ଆମ ବ୍ଲକରେ ୧୦ଟି ବୋଟ ରହିଛି। ସେଥିମଧ୍ୟରୁ ୬ଟି ବୋଟର ଛୋଟ ଛୋଟ ମରାମତି କାର୍ଯ୍ୟ ହେବ। ବନ୍ୟା ଛାଡ଼ିବା ପରେ ତଥା ଜୁନ ମାସ ପୂର୍ବରୁ ଜିଲା ଜରୁରୀକାଳୀନ ବିଭାଗକୁ ବୋଟ ମରାମତି ପାଇଁ ସୂଚନା ଦିଆଯାଇଥାଏ। ତା' ପରେ ସ୍ୱତନ୍ତ୍ର ରିଲିଫ କମିଶନର ଟେଣ୍ଡର ମାଧ୍ୟମରେ ବୋଟଗୁଡ଼ିକ ମରାମତି କରିଥାନ୍ତି ବୋଲି ସେ କହିଥିଲେ। ମରାମତି ଆଳରେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ବନ୍ୟା ପରେ ବୋଟଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ରଖାଯାଇପାରିଲେ ପ୍ରତିବର୍ଷ ମରାମତି ପାଇଁ ଖର୍ଚ୍ଚର ଆବଶ୍ୟକତା ହୁଅନ୍ତା ନାହିଁ । ଏ ଦିଗରେ ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।




## ଦିଲ୍ଲୀପଙ୍କ ଧନ୍ୟବାଦ ଦଉଡ

ରାଜ୍ୟସଭାକୁ ନିର୍ବାଚିତ ହେବାପରେ ଦିଲ୍ଲୀପ ରାୟ ଏବେ ଧନ୍ୟବାଦ ଦଉଡରେ ଲାଗିଛନ୍ତି। କ୍ରସ ଭୋଟିଂ ଜରିଆରେ ତାଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିଥିବା ଜଣଙ୍କ ପରେ ଜଣେ ନେତାଙ୍କ ଘରକୁ ଯାଉଛନ୍ତି। ପ୍ରଥମେ କଂଗ୍ରେସରୁ ନିଲମ୍ବିତ ବିଧାୟିକା ସୋଫିଆ ଫିରଦୋସଙ୍କ ଘରକୁ ଯାଇଥିବାବେଳେ ପରେ ଯାଇଛନ୍ତି ବିଜେଡିରୁ ନିଲମ୍ବିତ ବିଧାୟକ ସୌଭିକ ବିଶ୍ୱାଳଙ୍କ ଘରକୁ। ସଂଯୋଗ କ୍ରମେ ଉଭୟଙ୍କ ପିତା ହେଉଛନ୍ତି ପୂର୍ବତନ ବିଧାୟକ। ଜଣେ କଂଗ୍ରେସ ନେତୃତ୍ୱ ବିରୁଦ୍ଧରେ ବିଷ ଓଗାଳି ନୂଆ ଦଳ ଗଢିଥିବାବେଳେ ଆଉ ଜଣେ ବିଜେଡି ନେତୃତ୍ୱ ବିରୁଦ୍ଧରେ ବିଷ ଓଗାଳିବାରେ ଲାଗିଛନ୍ତି। ଦିଲ୍ଲୀପ ରାୟଙ୍କ ଭଳି ନେତା ହଠାତ୍ ଏମାନଙ୍କ ଘରେ ପହଞ୍ଚିବା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। କାରଣ ପୂର୍ବରୁ ନେତାମାନେ ହିଁ ଦିଲ୍ଲୀପଙ୍କୁ ଭେଟିବାପାଇଁ ମେଫେୟାର ଲାଉଞ୍ଜରେ ଅପେକ୍ଷା କରୁଥିବାବେଳେ ଏବେ ମେଫେୟାର ମାଲିକ ନେତାଙ୍କ ଘରକୁ ଯିବାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଦିଲ୍ଲୀପଙ୍କର ଏଭଳି ଦୌଡ ତାଙ୍କର ଭିନ୍ନ ଗୋଟି ଚାଳନା ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରୁଥିବାବେଳେ ବାସ୍ତବରେ କିନ୍ତୁ କ୍ରସ ଭୋଟିଂ କରି ଦଳରୁ ବିଦା ହୋଇଥିବା ନେତାଙ୍କୁ ବୋଧ ଦେବାପାଇଁ ଏଭଳି କରୁଥିବା କୁହାଯାଉଛି। ଆଗାମୀ ଦିନରେ ହିଁ ଏମାନେ ଦିଲ୍ଲପଙ୍କ ପୁଞ୍ଜି ହେବେ। ତେବେ ଯାହା କିଛି ହେଉଛି ତାହା ଦିଲ୍ଲୀର ନିର୍ଦ୍ଦେଶ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଥିବାବେଳେ ଆଉ କେତେକ ଏହା ଦିଲ୍ଲୀପଙ୍କର ବଡପଣ ବୋଲି କହୁଛନ୍ତି।



## ମୋର୍ଚ୍ଚା ସମ୍ଭାଳିଲେ ଭାଲୁ

ଭାଲୁ ଭାଇନା ଏଥର ବିଧାନସଭାରେ ମୋର୍ଚ୍ଚା ସମ୍ଭାଳିଲେ। ବଜେଟ୍ ଅଧିବେଶନରେ କାଉନ୍ଦା ମାରିଥିବା ତାରା ପ୍ରସାଦ ବାହିନୀପତି ଓରଫ ଭାଲୁ ଭାଇନା ଏଥର ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ବିଧାନସଭା କମ୍ପମାନ କଲେ। ଗୃହ କାର୍ଯ୍ୟ ଆରମ୍ଭ ମାତ୍ରେ କଂଗ୍ରେସ ବିରୋଧର ନେତୃତ୍ୱ ନେଲେ ଭାଲୁ। ପୂର୍ବଭଳି ହାତରେ ପୋଷ୍ଟର ଧରି ଗୃହ ମଧ୍ୟକୁ ମାଡି ଆସିଲେ। ଭାଲୁଙ୍କ ରଡି ଶୁଣି ଅନେକ ତାଙ୍କ ଆଡକୁ ଦେଖିବାକୁ ଲାଗିଲେ। ଭାଲୁ ମୋର୍ଚ୍ଚା ସମ୍ଭାଳୁ ଥିବାରୁ କାଡାମଙ୍କ ଛାଡି ଅନ୍ୟ ନେତାମାନେ ବି କାଳ ବିଳମ୍ବ ନକରି ଗୃହ ମଧ୍ୟକୁ ଆସିଲେ। କିଛି ଦିନ ଅସୁସ୍ଥ ଥିବା ଯୋଗୁଁ ଭାଲୁ ବାବୁଙ୍କ ସ୍ୱର ଗତ ଦୁଇ ତିନିଟି ଅଧିବେଶନରେ ଶୁଣାଯାଉନଥିଲା। ବିଶେଷକରି କଂଗ୍ରେସ ଦଳ ଗୃହ ମଧ୍ୟରେ ପ୍ରତିବାଦ କଲାବେଳେ ଭାଲୁ ଭାଇନା ନିଜ ଆସନରେ ଛିଡାହୋଇ ରହୁଥିଲେ। ଗଣମାଧ୍ୟମ ଠାରୁ ଆରମ୍ଭ କରି ସାଥୀ ବିଧାୟକମାନେ ଭାଲୁଙ୍କ ଆକ୍ରମଣ ମୁଦ୍ରା ଦେଖିବାକୁ ଅପେକ୍ଷା କରିଥିଲେ। ତେବେ ଚଳିତ ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ଭାଲୁ ଯେଭଳି ସକ୍ରିୟ ହୋଇ ଗୃହ କମ୍ପାଇଲେ ତାହା ସମସ୍ତଙ୍କୁ ଆମୋଦିତ କରିବା ସହିତ ଭାଲୁ ଏବେ ରେଡି ବୋଲି କିଛି ଗଣମାଧ୍ୟମ ପ୍ରତିନିଧି କହିବାକୁ ପଛାଇ ନଥିଲେ। ଆଗାମୀ ବିଧାନସଭାରେ ଭାଲୁ ପୁଣି ତାଙ୍କର ପୂର୍ବ ଫର୍ମୁଲାରେ ସରକାରଙ୍କ ବିରୁଦ୍ଧରେ ଆକ୍ରମଣ ମୁଦ୍ରାରେ ରହିବେ ବୋଲି ଅନେକ ଆଶା କରୁଛନ୍ତି।



## ଗଣମାଧ୍ୟମକୁ ଏସି ଘର ଥୋପ




ଉପକୂଳ ଜିଲ୍ଲାର ଜଣେ ଜିଲ୍ଲାପାଳ ଏବେ ସେହି ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏସି ଘର ଥୋପ ଦେଇଛନ୍ତି। ମାନେ ସାମ୍ବାଦିକମାନଙ୍କ ବସା ଉଠାପାଇଁ ଶୀତତାପ ନିୟନ୍ତ୍ରିତ ଘରଟିଏର ବ୍ୟବସ୍ଥା କରିଛନ୍ତି। ଜିଲ୍ଲାପାଳଙ୍କ ଦପ୍ତର ନିକଟରେ ପରିତ୍ୟକ୍ତ ହୋଇ ପଡିଥିବା ଘରକୁ ରଙ୍ଗମାରି ସେଠାରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଟିଏ ଲଗାଇବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ବି ଯୋଗାଇ ଦେଇଛନ୍ତି। ସାମ୍ବାଦିକମାନଙ୍କ ଦାବିକୁ ପୂରଣ କରିଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ଆଉ ସେଭଳି ଖବର ହେଉନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି। ନିକଟରେ ଜିଲ୍ଲାପାଳ ଜଣଙ୍କ ମହିଳାଙ୍କୁ ଅସମ୍ମାନ କରିବା କଥା ଜିଲ୍ଲାରୁ ଆସି ବିଧାନସଭାରେ ଉଠିଲା। ବିରୋଧି ଦଳର ବରିଷ୍ଠ ନେତାମାନେ ଜିଲ୍ଲାପାଳଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜୋରଦାର ଦାବି କଲେ। ସରକାରଙ୍କୁ ଅକଳରେ ପକାଇଲେ। ହେଲେ ଜିଲ୍ଲାର କିନ୍ତୁ ଅଧିକାଂଶ ଗଣମାଧ୍ୟମରେ ଏହି ଖବର ଯେଭଳି ଭାବେ ପ୍ରକାଶ ପାଇବାକଥା ତାହା ହୋଇନାହିଁ। ଏ ସଂକ୍ରାନ୍ତରେ ହେଉଥିବା ଆଲୋଚନାରୁ ଜଣାଯାଇଛି ଯେ ଜିଲ୍ଲାପାଳଙ୍କ ଘର ଥୋପ ଯୋଗୁଁ ଏଭଳି ହୋଇଛି। ଖାଲି ଏହି ଗୋଟିଏ ଘଟଣା ନୁହେଁ, ଧାନ ବିକ୍ରିରେ ଅନିୟମିତତା ଠାରୁ ଆରମ୍ଭକରି ଜଳ ଯୋଗାଣରେ ଅନିୟମିତା ପର୍ଯ୍ୟନ୍ତ ଲୋକଙ୍କ ଖବରକୁ ବି କିଛି ଥୋପ ଗିଳା ପ୍ରତିନିଧି ଛୋଟ କରିଦେଉଛନ୍ତି। ତେବେ ଜିଲ୍ଲାପାଳଙ୍କ ଏହି ଥୋପ ଗିଳିନଥିବା କିଛି ହାତ ଗଣତି ସ୍ୱାଭିମାନି ପ୍ରତିନିଧି ଲୋକଙ୍କ ଖବରକୁ ଅଗ୍ରାଧିକାର ଭିତ୍ତିରେ ପ୍ରକାଶ କରୁଥିବାରୁ ସେମାନଙ୍କ ପାଇଁ କେଉଁ ଥୋପ ବ୍ୟବସ୍ଥା କରାଯିବା ସେ ନେଇ ଘନ ଘନ ଆଲୋଚନା ଚାଲିଥିବା ସୂଚନା ମିଳିଛି।



## ଖୋଜା ହେଲେଣି ଇଭି କିଣା ବାବୁ

ଇଭି ଗାଡି କିଣିବାକୁ ସରକାରୀ ବାବୁମାନଙ୍କୁ ସରକାର ସୁଧ ମୁକ୍ତ ଅଗ୍ରିମ ଦେଲେ। ଉଦେଶ୍ୟ ଥିଲା ପରିବେଶ ସୁରକ୍ଷା କରିବା। ହେଲେ ବାବୁମାନେ ପରିବେଶ ସୁରକ୍ଷା କରିବେ କ’ଣ ନିଜ ସହିତ ନିଜ ବନ୍ଧୁ ବାନ୍ଧବଙ୍କ ସୁରକ୍ଷାରେ ଲାଗି ପଡିଲେ। ନିଜ ପାଇଁ ତ ସୁଧ ଛାଡ ଯୋଜନାରେ ଇଭିଟିଏ କିଣିଲେ, ବନ୍ଧୁ ବାନ୍ଧବଙ୍କ ପାଇଁ ବି ଏହି ଯୋଜନାରେ ଗାଡି କିଣି ଦେଲେ। ଜଣେ ଜଣେ ବାବୁ ତିନି ଚାରିଟି ଇଭି କିଣିବା ଖବର ଉପର ହାକିମଙ୍କ ନିକଟରେ ପହଞ୍ଚିବା ପରେ ଏବେ ସରକାର ଏହି ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଏଭଳି ଇଭି କିଣା ବାବୁଙ୍କ ବିଷୟରେ ଖୋଳତାଡ ଆରମ୍ଭ କରିଛନ୍ତି। କେଉଁ କେଉଁ ବାବୁ କେଉଁ କିସମର କେତୋଟି ଇଭି କିଣିଛନ୍ତି ଓ ସେଗୁଡିକୁ କିଭଳି ବ୍ୟବହାର କରୁଛନ୍ତି ତାହାର ଗୁପ୍ତ ତଥ୍ୟ ସଂଗ୍ରହ କରାଯାଉଛି। ସବୁ ସୂଚନା ମିଳିଲା ପରେ ବାବୁଙ୍କ ନାମ ସାର୍ବଜନୀନ କରାଯିବା ସହିତ ତାଙ୍କ ଇଭି କିଣା ଉପରୁ ପରଦା ଉଠିବ। ତେବେ ମଜାର ହେଉଛି ଏହି ତଥ୍ୟ ସଂଗ୍ରହ କରୁଥିବା କିଛି ବାବୁ ଏଭଳି କେଲେଙ୍କାରୀରେ ଜଡିତ ଥିବାରୁ କିଏ କାହାର ସୂଚନା ଦେବ ତାହାକୁ ନେଇ ଏବେ ପରିବହନ ଓ ଅର୍ଥ ବିଭାଗ କରିଡରରେ ଆଲୋଚନା ଜୋର ଧରିଛି। ତେବେ ଯେଉଁମାନେ ଏହି ସୁଧ ମୁକ୍ତ ଅଗ୍ରିମ ଯୋଜନାରେ ଇଭିଟିଏ କିଣି ପରିବେଶର ସୁରକ୍ଷା ପାଇଁ ମନ ବଳାଇଥିଲେ ସେମାନେ ଏହି କରିତ୍‌କର୍ମା ବାବୁମାନଙ୍କ ପାଇଁ ନିରାଶ ହୋଇଥିବା ନେଇ ଆଲୋଚନା ଚାଲିଛି।

## ଓଏସଡିଙ୍କ ଗାଡ଼ିରେ କର୍ପୋରେସନ ତେଲ



ଓଏସଡିଙ୍କ ଗାଡିରେ ବି କର୍ପୋରେସନ ତେଲ ପଡୁଛି। ତେଲ ବାବଦରେ ବାବୁଙ୍କୁ ମାସକୁ ମାସ ଖର୍ଚ୍ଚପାଣି ଧରାଇ ଦିଆଯାଉଛି। ମାସ ଶେଷରେ ତେଲ ଖର୍ଚ୍ଚ ପାଇବାପାଇଁ ବାବୁ ଜଣଙ୍କ ଚାତକ ଭଳି ଚାହିଁ ରହୁଛନ୍ତି। ସଚିବାଳୟର ଶକ୍ତି ବିଭାଗ ନିକଟରେ ଏଭଳି ଆଲୋଚନା ଚାଲିଥିବାବେଳେ ଆମେ ଟିକେ କାନ ଡେରି ଶୁଣିଲୁ। ଜଣେ ଟାଇ ପିନ୍ଧା କର୍ପୋରେସନ ବାବୁ କହୁଥାନ୍ତି, ମନ୍ତ୍ରୀଙ୍କୁ ନୂଆ ଗାଡିଟିଏ ଚଢିବାପାଇଁ ଅଫର ଦେଇଥିଲୁ। ମନ୍ତ୍ରୀଙ୍କ ନିକଟରେ ସରକାରୀ ଗାଡି ଥିବାରୁ ସିଏ ମନା କରିଦେଲେ। ତେଣୁ ତାଙ୍କ ପାଇଁ ଉଦ୍ଦିଷ୍ଟ ନୂଆ ଗାଡି କିଣା ଯୋଜନା ବନ୍ଦ ରହିଲା। ଓଏସଡି ବାବୁ ଏତକ ଜାଣିବା ପରେ। ମନ୍ତ୍ରୀଙ୍କର ଦରକାର ନହେଲେ ଆମକୁ ଗାଡିଟି ଦେଇଦିଅ ବୋଲି କହିଲେ। ହେଲେ ସେମିତି ହୋଇପାରିବ ନାହିଁ ବୋଲି ଜଣାଇ ଦିଆଯିବାପରେ ତେଲ ଖର୍ଚ୍ଚ ପାଇଁ ଅଡି ବସିଲେ। ଏବେ ମାସକୁ ମାସ ଓଏସଡି ବାବୁଙ୍କୁ ତେଲ ଖର୍ଚ୍ଚ ଦେବାକୁ ପଡୁଛି। ବାବୁ ତ ସରକାରୀ ଗାଡି ଚଢୁଛନ୍ତି, ଏ ପଇସାରେ କେଉଁ ଗାଡିରେ ତେଲ ପକାଉଛନ୍ତି ବୋଲି ଜଣେ ଶ୍ରୋତା ପ୍ରଶ୍ନ କରିବାରୁ ଟାଇ ପିନ୍ଧା ବାବୁ ଜଣଙ୍କ ଏପଟ ସେପଟ ଅନାଇ କହିଲେ, ବୁଝିଲେ ଆଜ୍ଞା ଏ ପ୍ରଶ୍ନ ପଚାରିବାକୁ ଆମର ଜୁ ନାହିଁ। ଯଦି ପଚାରିବୁ ତେବେ ଆମର ଶକ୍ତି ହରଣ ହେବା ଥୟ। ତେଣୁ ଶକ୍ତିହୀନ ହେବା ଅପେକ୍ଷା କେଇଟା ଟଙ୍କାର ତେଲ ଖର୍ଚ୍ଚ ଦେଇଦେଲେ ଅସୁବିଧା କେଉଁଠି ? ଏକଥା ଶୁଣୁଥିବା ଅନ୍ୟମାନେ ଏକ ସାଙ୍ଗେ ମୁଣ୍ଡ ଟୁଙ୍ଗାରିବାରୁ ଆମେ ସେ ସ୍ଥାନ ଛାଡି ପଳାଇ ଆସିବାକୁ ଉଚିତ୍ ମନେ କଲୁ।

ଜାତୀୟ ଶିକ୍ଷା ନୀତି-୨୦୨୦ କର୍ମଶାଳାରେ ରାଜ୍ୟପାଳ

# ଶିକ୍ଷା ଜାତି ଗଠନର ଶକ୍ତିଶାଳୀ ଉପକରଣ

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏ ଦିଗରେ ଜାତୀୟ ଶିକ୍ଷା ନୀତି (ଏନଇପି)-୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ଯାହା ୨୦୩୬ ସୁଦ୍ଧା ‘ବିକଶିତ ଓଡ଼ିଶା’ ଏବଂ ୨୦୪୭ ସୁଦ୍ଧା ‘ବିକଶିତ ଭାରତ’ ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ଓ ଉଚ୍ଚଶିକ୍ଷା ସଂସ୍କାର ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ରାଜ୍ୟପାଳ।



ଏନଇପି-୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ପଷ୍ଟ ମାର୍ଗଦର୍ଶିକା। ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଓ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ। ଏହା ଜାତୀୟ ପ୍ରଗତି ଓ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର


**ଶିକ୍ଷା ନୀତି ପାଇଁ ପ୍ରଧାନମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ପ୍ରଶଂସା**

ପ୍ରତିଫଳନ। ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା ଏବଂ ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି ବୋଲି ସେ କହିଛନ୍ତି।

କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତିବିଦ୍ୟା, ତଥ୍ୟ ବିଜ୍ଞାନ ଏବଂ ଡିଜିଟାଲ୍ ନବସୃଜନ ଦ୍ୱାରା ପରିଚାଳିତ ଦ୍ରୁତ ବିଶ୍ୱ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ ଜ୍ଞାନ ଅର୍ଥନୀତି ବର୍ତ୍ତମାନ ଆଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତଃବିଷୟିକ ଶିକ୍ଷାର ଆବଶ୍ୟକତା କରେ। ଜାତୀୟ ଶିକ୍ଷା ନୀତି ୨୦୨୦ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସହ ସମନ୍ୱିତ ଭାବେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଙ୍କେତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିସ୍ତୃତ ଓ ଭବିଷ୍ୟତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଛନ୍ତି।

## ଆମ ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ପୁଣି ଥରେ ଆମ ବସ୍ ନେଇଛି ଜୀବନ। ଆମ ବସ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ସତସଙ୍ଗ ବିହାର-ବାଣୀବିହାର ମଝିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯିବା ସହ ସ୍ଥାନୀୟ ଅଞ୍ଚଳର ଲୋକେ ରାସ୍ତା ଉପରେ ବସ୍‌କୁ ଅଟକାଇ ରଖିଥିଲେ। ରାସ୍ତା ଉପରେ ପ୍ରାୟ ୮ଟି



ବସ୍ ଅଟକି ରହିଥିବା ବେଳେ ମୃତ ବାଇକ ଆରୋହୀଙ୍କ ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନାନୁସାରେ, ବାଇକରେ ଯୁବକ ଜଣଙ୍କ ଯାଉଥିବା ସମୟରେ ତାଙ୍କୁ ପଛପଟୁ ଆମ ବସ୍ ଧକ୍କା ଦେଇଥିଲା। ଏଥିରେ ବାଇକ ଆରୋହୀ ଜଣଙ୍କ ତଳେ ପଡ଼ିଯିବା ପରେ ତାଙ୍କ ଉପରେ ବସଟି ଚଢ଼ିଯାଇଥିଲା। ଫଳତଃ ଘଟଣାସ୍ଥଳରେ ହିଁ ଯୁବକ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଆମ ବସ୍ ବାରମ୍ବାର ଏଭଳି ଦୁର୍ଘଟଣା ଘଟାଉଥିବା ବେଳେ ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ସେମାନେ ବସ୍‌କୁ ଅଟକ ରଖିଛନ୍ତି। ଏନେଇ ଖବର ପାଇ ସ୍ଥାନୀୟ ସହିଦ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ୪ ଦିନ ଯାଏ କାଳବୈଶାଖୀ ସମ୍ଭାବନା

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ଆଗାମୀ ୪ ଦିନ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ତେଣୁ ଏଥିସକାଶେ ଆଜି ଆସନ୍ତାକାଲି ପାଇଁ ୧୩ଟି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ସହ କୁଆପଥର ବର୍ଷା ନେଇ ସତର୍କ କରାଇ ଦିଆଯାଇଛି। କାଳବୈଶାଖୀ ପ୍ରଭାବରେ ମେଘୁଆ ପାଗ ସହ ବର୍ଷା ସମ୍ଭାବନା ଥିବା ବେଳେ ଆଗାମୀ ୪ ଦିନ ଯାଏ ପ୍ରବଳ ବର୍ଷା ଓ ପବନ ପାଇଁ ଚେତାବନୀ ଦେଇଛି ପାଣିପାଗ ବିଭାଗ। ସେହିପରି ଆସନ୍ତା ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ , ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ବଜ୍ରପାତ ସହ ବର୍ଷା ସମ୍ଭାବନାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରକ ପରି ୧୬ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ଓ ବର୍ଷା ସମ୍ଭାବନା ଓ ୪୦ ରୁ ୫୦ କିମି ବର୍ଷାକୁ ନେଇ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି।



୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ସେହିପରି ଆସନ୍ତାକାଲି ପାଇଁ ସବୁ ଜିଲ୍ଲାକୁ ବର୍ଷା ନେଇ ଚେତାବନୀ ରହିଥିବା ବେଳେ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ,ସୁନ୍ଦରଗଡ଼ ଆଦି ୧୩ଟି ଜିଲ୍ଲାରେ ବଜ୍ରପାତ ସହ ୫୦ରୁ ୬୦ କିମି ଘଣ୍ଟା ପ୍ରତି ବେଗରେ ପବନ ହେବାର ଆଶଙ୍କା ବି ରହିଛି। ତେଣୁ ଏହିସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ରାୟଗଡ଼ା ଜିଲ୍ଲାରେ କୁଆପଥର ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ସହ ସତର୍କତା ଜାରି କରିଛି ବିଭାଗ। ଆସନ୍ତା ୬ ତାରିଖ ଯାଏ ପ୍ରବଳ ବର୍ଷା ସହ ୯ ତାରିଖ ଯାଏଁ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

## ଠକେଇ ମାମଲାରେ ଆପ୍ ନେତା ଗିରଫ

ଏକାଧିକ ବାର ଦେଇଥିଲେ ଜାଲ୍ ନିଯୁକ୍ତିପତ୍ର

**ସୁବର୍ଣ୍ଣପୁର,୩।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଆମ ଆଦମୀ ପାର୍ଟି (ଆପ)ସଭାପତି ପୃଥ୍ୱୀରାଜ ଜଗଦଲ(୨୬)ଙ୍କୁ ଠକେଇ ମାମଲାରେ ଗିରଫ କରାଯାଇଛି। ତାଙ୍କୁ ସୋନପୁର ପୁଲିସ ଗିରଫ କରିଥିବା ବେଳେ ଆଜି ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି ଏସପି ନାରାୟଣ ନାୟକ।



ତାଙ୍କ ସୂଚନାନୁସାରେ, ସୋନପୁର ଥାନା କୀର୍ତ୍ତିପୁର ଗ୍ରାମର ସରୋଜ ଭେସ୍ରା ପୃଥ୍ୱୀରାଜଙ୍କ ବିରୋଧରେ ସୋନପୁର ଥାନାରେ ଗତ ୨୨ ତାରିଖରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେଥିରେ ସରୋଜଙ୍କ ସ୍ତ୍ରୀଙ୍କୁ ପୋଷ୍ଟାଲ ଜିଡିଏସ୍ ଚାକିରି କରାଇଦେବା ପାଇଁ କହି କିସ୍ତି ହିସାବରେ ମୋଟ ୧ ଲକ୍ଷ ୫୫ ହଜାର ଟଙ୍କା ଠକିନେଇଥିଲେ ଶ୍ରୀ ଜଗଦଲା। ପରେ ସେ ସରୋଜଙ୍କୁ ଏକ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ଜାଲ୍ ବୋଲି ଜଣାପଡ଼ିଥିଲା। ସରୋଜ ଟଙ୍କା ଫେରାଇଦେବା ପାଇଁ କହିବାରୁ ପୁଣିଥରେ ଶ୍ରୀ ଜଗଦଲା ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଆଟେଣ୍ଡାଣ୍ଟ ଚାକିରି କରାଇଦେବେ ବୋଲି କହିବା ସହ ଏକ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ଅଭିଯୋଗକାରୀ ଉକ୍ତ ନିଯୁକ୍ତିପତ୍ରଟି ବି ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ପରବର୍ତ୍ତୀ ସମୟରେ ପୁଣି ସରୋଜ ସ୍ତ୍ରୀଙ୍କୁ ପୁଲିସ ଗୃହରକ୍ଷୀ ଭାବେ ଚାକିରି କରାଇଦେବାକୁ କହି ଶ୍ରୀ ଜଗଦଲା ନଗଦ ଟଙ୍କା, ବ୍ୟାଙ୍କ ମାଧ୍ୟମରେ ଓ ୟୁପିଆଇ ମାଧ୍ୟମରେ ନେଇଥିଲେ। ଏନେଇ ସୋନପୁର ଥାନାରେ ୧୪୩/୨୦୨୬ରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ସମୟରେ ଶ୍ରୀ ଜଗଦଲା ଆକାଉଣ୍ଟରେ ଓ ଫୋନପେ’ ଜରିଆରେ ଟଙ୍କା ନେଇଥିବାର ପ୍ରମାଣ ମିଳିଥିଲା। ପରେ ସୋନପୁର ପୁଲିସ ଟିମ୍ ଶ୍ରୀ ଜଗଦଲାଙ୍କୁ ବୀରମହାରାଜପୁର ବ୍ଲକ କଳାପଥରସ୍ଥିତ ତାଙ୍କ ଘରୁ ଗିରଫ କରି ଗତକାଲି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ଶ୍ରୀ ଜଗଦଲାଙ୍କୁ ସୋନପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଥାନାରେ ୬ଟି ମାମଲା ରହିଥିବା ବେଳେ ଜିଲ୍ଲା ବାହାରେ ମଧ୍ୟ ଅନେକ ଠକେଇ ମାମଲା ଥିବା ଏସ୍‌ପି ନାରାୟଣ ନାୟକ ସୂଚନା ଦେଇଛନ୍ତି।

## ୧୦୦ କୋଟିର ଗଞ୍ଜେଇ ତେଲ ଜବତ



**ମାଲକାନଗିରି,୩।୫(ସଂଚାର ବ୍ୟୁରୋ):** ମାଲକାନଗିରି ପୁଲିସକୁ ଆଜି ମିଳିଛି ବଡ଼ ସଫଳତା। ପାଖାପାଖି ୧୦୦ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ହୋଇଛି। ଚିତ୍ରକୋଣ୍ଡା ଥାନା ଏସ୍‌ଆର୍ ଛକରୁ ୨ ଲିଟର ଗଞ୍ଜେଇ ତେଲ ଜବତ କରିଛି ମାଲକାନଗିରି ପୁଲିସ। ଜବତ ଗଞ୍ଜେଇ ତେଲର ଆନୁମାନିକ ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କା ହେବ। ଚିତ୍ରକୋଣ୍ଡା ଅଞ୍ଚଳର ଏକ ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍ କାର୍ଯ୍ୟକ୍ଷମ ହେଉଥିବା ସୂଚନା ପାଇବା ପରେ ଚିତ୍ରକୋଣ୍ଡା ଥାନା ପୁଲିସ ପକ୍ଷରୁ ଏହାକୁ ଧରିବା ସକାଶେ ପୁଲିସ ଅପରେସନ ଆରମ୍ଭ କରିଥିଲା। ଏହି କ୍ରମରେ ଆଜି ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ସ୍ଥାନୀୟ ଏସଆର ଛକ ନିକଟରେ ଚଢ଼ାଉ କରି ଗୁପ୍ତ ଗଞ୍ଜେଇ ତେଲ ମୋବାଇଲ୍ ଉତ୍ପାଦନ ୟୁନିଟ୍ ବୋଝେଇ ଗାଡ଼ିକୁ କାବୁ କରିଥିଲା। ସିଲେରୁ ଅଞ୍ଚଳ ଅଭିମୁଖେ ଯାଉଥିବା ଏହି ଗାଡ଼ିକୁ ପୁଲିସ୍ ମାଡ଼ିବସିଥିଲା। ତେଲ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରାୟ ୮୦୦ ଲିଟର ରାସାୟନିକ ପଦାର୍ଥ ଜବତ କରାଯାଇଛି। ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍ ଭାଙ୍ଗି ଦିଆଯାଇଛି। ଗାଡ଼ିରୁ ସ୍ୱତନ୍ତ୍ର ପ୍ରସ୍ତୁତ ଉପକରଣ ସମେତ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରକ୍ରିୟାକରଣ ୟୁନିଟ୍ ଜବତ କରାଯାଇଛି। ତେବେ ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଜଣଙ୍କ ଫେରାର ହେବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି।

## ଗୋ-ଚାଲାଣ ବେଳେ ଗାଡ଼ିକୁ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

**ଭଦ୍ରକ,୩।୫(ସଂଚାର ବ୍ୟୁରୋ):** ଗୋ-ଚାଲାଣରେ ବ୍ୟବହୃତ କାରକୁ ଉତ୍ତ୍ୟକ୍ତ ଲୋକେ ଜାଳିଦେଇଛନ୍ତି। ଭଦ୍ରକ ସାବରଙ୍ଗ ଥାନା ବରାଙ୍ଗ ଗାଁରେ ଏହି ଘଟଣା ଘଟିଛି। ଏକ ଗୋରୁ ବୋଝେଇ ଗାଡ଼ି ବାସୁଦେବପୁରରୁ ଭଦ୍ରକ ଆସୁଥିବା ସମୟରେ ବାରଙ୍ଗ ଛକରେ ଲୋକେ ସେଥିରୁ ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଖବର ପାଇ ସ୍ଥାନୀୟ ସାବରଙ୍ଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ମାସରେ ଭଦ୍ରକ ଟାଉନ ଥାନା ଅଧିନ ବନ୍ତ ଛକ ନିକଟରେ ଏକ କାର୍‌କୁ ଲୋକେ ଜାଳିଦେଇଥିଲେ। ଉକ୍ତ ଗାଡ଼ିରେ ୫ଟି ଗୋରୁ ବୋଝେଇ ହୋଇଆସୁଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଉକ୍ତ ଗାଡ଼ିକୁ ଅଟକାଇଥିଲେ। ପରେ ସେମାନେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



## ରାଜଧାନୀରେ ଇଞ୍ଜିନିୟରିଂ ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୩।୫(ସଂଚାର ବ୍ୟୁରୋ):** ଇନଫୋସିଟି ଥାନାଞ୍ଚଳରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିବା ବେଳେ ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ସିନିୟର ଛାତ୍ରଙ୍କ ର୍ୟାଗିଂକୁ ଦାୟୀ କରିଛନ୍ତି ତାଙ୍କ ବାପା। ମୃତ ଛାତ୍ରଙ୍କ ନାଁ ବିଶ୍ୱାସ ସ୍ୱାଇଁ। ସେ ବି.ଟେକ ପ୍ରଥମ ବର୍ଷର ଛାତ୍ର ଥିଲେ। ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ପଦ୍ମଲାଭପୁରରେ ହୋଇଥିବା ବେଳେ ବାପା ବସନ୍ତ ସ୍ୱାଇଁ ମୟୂରଭଞ୍ଜ ଜିଲ୍ଲାରେ ଚାକିରି କରନ୍ତି।

ଗତକାଲି ରାତି ୧୦ଟାରୁ ୧୧ ଭିତରେ ଏହି ଘଟଣା ଘଟିଥିଲା। ତା’ ପୂର୍ବରୁ ବିଶ୍ୱାସ ତାଙ୍କ ଘର ଲୋକଙ୍କ ସହ ମାତ୍ର ୩ ମିନିଟ ପାଇଁ କଥା ହୋଇଥିଲେ। ରାତି ୯ଟା ୫୮ରୁ ୧୦ଟା ୧ ପର୍ଯ୍ୟନ୍ତ ବିଶ୍ୱାସ ଘର ଲୋକଙ୍କ ସହ କଥା ହୋଇଥିଲେ। କିନ୍ତୁ ରାତି ପ୍ରାୟ ୧୧ଟା ବେଳକୁ ବିଶ୍ୱାସଙ୍କ ବାପାଙ୍କ ନିକଟକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ କରିଥିଲେ ଓ ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା କହିଥିଲେ। ବିଶ୍ୱାସଙ୍କ ବାପା ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ଯୁବକଙ୍କୁ ଏକ ଘରୋଇ ହସ୍ପିଟାଲ୍‌କୁ ନିଆଯାଇଥିଲା। ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇସାରିଥିଲା। ବିଶ୍ୱାସଙ୍କ ବାପା ଇନ୍‌ଫୋସିଟି ଥାନାରେ ଦେଇଥିବା ଏଫଆଇଆରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପୁଅର ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟ ସମ୍ପୂର୍ଣ୍ଣ ରୂପେ ଦାୟୀ। ସିନିୟର ପିଲାମାନେ ବାରମ୍ବାର ତାଙ୍କ ପୁଅକୁ ର୍ୟାଗିଂ କରିଛନ୍ତି। ଏ ସମ୍ପର୍କରେ ପୁଅ ଘରେ ଜଣାଇଥିଲା। ପୁଅର ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟଙ୍କ ଅବହେଳାକୁ ସେ ଦାୟୀ କରିଛନ୍ତି।



## ଟଙ୍କା ସୁଝି ନ ପାରିବାରୁ ଯୁବକଙ୍କୁ ଅପହରଣ ଉଦ୍ୟମ, ୩ ଅଟକ

**ଭଦ୍ରକ,୩।୫(ସଂଚାର ବ୍ୟୁରୋ):** ଟଙ୍କା ସୁଝି ନ ପାରିବାରୁ ଯୁବକଙ୍କୁ ଅପହରଣ ଅଭିଯୋଗ। ଭଦ୍ରକ ଟାଉନ ଥାନା ଅଧୀନସ୍ଥ ପୋଷ୍ଟ ଅଫିସ ଛକ ନିକଟରୁ ୫ ଜଣ ଯୁବକ ଏକ ବୋଲେରୋରେ ଉଠାଇନେଇଛନ୍ତି। ତେବେ ଉକ୍ତ ଗାଡ଼ିକୁ ପିଛା କରି ବାରିକପୁର ଛକରୁ ଟାଉନ୍ ପୁଲିସ୍ ଉକ୍ତ ଯୁବକଙ୍କୁ ଉଦ୍ଧାର କରିଛି। ଏଥିସହ ଅପହରଣ ଉଦ୍ୟମ କରୁଥିବା ଯୁବକଙ୍କ ମଧ୍ୟରୁ ୩ ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳରୁ ଉକ୍ତ ଅପହର୍ତ୍ତାମାନେ ଆସିଥିବା ଜଣାପଡ଼ିଛି। କଟକ ଜିଲ୍ଲା ତିଗିରିଆ ପାଞ୍ଚପଡା ଅଞ୍ଚଳର ପ୍ରସନ୍ନ ପ୍ରଧାନ ନାମକ ଯୁବକ ଭଦ୍ରକ ସହରାଞ୍ଚଳ ଥାନା କୁଆଁସରେ ଭଡ଼ାରେ ରହୁଥିଲେ। ସେ ବ୍ରହ୍ମପୁର ଅଞ୍ଚଳର କେତେକ ଲୋକଙ୍କଠାରୁ କାଜୁ ଚାଷ ପାଇଁ ଟଙ୍କା ଧାର ସୂତ୍ରରେ ଆଣିଥିଲେ। ତେବେ ସେ ଉକ୍ତ ଟଙ୍କା ଶୁଝି ପାରି ନ ଥିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ବ୍ରହ୍ମପୁରର କିଛି ଯୁବକ ଭଦ୍ରକ ଆସି ତାଙ୍କୁ ଅପହରଣ କରିନେବା ସକାଶେ ଯୋଜନା କରି ବୋଲେରୋରେ ଆସି ପୋଷ୍ଟ ଅଫିସ ଛକଠାରେ ଅପେକ୍ଷା କରିଥିଲେ। ପ୍ରସନ୍ନ ସଉଦା ନେଇ ଯାଉଥିଲା ସମୟରେ ସେମାନେ ତାଙ୍କୁ ଉକ୍ତ ବୋଲେରୋରେ ବସାଇ ଉଠାଇ ନେଉଥିଲେ। କିନ୍ତୁ ଠିକ୍ ସମୟରେ ପୁଲିସ୍ ସେଠାରେ ପହଞ୍ଚି ପ୍ରସନ୍ନଙ୍କୁ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବୀମା କ୍ଷେତ୍ରରେ ସରକାରଙ୍କ ବଡ଼ ବାଜି

# ୧୦୦% ବିଦେଶୀ ନିବେଶକୁ ସବୁଜ ସଂକେତ



ନୂଆଦିଲ୍ଲୀ, ୩।୫ଃ କେନ୍ଦ୍ର ସରକାର ବୀମା ଅର୍ଥାତ ଇନସ୍ୟୁରାନ୍ସ ସେକ୍ଟରର ଛବି ବଦଳାଇବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏବେ ଦେଶର ବୀମା କ୍ଷେତ୍ରକୁ ୧୦୦ ପ୍ରତିଶତ ବିଦେଶୀ ନିବେଶ (ଏଫଡିଆଇ) ଆସିବାର ରାସ୍ତା ସଫା ହୋଇଯାଇଛି। ସରକାର ଏହାକୁ ଶନିବାର ଅଟୋମେଟିକ୍ ରୁଟ୍ ରେ ମଞ୍ଜୁରୀ ଦେଇଛନ୍ତି। ଅର୍ଥାତ ବିଦେଶୀ କମ୍ପାନୀଙ୍କ ଲାଗି ଭାରତର ବୀମା ବଜାର ନିବେଶ କରିବା ଓ ବାଣିଜ୍ୟ କରିବା ଏବେ ସହଜ ହେବ। ସରକାରଙ୍କ ଏହି ନିଷ୍ପତ୍ତିର ସିଧା ଲାଭ ଏବେ ଗ୍ରାହକଙ୍କୁ ମିଳିବ। ଡିସେମ୍ବର ୨୦୨୫ରେ ସଂସଦ ବୀମା କ୍ଷେତ୍ରରେ ଏଫଡିଆଇ ସୀମାକୁ ୭୪%ରୁ ବଢାଇ ୧୦୦% କରିବା ପାଇଁ ବିଲ୍ ଗୃହୀତ କରିଥିଲେ। ଏହା ଫେବୃଆରୀ ୨୦୨୬ରେ ଡିପିଆଇଆଇ ନୋଟିଫିକେସନ ପରେ ଆଇନରେ ପରିବର୍ତ୍ତିତ ହୋଇ ସାରିଛି। ସାଧାରଣ ଲୋକଙ୍କ ଦୃଷ୍ଟିରେ ଦେଖିଲେ ଯେତେବେଳେ ବିଦେଶୀ କମ୍ପାନୀ ବ୍ୟବସାୟ ଲାଗି ଭାରତ ଆସିବେ ଗ୍ରାହକଙ୍କୁ ଲୋଭାଇବା ପାଇଁ ଆକର୍ଷକ ପଦକ୍ଷେପ ନେବେ। ପ୍ରତିଯୋଗୀତା ବଢିବା ଯୋଗୁ ଇନସ୍ୟୁରାନ୍ସର ପହଞ୍ଚ ବଢିବ। ଏଣୁ ପଲିସି ପ୍ରିମିୟମ ଶସ୍ତା ହେବ। ଏହା ଛଡା ଦେଶର ଯୁବବର୍ଗଙ୍କ ଲାଗି ରୋଜଗାରର ନୂଆ ଅବସର ସୃଷ୍ଟି ହେବ।

ଯଦିଓ ପୁରା ସେକ୍ଟର ଲାଗି ସରକାର ଦ୍ୱାର ଉନ୍ମୁକ୍ତ କରିଦେଇଛନ୍ତି

## ଏଲଆଇସି ଲାଗି ନୂଆ ନିୟମ

ତେବେ ଦେଶର ସର୍ବ ବୃହତ୍ତ ଓ ନିର୍ଭରଯୋଗ୍ୟ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ପାଇଁ ଅଲଗା ନିୟମ କରାଯାଇଛି। ଏଥିରେ ଏଲଆଇସିରେ ବିଦେଶୀ ନିବେଶ ସୀମା ୨୦% ଧାର୍ଯ୍ୟ କରାଯାଇଛି। ଏହାର କାରଣ ହେଉଛି ଏଲଆଇସି ସଞ୍ଚାଳନ ଆକ୍ଟ ୧୯୫୬ ଅନୁସାରେ ହେଉଛି। ଏଣୁ ସରକାର ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ରୁଲସ୍ ୨୦୨୬ ସଂଶୋଧନ କରି ଏହା ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ସରକାରୀ କମ୍ପାନୀରେ ବିଦେଶୀ ଦଖଲ ଏକ ସୀମିତ ସୀମାରେ ରହିବ। ତେବେ ବୀମା କ୍ଷେତ୍ର ଲାଗି ଭାରତ ସରକାରଙ୍କ ନୂଆ ନିଷ୍ପତ୍ତି ଯୋଗୁ ଚୀନ୍ ଓ ହଂକଂଭଳି ଦେଶମାନଙ୍କରୁ ଆସିବାକୁ ଥିବା ନିବେଶ ଉପରେ ନିୟମ କୋହଳ କରାଯାଇଛି। ପୂର୍ବରୁ ନିୟମ ଥିଲା ଯେ କୌଣସି ବିଦେଶୀ କମ୍ପାନୀରେ ଭାରତ ସୀମାକୁ ଲାଗି ରହିଥିବା ଦେଶଙ୍କ ଯଦି ଜଣେ ବି ସେୟାର ହୋଲ୍ଡର ଥିବେ ତେବେ ତାଙ୍କୁ ସରକାରଙ୍କ ମଞ୍ଜୁରୀ ନେବାକୁ ପଡିବ। ହେଲେ ଏବେ ସରକାର ଚୀନ୍ ଅଥବା ହଂକଂର କୌଣସି କମ୍ପାନୀରେ ୧୦% ପର୍ଯ୍ୟନ୍ତ ଭାଗିଦାରୀ ଥିଲେ ସେମାନେ ସର୍ତ୍ତ ପାଳନ କରି ଅଟୋମେଟେଡ ରୁଟରେ ନିବେଶ କରିପାରିବେ। ତେବେ ସରକାରଙ୍କ ନଜର ନିବେଶର ଅସଲ ମାଲିକ (ବେନିଫିସିଆଲ ଓନର)ଙ୍କ ଉପରେ ରହିବ। ଏଥିରେ ତାଙ୍କୁ କୌଣସି ପ୍ରକାରର ରିହାତି ଦିଆଯିବନି। ଯଦି ଆପଣ ଭାବୁଥାନ୍ତି ୧୦୦% ବିଦେଶୀ ନିବେଶ ବାଦେ କମ୍ପାନୀ ଏକଚାଟିଆ ବ୍ୟବହାର କରିବେ,ତେବେ ଏହା ସମ୍ପୂର୍ଣ୍ଣ ଭୁଲ। ସରକାର କହିଛନ୍ତି ଯଦିଓ ନିବେଶ ଅଟୋମେଟେଡ ରୁଟରେ ହୋଇଥାଏ ତଥାପି କମ୍ପାନୀମାନଙ୍କୁ ଇନସ୍ୟୁରାନ୍ସ ବ୍ୟବସାୟ କରିବା ପାଇଁ ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ର କଡ଼ା ଯାଞ୍ଚ ଓ ଲାଇସେନ୍ସିଂ ପ୍ରକ୍ରିୟା ଦେଇ ଯିବାକୁ ହେବ। ଇନସ୍ୟୁରାନ୍ସ ଆକ୍ଟ ୧୯୩୮ ଅନୁସାରେ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ରେଗୁଲେଟରଙ୍କ ନିୟନ୍ତ୍ରଣ ଏହି କମ୍ପାନୀଙ୍କ ଉପରେ ରହିବ।

# ଏଣିକି ପ୍ରତ୍ୟେକ ସ୍କ୍ରିନରେ ଚାଲିବ ୟୁଟ୍ୟୁବ୍

ନୂଆଦିଲ୍ଲୀ,୩।୫ଃ ଏଣିକି ୟୁଟ୍ୟୁବରେ ଭିଡିଓ ଦେଖିବା ହେବ ଆହୁରି ସହଜ। ୟୁଟ୍ୟୁବ ଏହାର ଲୋକପ୍ରିୟ ପିକଚର୍-ଇନ୍-ପିକଚର୍ (ପିଆଇପି) ଫିଚରକୁ ବିଶ୍ୱବ୍ୟାପୀ ଅଧିକରୁ ଅଧିକ ଉପଭୋକ୍ତାଙ୍କ ପାଖରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ, ଏହି ଫିଚର ସୀମିତ ସଂଖ୍ୟକ ଉପଭୋକ୍ତାଙ୍କ ଥିଲା, କିନ୍ତୁ ଧୀରେ ଧୀରେ ଏହା ସମସ୍ତ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ହେବ। ପୂର୍ବରୁ, ପିଆଇପି ଫିଚର କେବଳ ଆମେରିକା ବାହାରେ ଥିବା ପ୍ରିମିୟମ୍ ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ ଥିଲା, ଯେତେବେଳେ କି ଆମେରିକାରେ କିଛି ଅଣ-ପ୍ରିମିୟମ୍ ଉପଭୋକ୍ତା ମଧ୍ୟ ଏହାର ଲାଭ ଉଠାଇପାରିବେ। ଗୁଗୁଲ୍ ଏବେ ନିଶ୍ଚିତ କରିଛି ଯେ ଏହିଫିଚର ନିକଟ ଭବିଷ୍ୟତରେ ବିଶ୍ୱବ୍ୟାପୀ ସମସ୍ତ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ହେବ। ଏହି ପରିବର୍ତ୍ତନର ଅର୍ଥ ହେଉଛି ଅଧିକ ଲୋକ ଆପ୍ ବନ୍ଦ ନକରି ଏକ ଛୋଟ ୱିଣ୍ଡୋରେ ଭିଡିଓ ଦେଖିପାରିବେ। ପିଆଇପି ମୋଡ୍ରେ, ଆପଣ ଭିଡିଓକୁ ଏକ ଛୋଟ ଫ୍ଲୋଟିଂ ୱିଣ୍ଡୋରେ ପରିଣତ କରିପାରିବେ ଯାହା ଆପଣ ଅନ୍ୟ ଏକ ଆପ୍ ବ୍ୟବହାର କରୁଥିଲେ ମଧ୍ୟ ସ୍କ୍ରିନ୍ରେ ଚାଲିଥାଏ। ଆପଣ ୟୁଟ୍ୟୁବ୍ ଆପ୍ରୁ ବାହାରିବା ମାତ୍ରେ କିମ୍ବା ହୋମ୍ ବଟନ୍ ଦବାଇବା ମାତ୍ରେ, ଭିଡିଓଟି ସ୍ୱୟଂଚାଳିତ ଭାବରେ ଛୋଟ ପ୍ଲେୟାରରେ ଚାଲିବା ଆରମ୍ଭ କରିଦିଏ। ଆପଣ ଏହି ଛୋଟ ଭିଡିଓ ପ୍ଲେୟାରକୁ ସ୍କ୍ରିନ୍ର ଯେକୌଣସି ସ୍ଥାନକୁ ଘୁଞ୍ଚାଇ ପାରିବେ ଏବଂ ଏହାକୁ ଅନ୍ୟ ଆପ୍ସଗୁଡ଼ିକ ଉପରେ ମଧ୍ୟ ରଖିପାରିବେ, ଯାହା ମଲ୍ଟିଟାସ୍କିଂକୁ ବହୁତ ସହଜ କରିଥାଏ। ନୂତନ ଅପଡେଟ୍ ସହିତ, ପ୍ରିମିୟମ୍ ବ୍ୟବହାରକାରୀମାନେ ମଧ୍ୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସରେ ଲମ୍ବା ଭିଡିଓ ପାଇଁ ପିଆଇପି ଫିଚର୍ ବ୍ୟବହାର କରିପାରିବେ। ପ୍ରିମିୟମ୍ ୟୁଜରମାନେ ସଙ୍ଗୀତ ଏବଂ ଅଣ-ସଙ୍ଗୀତ ଭିଡିଓ ଉଭୟ ପାଇଁ ଏହି ଫିଚର୍ ଉପଭୋଗ କରିବା ଜାରି ରଖିବେ। ଯଦି ଆପଣ ପିଆଇପି ଫିଚର୍ ବ୍ୟବହାର କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏହାକୁ ଆପଣଙ୍କ ଫୋନର ସେଟିଂସରେ ସକ୍ଷମ କରିବାକୁ ପଡିବ। ଆଣ୍ଡ୍ରଏଡ୍ ବ୍ୟବହାରକାରୀମାନେ ସେଟିଂସ > ଆପ୍ସରେ ଥିବା ୟୁଟ୍ୟୁବ୍ ବିକଳ୍ପକୁ ଯାଇ ପିକ୍ଚର ଇନ୍-ପିକ୍ଚର କରିପାରିବେ। ଯଦି ଆପଣ ଏହି ଫିଚର୍ ଅକ୍ଷମ କରିବାକୁ ଚାହାଁନ୍ତି, ତେବେ ଆପଣ ୟୁଟ୍ୟୁବ୍ ଆପ୍ ସେଟିଂସର ପ୍ଲେବ୍ୟାକ୍ ବିଭାଗରେ ପିଆଇପି ବନ୍ଦ କରିପାରିବେ। ପିଆଇପି ମୋଡ୍ ବ୍ୟବହାର କରିବା ସମୟରେ, ଆପଣ ନିୟନ୍ତ୍ରଣ ଦେଖିବା ପାଇଁ ଏକ ଛୋଟ ଭିଡିଓ ଉପରେ ଟ୍ୟାପ୍ କରିପାରିବେ, କିମ୍ବା ଏହାକୁ ବନ୍ଦ କରିବା ପାଇଁ ସ୍କ୍ରିନର ତଳକୁ ଟାଣି ଆଣିପାରିବେ। ଏହି ଫିଚର ବିଶେଷ ଭାବରେ ସେମାନଙ୍କ ପାଇଁ ଉପଯୋଗୀ ଯେଉଁମାନେ ଭିଡିଓ ଦେଖିବା ସମୟରେ ଚାଟ୍ କରିବାକୁ, ବ୍ରାଉଜ୍ କରିବାକୁ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଚାହାଁନ୍ତି। ଏବେ, ଏହି ୟୁଟ୍ୟୁବ୍ ଅପଡେଟ୍ ୟୁଜରଙ୍କୁ ଆହୁରି ଅଧିକ ସ୍ୱାଧୀନତା ଦେବ, ଯାହା ସେମାନଙ୍କୁ ବାଧାରେ ସେମାନଙ୍କର ପ୍ରିୟ ଭିଡିଓ ଉପଭୋଗ କରିବାକୁ ଅନୁମତି ଦେବ।




# ବାଣିଜ୍ୟିକ ଏଲ୍ପିଜି ଗ୍ୟାସ୍ଃ ୨ ମାସରେ ୧୩୦୦ ଟଙ୍କା ବଢ଼ିଲାଣି

ନୂଆଦିଲ୍ଲୀ, ୩।୫ଃ ମଧ୍ୟପ୍ରାଚ୍ୟ ଯୁଦ୍ଧର ବଡ଼ ପ୍ରଭାବ ବାଣିଜ୍ୟିକ ଏଲ୍ପିଜି ଉପରେ ପଡ଼ିଛି। ରାଷ୍ଟ୍ରାୟତ୍ତ ତେଲ କମ୍ପାନିଗୁଡ଼ିକ ୧୯ କିଗ୍ରା ବିଶିଷ୍ଟ ଏଲ୍ପିଜି ସିଲିଣ୍ଡର ଦରରେ ୯୯୩ ଟଙ୍କାର ବଡ଼ ବୃଦ୍ଧି କରିଛନ୍ତି। ଏହା ଫଳରେ ଭୁବନେଶ୍ୱରରେ ୧୯ କିଗ୍ରା ବିଶିଷ୍ଟ ବାଣିଜ୍ୟିକ ଏଲ୍ପିଜି ଦର ୩୨୬୦ ଟଙ୍କା ୫୦ ପଇସାରେ ପହଞ୍ଚି ଯାଇଛି। ପୂର୍ବରୁ ଏହାର ଦର ୨୨୬୦ ଟଙ୍କା ୫୦ ପଇସା ଥିଲା। ଅର୍ଥାତ୍ ଭୁବନେଶ୍ୱରରେ ଉକ୍ତ ଦରରେ ୯୯୪ ଟଙ୍କାର ବୃଦ୍ଧି ଘଟିଛି। ସେହିଭଳି ୫ କିଗ୍ରା ବିଶିଷ୍ଟ ବାଣିଜ୍ୟିକ ଏଲ୍ପିଜି ଦର ୩୧୨ ଟଙ୍କା ବୃଦ୍ଧି ଘଟି ୮୮୫ ଟଙ୍କାରେ ପହଞ୍ଚିଛି। ମେ ପହିଲାରୁ ଏହାକୁ ଲାଗୁ କରାଯାଇଛି। ତେବେ ଘରୋଇ ଏଲ୍ପିଜି ଦରକୁ ଅପରିବର୍ତ୍ତିତ ରଖାଯାଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଦେଶରେ ଗ୍ୟାସ ସଙ୍କଟ ଦେଖାଦେଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବାରୁ ଦେଶକୁ ଗ୍ୟାସ ଆସିବାରେ ଅସୁବିଧା ହେଉଛି। ଏଥିସହିତ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଅଶୋଧିତ ତେଲ ଓ ଗ୍ୟାସ ଦର ବଢ଼ିଯାଇଛି। ସରକାର ଏଥିପାଇଁ ବାଣିଜ୍ୟିକ ଗ୍ୟାସ ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଫେବ୍ରୁଆରି ୨୮ ତାରିଖରେ ଆରମ୍ଭ ହେବାପରଠାରୁ ସରକାରୀ କମ୍ପାନିଗୁଡ଼ିକ ବାଣିଜ୍ୟିକ ଏଲ୍ପିଜି ଦର ୩ ଥର ବଢ଼ାଇ ସାରିଲେଣି । ଗତ ମାର୍ଚ୍ଚ ୭



ତାରିଖରେ ୧୯ କିଗ୍ରା ବିଶିଷ୍ଟ ବାଣିଜ୍ୟିକ ଏଲ୍ପିଜି ଦର ୧୧୫ ଟଙ୍କା ବଢ଼ାଇଥିଲେ । ଏହା ପରେ ଏପ୍ରିଲ ପହିଲାରେ ୧୯୫ ଟଙ୍କା ଏବଂ ମେ ପହିଲାରେ ୯୯୩ ଟଙ୍କା ବଢ଼ାଇଛନ୍ତି । ଦୁଇମାସରୁ କମ୍ ସମୟ ମଧ୍ୟରେ ବାଣିଜ୍ୟିକ ଏଲ୍ପିଜି ଦର ୧୩୦୦ ଟଙ୍କାରୁ ଅଧିକ ମହଙ୍ଗା ହୋଇଗଲାଣି। ପୂର୍ବରୁ ବାଣିଜ୍ୟିକ ଏଲ୍ପିଜି ଦର ବୃଦ୍ଧି ସହିତ ଉପଲବ୍ଧତା ହ୍ରାସ ପାଇଥିବାରୁ ଅର୍ଥନୀତି ପ୍ରଭାବିତ ହୋଇଥିଲା। ବର୍ତ୍ତମାନର ବୃଦ୍ଧି ପୂର୍ବ ସମସ୍ୟାକୁ ଆହୁରି ଜଟିଳ କରିବ। ଦରରେ ପାଖାପାଖି ୧୦୦୦ ଟଙ୍କାର ବୃଦ୍ଧି କରାଯାଇଥିବାରୁ ରେସ୍ତୋରାଁ, ହୋଟେଲଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି ଖର୍ଚ୍ଚ ବଢ଼ିଯିବ। ଏଥିସହିତ ଏଲ୍ପିଜି ବ୍ୟବହାର କରୁଥିବା କଳକାରଖାନାଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ମଧ୍ୟ ବଢ଼ିଯିବ। ବୟନଶିଳ୍ପ, କାଚ ଓ ସେରାମିକ ଶିଳ୍ପଠାରୁ ଆରମ୍ଭ କରି ରାସାୟନିକ ଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଦି ପ୍ରଭାବିତ ହେବ। ସେହିଭଳି କ୍ଲାଉଡ କିଚେନ ଓ କ୍ୟାଟରିଂ ସେବା ମଧ୍ୟ ବାଧାପ୍ରାପ୍ତ ହେବ । ଏସବୁ ସାଧାରଣ ଖାଉଟିଙ୍କୁ ମଧ୍ୟ କ୍ଷତି ପହଞ୍ଚାଇବ।

# ଜୁନ୍ ପରେ ମହଙ୍ଗା ହେବ ଆଇଫୋନ୍ !

ନୂଆଦିଲ୍ଲୀ, ୩।୫: ଚୀନ୍ କମ୍ପାନୀ ଭିଭୋ ଏବଂ ଓପୋ ସେମାନଙ୍କର ସ୍ମାର୍ଟଫୋନର ମୂଲ୍ୟ ବୃଦ୍ଧି କରିଛନ୍ତି। ତଥାପି, ଆପଲ୍ ଆଇଫୋନର ମୂଲ୍ୟ ବୃଦ୍ଧି ହୋଇନାହିଁ। କିନ୍ତୁ ଆପଲ୍ ଭବିଷ୍ୟତରେ ଆଇଫୋନର ମୂଲ୍ୟ ମଧ୍ୟ ବୃଦ୍ଧି କରିପାରେ। ଆମେ ଏହା କହୁନାହୁଁ। ପ୍ରକୃତରେ, ସମ୍ପ୍ରତି ଆପଲ୍ ୨୦୨୬ ତ୍ରୟମାସିକ ଆୟ କଲ୍ ସମୟରେ, କମ୍ପାନୀର ସିଇଓ ଟିମ୍ କୁକ୍ ଙ୍କ କଥାରୁ ଜଣାପଡୁଛି ଯେ ଆପଲ୍ ଭବିଷ୍ୟତରେ ଆଇଫୋନର ମୂଲ୍ୟ ବୃଦ୍ଧି କରିପାରେ। କଲ୍ ସମୟରେ, ଟିମ୍ କୁକ୍ ଚେତାବନୀ ଦେଇଥିଲେ ଯେ କମ୍ପ୍ୟୁଟର ମେମୋରୀର ବୃଦ୍ଧି ପାଉଥିବା ମୂଲ୍ୟ କମ୍ପାନୀର ଲାଭକୁ ପ୍ରଭାବିତ କରୁଛି। ଏହା ଦ୍ୱାରା ଅନୁମାନ କରାଯାଉଛି ଯେ ଏହି ବର୍ଦ୍ଧିତ ଖର୍ଚ୍ଚ ଖୁବ୍ ଶୀଘ୍ର ଗ୍ରାହକଙ୍କ ଉପରେ ପଡ଼ିପାରେ।

ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଟିମ୍ କୁକ୍ ଅର୍ଣ୍ଣିଂ କଲ୍ ସମୟରେ ବିସ୍ତୃତ ଭାବରେ କହିଥିଲେ ଯେ, କିପରି ବର୍ଦ୍ଧିତ କମ୍ପ୍ୟୁଟର ମେମୋରୀ ମୂଲ୍ୟ ଟେକ୍ ଜାଏଣ୍ଟ ଉପରେ ପ୍ରଭାବ ପକାଉଛି। ସେ କହିଛନ୍ତି ଯେ "ଗତ ବର୍ଷ ଶେଷରେ ପ୍ରଭାବ ସର୍ବନିମ୍ନ ଥିଲେ ମଧ୍ୟ, ମାର୍ଚ୍ଚ ତ୍ରୈମାସିକରେ ମେମୋରୀ ଖର୍ଚ୍ଚ ବୃଦ୍ଧି ପାଇବା ଆରମ୍ଭ କରିଥିଲା, ଯାହାକୁ କମ୍ପାନୀ ମଧ୍ୟ ଗ୍ରହଣ କରିଥିଲା। ତଥାପି, ପ୍ରକୃତ ଚାପ ଏବେ ଆରମ୍ଭ ହେଉଛି। "ମୁଁ କିଛି ସମୟ ପାଇଁ ଡିସେମ୍ବରକୁ ଫେରିଯାଉଛି ଏବଂ ଆପଣଙ୍କୁ ସମଗ୍ର କାହାଣୀ ବିଷୟରେ କହୁଛି। ଡିସେମ୍ବର ତ୍ରୈମାସିକରେ, ଆମେ ମେମୋରୀ ଦ୍ୱାରା ସର୍ବନିମ୍ନ ପ୍ରଭାବିତ ହୋଇଥିଲୁ, ଏବଂ ଆପଣ ତାହା ଆମର ମୋଟ ମାର୍ଜିନ୍ ଫଳାଫଳରେ ଦେଖିପାରିବେ। ଆମେ ମାର୍ଚ୍ଚ ତ୍ରୈମାସିକରେ ସାମାନ୍ୟ ବୃଦ୍ଧି ପୂର୍ବାନୁମାନ କରିଥିଲୁ, ଏବଂ ଆମେ ମାର୍ଚ୍ଚ ତ୍ରୈମାସିକରେ ମେମୋରୀ ଖର୍ଚ୍ଚରେ ବୃଦ୍ଧି ଦେଖିଥିଲୁ। ତଥାପି,



ଆମର ବର୍ତ୍ତମାନର ଇନଭେଣ୍ଟରୀର ଲାଭ ଏହି ଖର୍ଚ୍ଚର କିଛି ପରିମାଣକୁ ପୂରଣ କରିଛି।"

କୁକ୍ କହିଛନ୍ତି ଯେ, ଆପଲ୍ ଚଳିତ ଜୁନ୍ ତ୍ରୈମାସିକରେ ମେମୋରୀ ଖର୍ଚ୍ଚରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଆଶା କରୁଛି। ଯଦିଓ କମ୍ପାନୀ ପୂର୍ବରୁ ଷ୍ଟକରେ ଥିବା ପୁରୁଣା ଇନଭେଣ୍ଟୋରୀ ବ୍ୟବହାର କରି ଏହି ପ୍ରଭାବକୁ କିଛି ପରିମାଣରେ ହ୍ରାସ କରିପାରିଛି, ତଥାପି ସେହି ବଫର ଏବେ ଶେଷ ହେବାକୁ ଯାଉଛି।

ଟିମ୍ କୁକ୍ ଏହା ମଧ୍ୟ କହିଛନ୍ତି ଯେ "ଆଶା କରାଯାଉଛି ଯେ ଜୁନ୍ ତ୍ରୈମାସିକ ପାଇଁ ମେମୋରୀ ଖର୍ଚ୍ଚ ଯଥେଷ୍ଟ ଅଧିକ ହେବ। ଏହି ଖର୍ଚ୍ଚଗୁଡ଼ିକ କ୍ୟାରି-ଇନ୍ ଇନଭେଣ୍ଟରୀ ଲାଭ ଦ୍ୱାରା ଆଂଶିକ ଭାବରେ ପୂରଣ କରାଯିବ। ଯଦିଓ ଆମେ ଜୁନ୍ ପରେ ନିର୍ଦ୍ଦିଷ୍ଟ ସୂଚନା ଦେଇପାରିବୁ ନାହିଁ, କିନ୍ତୁ ମୁଁ ଆପଣଙ୍କୁ କହିପାରିବି ଯେ ଜୁନ୍ ତ୍ରୈମାସିକ ପରେ, ଆମେ ବିଶ୍ୱାସ କରୁଛୁ ଯେ ମେମୋରୀ ଖର୍ଚ୍ଚ ଆମର ବ୍ୟବସାୟ ଉପରେ ବର୍ଦ୍ଧିତ ପ୍ରଭାବ ପକାଇବ, ଏବଂ ଆମେ ଏହାକୁ କଡ଼ାକଡ଼ି ଭାବରେ ନିରୀକ୍ଷଣ କରିବୁ।"

# ଡେଲିଭରି ପାର୍ଟନରଙ୍କୁ ତାତିରୁ ମିଳିବ ଆଶ୍ୱସ୍ତି, ପଦକ୍ଷେପ ନେଲେ କମ୍ପାନି

ନୂଆଦିଲ୍ଲୀ,୩।୫ଃ ଦେଶର ବିଭିନ୍ନ ଭାଗରେ ଏବେ ପ୍ରବଳ ତାତି ଦେଖାଦେଇଛି। ତାପମାତ୍ରା ୪୦ ଡିଗ୍ରି ଉପରେ ରହୁଛି। ଲୋକଙ୍କ ପାଖରେ ଖାଦ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ପହଞ୍ଚାଇବା ନିମନ୍ତେ ଅହରହ କାମ କରୁଥିବା ଡେଲିଭରି ଏଜେଣ୍ଟମାନେ ଏଥିପାଇଁ ଅସୁବିଧାରେ ପଡୁଛନ୍ତି। ଶରୀରରୁ ଜଳୀୟଅଂଶ କମିଯିବା, ତାପରୁ କ୍ଳାନ୍ତି ଅନୁଭବ କରିବା ସହିତ ଅଂଶୁଘାତ ଭଳି ସମସ୍ୟା ସେମାନେ ସାମନା କରୁଛନ୍ତି। ଟାର୍ଗେଟ୍ ହାସଲ ସହିତ ଅଳ୍ପ ସମୟରେ ଲୋକଙ୍କ ନିକଟରେ ଜିନିଷ ପହଞ୍ଚାଇବାବେଳେ ସେମାନଙ୍କ ଶରୀର ଅସୁସ୍ଥ ମଧ୍ୟ ହୋଇପଡୁଛି। ପ୍ରବଳ ଖରାରେ ସେମାନେ କାମ କରୁଥିଲେ ମଧ୍ୟ ରାସ୍ତାରେ ସେମାନଙ୍କୁ ଶୁଦ୍ଧ



ପାନୀୟ ଜଳ ପିଇବା କିମ୍ବା ଛାଇରେ ଆଶ୍ରୟ ନେବା ଭଳି ସୁବିଧା ମିଳି ନଥାଏ।ଡେଲିଭରି ଏଜେଣ୍ଟଙ୍କ ପେସାରେ ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଇ-କମର୍ସ ଓ କ୍ୱିକ କମର୍ସ କମ୍ପାନିଗୁଡ଼ିକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ତାତିରୁ ରକ୍ଷା ଦେବା ଭଳି ସ୍ୱତନ୍ତ୍ର ପୋଷାକଠାରୁ ଆରମ୍ଭ କରି ଶୀତତାପ ନିୟନ୍ତ୍ରିତ ଆଶ୍ରୟ ସ୍ଥଳ ଆଦି ନିର୍ମାଣ କରୁଛନ୍ତି। ଆମାଜନ ପକ୍ଷରୁ 'ପ୍ରୋଜେକ୍ଟ ଆଶ୍ରୟ' ଆରମ୍ଭ କରାଯାଇଛି। ଏଥିରେ ବିଭିନ୍ନ ସହରରେ ୧୦୦ଟି ଶୀତତାପ ନିୟନ୍ତ୍ରିତ ଆଶ୍ରୟ ସ୍ଥଳ ନିର୍ମାଣ କରାଯିବ। ସେଠାରେ ବସିବା ସୁବିଧା ସହିତ ପାନୀୟ ଜଳ, ୱାସରୁମ, ଫାଷ୍ଟ ଏଡ୍ ଆଦି ରହିବ। ଏପରିକି ଏହି ସୁବିଧା ଆମାଜନ ବ୍ୟତୀତ ଅନ୍ୟ କମ୍ପାନିର ଡେଲିଭରି ଏଜେଣ୍ଟମାନେ ମଧ୍ୟ ବ୍ୟବହାର କରିପାରିବେ। ଏଥିସହିତ ସ୍ୱାସ୍ଥ୍ୟ ଶିବିରମାନ ମଧ୍ୟ ଆମାଜନ ଆୟୋଜନ କରୁଛି। ଡାକ୍ତରମାନେ ଡେଲିଭରି ଏଜେଣ୍ଟମାନଙ୍କୁ ଖରାରୁ ସୁରକ୍ଷିତ ରହିବା ନିମନ୍ତେ ଆବଶ୍ୟକ ପରାମର୍ଶମାନ ପ୍ରଦାନ କରୁଛନ୍ତି। ଶରୀରରୁ ଜଳୀୟଅଂଶ କମିଯିବା, ତାପମାତ୍ରା ଯୋଗୁ କ୍ଳାନ୍ତି ଅନୁଭବ କରିବାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ କ'ଣ ଏବଂ ଶରୀରକୁ କିଭଳି ସୁସ୍ଥ ରଖିବେ ସେ ନେଇ ସୂଚନା ଦେଉଛନ୍ତି। ଜୋମାଟୋ ମଧ୍ୟ ରେସ୍ତୋରାଁ ସହଯୋଗୀଙ୍କ ଠାରୁ ଆରମ୍ଭ କରି ଟିଭିଏସ ଓ ସେଲ୍ କମ୍ପାନି ସହିତ ସହଭାଗିତା ସ୍ଥାପନ କରିଛି। ୫୦୦୦ରୁ ଅଧିକ ଛାୟା ପ୍ରଦାନକାରୀ ସ୍ଥାନର ବ୍ୟବସ୍ଥା ଏଥିରେ କରାଯିବ। ଜୋମାଟୋ ଓ ବ୍ଲିଙ୍କିଟ୍ର ଡେଲିଭରି ପାର୍ଟନରମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି, ଯେଉଁଥିରେ ସେମାନଙ୍କୁ ଓପିଡି ଓ ଆଇପିଡି ସେବା ମିଳିପାରିବ। ଅନ୍ୟ କମ୍ପାନିଗୁଡ଼ିକ ମଧ୍ୟ କେତେକ ପଦକ୍ଷେପ ନେଇଛନ୍ତି।



# ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ପିଏମଶ୍ରୀ ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ଗର୍ବ ଆଣିଲେ ଓଁଶ୍ରୀରାମ ଓ ଶୁଭଲକ୍ଷ୍ମୀ



ମାହାଙ୍ଗା,୩।୫ (ସଂଚାର ବ୍ୟୁରୋ): ଚଳିତ ମାଟ୍ରିକ ପରୀକ୍ଷାରେ ପାସ ହାର ୯୫.୩୩% ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ କୃତୀତ୍ୱର ସହ ପାସ କରିଥିବା ଜଣାଯାଇଛି। ଏହି ଅବସରରେ କଟକ ଜିଲ୍ଲାରେ ୯୭.୨୨% ପାସ ହାର ହୋଇଥିବା ବେଳେ ମାହାଙ୍ଗା ବ୍ଲକରେ ୧୪ ଜଣ ଛାତ୍ର ଛାତ୍ରୀ ଏ ୱାନ ପାଇ ମାହାଙ୍ଗା ପାଇଁ ଗୌରବ ଆଣି ଦେଇଛନ୍ତି। ଏ ନେଇ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡା ପଞ୍ଚାୟତ ସ୍ଥିତ ପିଏମଶ୍ରୀ ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ଓ ଜଣେ ଛାତ୍ରୀ ପଞ୍ଚାୟତ ତଥା ବିଦ୍ୟାଳୟ ପାଇଁ ଗର୍ବ ଆଣି ଦେଇଛନ୍ତି। ସେ ହେଉଛନ୍ତି ଭେଡା ସାଲେପୁର ଗ୍ରାମର ଶିକ୍ଷକ ପର୍ଶୁରାମ ଓଝା ଓ ଶିକ୍ଷୟିତ୍ରୀ ପ୍ରଶାନ୍ତି ସୂତାରଙ୍କ ପୁତ୍ର ଓଁଶ୍ରୀରାମ ଓଝା। ସେ ୫୪୦ ନମ୍ବର ରଖି ପଞ୍ଚାୟତ ତଥା ବିଦ୍ୟାଳୟ ପାଇଁ ଗର୍ବ ଆଣିଥିବାବେଳେ ଭେଡା ଗ୍ରାମର ମାନସ ରଞ୍ଜନ ମିଶ୍ର ଓ ଗୀତାଞ୍ଜଳି ମିଶ୍ରଙ୍କ ଝିଅ ଶୁଭଲକ୍ଷ୍ମୀ ମିଶ୍ର ମଧ୍ୟ ୫୪୦ ନମ୍ବର ରଖି ପଞ୍ଚାୟତ ତଥା ବିଦ୍ୟାଳୟ ପାଇଁ ଗର୍ବ ଆଣି ଛନ୍ତି। ଉଭୟ ବିଦ୍ୟାଳୟର ଟପର ହୋଇଛନ୍ତି। ଉଭୟଙ୍କ ସଫଳତା ପାଇଁ ସେମାନେ ପିତାମାତା ଓ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।

## ଗଞ୍ଜାମ ବ୍ଲକରେ ୯୮.୯୫% ସଫଳତା



ଛତ୍ରପୁର,୩।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏହି ବର୍ଷ ଗଞ୍ଜାମ ବ୍ଲକର ସର୍ବମୋଟ ୧୬୨୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୯୮.୯୫ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ଉଲ୍ଲେଖନୀୟ ସଫଳତା ରେକର୍ଡ କରିଛନ୍ତି। ଗଞ୍ଜାମର ଭାରତୀ ବିଦ୍ୟାପୀଠର ଆୟୁଷ ବେହେରା ଓ ନୋଡାଲ ଗାର୍ଲ୍ସ ହାଇସ୍କୁଲ ର ଖୁସି ବାରିକି ୫୪୦ ମାର୍କ ସହ ଗ୍ରେଡ ଏ-୧ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ୍ ଟପ୍ପର ହୋଇଥିବା ଜଣାପଡିଛି। ଉଭୟଙ୍କ ସଫଳତାକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଥିବାବେଳେ ସେମାନେ ଏହାର ଶ୍ରେୟ ପିତାମାତା ଓ ଶିକ୍ଷକମାନଙ୍କୁ ଦେଇଛନ୍ତି।

ଫଳାଫଳ ଅନୁଯାୟୀ, ଗ୍ରେଡଏ-୨ରେ ୪୩ଜଣ, ଗ୍ରେଡ ବି-୧ରେ ୧୫୨ ଜଣ, ଗ୍ରେଡ ବି-୨ରେ ୩୬୫ ଜଣ, ଗ୍ରେଡ ସି'ରେ ୪୨୬ ଜଣ, ଗ୍ରେଡ ଡି'ରେ ୪୩୮ ଜଣ ଓ ଗ୍ରେଡ ଇ'ରେ ୧୭୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳ ପ୍ରକାଶ ପରେ ବିଭିନ୍ନ ସ୍କୁଲରେ ଉତ୍ସବମୁଖର ଦେଖାଯାଇଥିବାବେଳେ ଛାତ୍ରଛାତ୍ରୀମାନେ ପରସ୍ପରଙ୍କୁ ମିଠା ଖୁଆଇ ଖୁସି ବାଣ୍ଟିଛନ୍ତି।

## ଦଶମ ବୋର୍ଡ ପରୀକ୍ଷାରେ ଅଭିଲିପ୍ସା ଓ ସ୍ୱର୍ଣ୍ଣମୟୀ ବ୍ଲକ୍ ଯୁଗ୍ମଟପ୍ପର



ନୀଳଗିରି,୩।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରମାନଙ୍କ ତୁଳନାରେ ଛାତ୍ରୀମାନେ ଭଲ ରେଜଲ୍ଟ କରି ସଫଳତା ଅର୍ଜନ କରିଛନ୍ତି। ଚଳିତ ବୋର୍ଡ ପରୀକ୍ଷାରେ ୧୯୭୨ଜଣ ପଞ୍ଜିକରଣ କରିଥିବାବେଳେ ୧୯୩୫ଜଣ ନୀଳଗିରି ବ୍ଲକରେ ପରୀକ୍ଷା ଦେଇଥିଲେ। ୩୭ଜଣ ଅନୁପସ୍ଥିତ ରହିଥିଲେ। ତେବେ ନୀଳଗିରି ବ୍ଲକ୍ ରେ ଏ ୧ ଗ୍ରେଡରେ ୯ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ନୀଳଗିରି ପିଏମଶ୍ରୀ କୈଳାସ ଚନ୍ଦ୍ର ସରକାରୀ ହାଇସ୍କୁଲରୁ ସର୍ବାଧିକ୪ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ତନ୍ମଧ୍ୟରୁ ୩ଜଣ ଛାତ୍ରୀ ଏବଂ ଜଣେ ଛାତ୍ର ଏ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ଶତପଥୀ ୫୫୩, ଆଲିଶା ନାୟକ ୫୪୬, ଦେବସ୍ମିତା ଦଳେଇ ୫୪୦, ମନଲିତ୍ କୁମାର ସିଂ ୫୪୦ନମ୍ବର ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି। ସେହିପରି ମିତ୍ରପୁର ଚାଚାଜି ହାଇସ୍କୁଲର ଅଭିଜିତ ସାହୁ ୫୫୦, ସଜନାଗଡ ଚଣ୍ଡି ହାଇସ୍କୁଲର ଭକ୍ତିମୟୀ ମହାନ୍ତି ୫୪୦, ପିଏମଶ୍ରୀ ଅଯୋଧ୍ୟା ହାଇସ୍କୁଲର ଦିପାଂଶୁ ନାୟକ୫୪୦, କେନ୍ଦୁଖୁଣ୍ଟା ବିଷ୍ଣୁପ୍ରିୟା ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣମୟୀ ଦେ ୫୫୩ ଏବଂ ବରହମପୁର ଦୀନବନ୍ଧୁ ହାଇସ୍କୁଲ ଛାତ୍ରୀ ଦିପ୍ତିମୟୀ ବେହେରା ୫୪୦ନମ୍ବର ରଖି ଏ ୧ଗ୍ରେଡରେ ଉତ୍ତୀର୍ଣ୍ଣହୋଇ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ତେବେ ପୋଡ଼ାଶୂଳ ଜଡ଼ିଦା ଶାସନର ପରମେଶ୍ୱର ଶତପଥୀଙ୍କ ଝିଅ ଅଭିଲିପ୍ସା ଶତପଥୀ ଏବଂ କେନ୍ଦୁଖୁଣ୍ଟା ଗ୍ରାମର ଜୀବନ କୁମାର ଦେଙ୍କ ସୁପୁତ୍ରି ସ୍ୱର୍ଣ୍ଣମୟୀ ଦେ ଉଭୟ ୫୫୩ନଂ ରଖି ଯୁଗ୍ମଟପ୍ପର ହୋଇଛନ୍ତି।

## ସିଭିଲ ସର୍ଭିସ ଶ୍ରଦ୍ଧାଞ୍ଜଳିଙ୍କ ଲକ୍ଷ୍ୟ



ମାର୍ଶାଘାଇ,୩।୫ (ସଂଚାର ବ୍ୟୁରୋ): ମାଟ୍ରିକ ପରୀକ୍ଷାରେ ୫୬୩ ନମ୍ବର ରଖି ଗ୍ରେଡ଼ ଏ-୧ରେ ଉତ୍ତୀର୍ଣ୍ଣ ହୋଇ ମାର୍ଶାଘାଇ ବ୍ଲକରେ ଦ୍ୱିତୀୟ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ପଞ୍ଚମ ହୋଇଛନ୍ତି ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା । ସିଭିଲ ସର୍ଭିସ ଲାଇନରେ ଆଗକୁ ପଢିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ତାଙ୍କ ପିତା ଧନିଆପଡ଼ା ନିବାସୀ ବାବୁଲି ଚରଣ ବେହେରା ମହାକାଳପଡ଼ା ବ୍ଲକ କଂସାର ତରପଦାସ୍ଥିତ କୁଞ୍ଜବିହାରୀ ନୋଡାଲ ବିଦ୍ୟାଭବନର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ। ମାଆ ସୁଜାତା ବେହେରା ଜଣେ ଗୃହିଣୀ । ପ୍ରଶାସନିକ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଶ୍ରଦ୍ଧାଞ୍ଜଳି ଲକ୍ଷ୍ୟ ରଖିଥିବା କହିଛନ୍ତି ।

## କାକଟପୁରରେ ରାମକୃଷ୍ଣ ଓ ଅସ୍ତରଙ୍ଗରେ ସୂରଜ ବ୍ଲକ୍ ଟପ୍ପର୍

କାକଟପୁର/ଅସ୍ତରଙ୍ଗ,୩।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ବ୍ଲକରେ ୮ଟି କେନ୍ଦ୍ରରେ ୧୬୧୯ ଜଣ ଛାତ୍ରଛାତ୍ରୀ ଓ ଅସ୍ତରଙ୍ଗ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ୧୦୩୫ଜଣ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ପୁରୀ ଜିଲ୍ଲା କାକଟପୁର ବ୍ଲକରେ ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି ଗୋପିକାନ୍ତ ହାଇସ୍କୁଲ ର ଛାତ୍ର ରାମକୃଷ୍ଣ ନନ୍ଦ ସେ ୫୫୮ ନମ୍ବର ରଖି ବ୍ଲକ ଟପର ହେଇଥିବା ବେଳେ ବିପିନ ବିହାରୀ ହରିଜନ ଆବାସିକ ହାଇସ୍କୁଲ ର ଆକାଂକ୍ଷା ଆଦ୍ୟାଶା ତ୍ରିପାଠୀ ଓ ଅଭିଷେକ ବିଶ୍ୱାଳ ୫୫୫ ନମ୍ବର ରଖିଛନ୍ତି । ସେହିପରି ଅସ୍ତରଙ୍ଗ ବ୍ଲକରେ ବେଳାଭୂମି ହାଇସ୍କୁଲ ର ଛାତ୍ର ସୁରଜ ପ୍ରଧାନ ୫୪୭ ନମ୍ବର ରଖି ବ୍ଲକ ଟପର ହୋଇଥିବା ବେଳେ ଐସାନେଶ୍ୱର ବିଦ୍ୟପୀଠ ର ଶଶାଙ୍କ ଦଳାଇ ୫୪୦ ନମ୍ବର ଓ ଜନତା ହାଇସ୍କୁଲ ର ପୁଷ୍ପଜିତ ପ୍ରଧାନ ୫୪୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଗ୍ରହଣ କରିଛନ୍ତି । ଛାତ୍ରୀ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରି ନିଜ ଅଞ୍ଚଳ ପାଇଁ ଗର୍ବ ଗୌରବ ଆଣିଛନ୍ତି ।ଫଳାଫଳ ପ୍ରକାଶ ପରେ କୃତି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି ।

## ମାଟ୍ରିକ ପରୀକ୍ଷାରେ ସୁନ୍ଦରଗଡ଼ ଜିଲ୍ଲାର ପାସ ହାର ୯୭.୪୮ ପ୍ରତିଶତ

ସୁନ୍ଦରଗଡ,୩।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶନିବାର ଦିନ ପ୍ରକଶ ପାଇଛି । ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲାରେ ମୋଟ ୨୩ ହଜାର ୮୩୯ ଜଣ ଫର୍ମ ପୂରଣ କରିଥିବା ବେଳେ ୨୩ହଜାର ୫୭୧ ଜଣ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୨୨ ହଜାର ୯୭୬ ଜଣ ପାସ କରିଛନ୍ତି । ଏ-୧ରେ ୫୬ ଜଣ, ଏ-୨ରେ ୩୨୬ ଜଣ, ବି-୧ରେ ୧୦୯୪ ଜଣ, ବି-୨ରେ ୨୮୨୯ ଜଣ, ସି-ରେ ୫୬୫୨ ଜଣ, ଡ଼ି-ରେ ୭୬୦୪ ଜଣ, ଇ-ରେ ୫୪୧୫ ଜଣ ପରୀକ୍ଷାରେ ପାସ ପରିଥିବା ବେଳେ ୫୯୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷାରେ ଫେଲ ହୋଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରେ ପାସ ହାର ୯୭.୪୮ ପ୍ରତିଶତ ରହିଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ର ଛାତ୍ରୀ ମହଲରେ ଖୁସିର ଲହରୀ ଖେଳିଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମୁରଲୀଧର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଓ ସାରଙ୍ଗ ଧର ବରିହା ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

### ନିରାଶ୍ରୟଙ୍କ ପାଇଁ ନାହିଁ ଆଶ୍ରୟ କେନ୍ଦ୍ର

# ଖୋଲା ଆକାଶ ତଳେ ବିତୁଛି ଜୀବନ





ଯାଜପୁର ଟାଉନ,୩।୫ (ସଂଚାର ବ୍ୟୁରୋ): ଉନ୍ନତିର ଦାବି ମଧ୍ୟରେ ଯାଜପୁର ସହରର ଏକ କଠୋର ସତ୍ୟ ଏହି ଚିତ୍ରରେ ପ୍ରକାଶ ପାଇଛି। ସହରର ପୁରୁଣା ବସ ଷ୍ଟାଣ୍ଡ ନିକଟରେ ଦୋକାନ ପିଣ୍ଡା ଉପରେ ଶୋଇଥିବା ଏହି ଅସହାୟ ବ୍ୟକ୍ତିଙ୍କ କେବଳ ଗୋଟିଏ ମୁହୂର୍ତ୍ତର ଦୃଶ୍ୟ ନୁହେଁ ଏହା ହେଉଛି ନିରାଶ୍ରୟ ଲୋକଙ୍କ ଦୈନିକ ଦୁଃଖଦ ଜୀବନର ଜୀବନ୍ତ ପ୍ରତିଛବି। ଗ୍ରୀଷ୍ମର ଉତ୍ତପ୍ତ ଖରା, ବର୍ଷାର ଝଡ଼ ବା ଶୀତର କାକର— ସମସ୍ତ ଋତୁରେ ଏହି ଲୋକମାନେ ଦୋକାନ ପିଣ୍ଡା, ବାରଣ୍ଡା ଓ ରାସ୍ତା ପାର୍ଶ୍ୱରେ ଜୀବନ ଜିଉଛନ୍ତି। ଦିନରେ ଯେଉଁଠି ଛାଇ ମିଳେ, ସେଠି ଅଳ୍ପ ବିଶ୍ରାମ; ରାତି ହେଲେ ସେହି ଜାଗାକୁ କୁକୁରମାନଙ୍କ ସହ ଶେୟାର କରିବାକୁ ବାଧ୍ୟତା। ଏଠାରେ ପ୍ରତିଦିନ ଜୀବନ ଏକ କଠିନ ସଂଘର୍ଷ। ପରିସ୍ଥିତିକୁ ଆଉ ଭୟାବହ କରୁଛି ବିଷାକ୍ତ ସାପର ଆତଙ୍କ, ଆକ୍ରମଣାତ୍ମକ କୁକୁର ଓ ଅଙ୍ଗଚୋରି ରାକେଟ୍ ଭଳି ଅଭିଯୋଗ। ସୁରକ୍ଷା ବା ସ୍ୱାସ୍ଥ୍ୟ ସୁବିଧାର କୌଣସି ନିଶ୍ଚିତତା ନଥିବାରୁ ପ୍ରତି ମୁହୂର୍ତ୍ତରେ ଏହି ଲୋକମାନଙ୍କ ଜୀବନ ଅନିଶ୍ଚିତତାରେ ଝୁଲି ରହୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି— ପୌରପାଳିକା ଓ ଜିଲ୍ଲା ପ୍ରଶାସନ ଥିବା ସତ୍ତ୍ୱେ ଯାଜପୁର ସହରରେ ନିରାଶ୍ରୟଙ୍କ ପାଇଁ ଗୋଟିଏ ମଧ୍ୟ କାର୍ଯ୍ୟକ୍ଷମ ରାତ୍ରି ବିଶ୍ରାମ ଘର ନାହିଁ। ସରକାରୀ ଯୋଜନା କାଗଜରେ ସୀମିତ ରହିଥିବା ବେଳେ, ଭୂମିସ୍ତରରେ ତାହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ପ୍ରତିଦିନ ଏହି ନିରାଶ୍ରୟ ଲୋକମାନେ ଭଗବାନ ଭରସାରେ ଜୀବନ ଚାଲାଉଛନ୍ତି।

ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନମାନେ ପ୍ରଶ୍ନ ଉଠାଇଛନ୍ତି— ନିରାଶ୍ରୟମାନେ କଣ ସହରର ନାଗରିକ ନୁହନ୍ତି? ରାତ୍ରି ବିଶ୍ରାମ ଘର ଯୋଗାଇବା କି ପୌରପାଳିକାର ମୌଳିକ ଦାୟିତ୍ୱ ନୁହେଁ? ମାନବିକତା ଦୃଷ୍ଟିରୁ ପ୍ରଶାସନ ଯଦି ତୁରନ୍ତ ଏହି ଦିଗରେ କାର୍ଯ୍ୟକ୍ଷମ ପଦକ୍ଷେପ ନେଉଥାଏ, ତେବେ ଏହା କେବଳ ପ୍ରଶଂସା ଯୋଗ୍ୟ ହେବ ନୁହେଁ, ଅନେକ ଅସହାୟ ଜୀବନକୁ ନୂତନ ଆଶା ଦେଇପାରିବ। ନହେଲେ, ଏହି ଦୃଶ୍ୟ ଆଗାମୀ ଦିନରେ ସହରର ଉନ୍ନତିକୁ ପ୍ରଶ୍ନରେ ପରିଣତ କରିଦେବ।

## ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଯାଜପୁର ରୋଡ୍,୩।୫ (ସଂଚାର ବ୍ୟୁରୋ): ଓଡ଼ିଶା ରାଜନୀତିର ଚର୍ଚ୍ଚିତ ଚେହେରା ଶ୍ରୀଯୁକ୍ତ ଦିଲ୍ଲୀପ ରାୟ ବାରିପଦା ଠାରେ ଅନୁଷ୍ଠିତ ନିଖିଳ ଉତ୍କଳ ବିଦ୍ୟୁତ କର୍ମଚାରୀ ମହାସଂଘର ସମାବେଶରେ ଯୋଗଦେବା ପାଇଁ ବାରିପଦା ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ଛକଠାରେ ତାଙ୍କୁ ଜିଲ୍ଲା ବିଦ୍ୟୁତ କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସ୍ଥାନୀୟ ପ୍ରଶଂସକ ଦ୍ୱାରା ଭବ୍ୟ ସ୍ୱାଗତ ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ଅଂଚଳରେ ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ'ଙ୍କ ନେତୃତ୍ୱରେ ବିଭିନ୍ନ ଦଳର ଶୁଭେଚ୍ଛୁମାନେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବାଲିଆପାଳ ଫେରୋ ଆଲୟେଜ୍ ପ୍ଲାଣ୍ଟ ପକ୍ଷରୁ ଖୋଲିଲା ଜଳଛତ୍ର





ଯାଜପୁର,୩।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗରସ୍ଥ ବିସିମହାନ୍ତି ଆଣ୍ଡ ସନ୍ସ ପ୍ରାଇଭେଟ ଲିମିଟେଡ଼ ଅଧିନସ୍ଥ ବାଲିଆପାଳ ଫେରୋ ଆଲୟେଜ୍ ପ୍ଲାଣ୍ଟ ପକ୍ଷରୁ ଜଟାଧାରୀ ଛକ ନିକଟରେ ଏକ ଜଳଛତ୍ର ଖୋଲା ଯାଇଛି। ଏହାକୁ ପ୍ଲାଣ୍ଟର ନିର୍ଦ୍ଦେଶକ ରଞ୍ଜନ କୁମାର ମିଶ୍ର ଉଦଘାଟନ କରିଥିଲେ । ପ୍ରବଳ ଗ୍ରୀଷ୍ମ ତାପରେ ସ୍ଥାନୀୟ ଲୋକଙ୍କ ଶୋଷ ମେଣ୍ଟାଇବା ଏହାର ମୁଳ ଲକ୍ଷ୍ୟ । କାରଣ କଳିଙ୍ଗନଗର ଶିଳ୍ପାଞ୍ଚଳ କୁ ଏହିଁ ରାସ୍ତା ଦେଇ ଦୈନିକ ହଜାର ହଜାର ଶ୍ରମିକ - କର୍ମଚାରୀ ଯାତାୟତ କରିଥାନ୍ତି। ତେଣୁ ଜଳଛତ୍ର ଖୋଲିବା ଦ୍ୱାରା କଳିଙ୍ଗନଗର ଶିଳ୍ପାଞ୍ଚଳର ଶ୍ରମିକ କର୍ମଚାରୀ ସମେତ ସ୍ଥାନୀୟ ଲୋକେ ଏଥିନେଇ ତୃଷ୍ଣା ମେଣ୍ଟାଇ ପାରିବେ। ଜଳଛତ୍ର ଉଦଘାଟନ ସମୟରେ ପ୍ଲାଣ୍ଟ ନିର୍ଦ୍ଦେଶକ ବ୍ୟତୀତ ସି ଓଓ ଦେବାଶିଷ ମିଶ୍ର, ସିନିୟର ଜି.ଏମ ଜିତେନ୍ଦ୍ର ବିଶ୍ୱାଳ, ଜିଏମ ସାନ୍ତନୁ ନନ୍ଦି,ଳ ସମେତ ସିଦ୍ଧାର୍ଥ ଭଞ୍ଜ, ରାମଚନ୍ଦ୍ର ମନ୍ତ୍ରୀ, ଜିତେନ୍ଦ୍ର ପ୍ରଧାନ, ସତ୍ୟ ରଞ୍ଜନ ଦାସ, ଅଜୟ ଲେଙ୍କା, ଉପେନ୍ଦ୍ର ମହନ୍ତ, ସନ୍ତୋଷ ମହନ୍ତ, କୁଳମଣି ମହନ୍ତ, ସଞ୍ଜୟ ମହନ୍ତ, ପରୀକ୍ଷିତ ଦେହୁରୀ, ପ୍ରମୋଦ ମହନ୍ତ, କୃପାସିନ୍ଧୁ ମହନ୍ତ, ଗଣେଶ୍ୱର ମହନ୍ତ, ନିର୍ମଳ ମହନ୍ତ, ସୁଦର୍ଶନ ମହନ୍ତ, ତୁରାମ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ଦିବ୍ୟାଙ୍ଗ ଛାତ୍ରଙ୍କ ସଫଳତା

## ଭବିଷ୍ୟତରେ ଡାକ୍ତର ହେବାକୁ ଆଶା





କାକଟପୁର/ଅସ୍ତରଙ୍ଗ,୩।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷର ଦଶମ ଶ୍ରେଣୀ ମାଟ୍ରିକ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ କାକଟପୁର ବ୍ଲକର ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କ ସଫଳତା ଦେଖିବାକୁ ମିଳିଛି। ଯାହା ପରିବାର ବର୍ଗଙ୍କ ଆଖିରେ ଖୁସିର ଲୁହ ଆଣିଥିବା ବେଳେ ପୁରୀ ଜିଲ୍ଲା ସହ କାକଟପୁର ବ୍ଲକ ପାଇଁ ଗୌରବ ଆଣିଛନ୍ତି ।

କାକଟପୁର ବ୍ଲକ ଅଧୀନ ଅବଦାନ ପଞ୍ଚାୟତର ପଲାବସ୍ତ ଗ୍ରାମର ଲଳିତ ନାୟକ ଓ ଗୀତା ନାୟକଙ୍କ ବଡ଼ ପୁଅ ପ୍ରିୟାଂସୁ ପ୍ରିୟଦର୍ଶୀ ନାୟକ ଜନ୍ମରୁ ଭିନ୍ନକ୍ଷମ ଥାଇ ମଧ୍ୟଧ୍ୟ ହାର ମାନି ନାହାନ୍ତି । ମ୍ୟାଟ୍ରିକ ପରୀକ୍ଷାରେ ୫୪୦ ମାର୍କ ରଖି ଏ-୧ ଗ୍ରେଡ ସଫଳତା ସହ ହାସଲ କରିଛନ୍ତି। କୁରୁମ ଜମଧର୍ମ ବୌଦ୍ଧ ବିହାର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ପ୍ରିୟାଂସୁ ନିଜର ସଫଳତା ପାଇଁ ତାଙ୍କର ପିତା ମାତା, ସ୍କୁଲ୍ ଓ ଟିଉସନ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି । ଡ଼ାକ୍ତର ହୋଇ ଗରିବ ଅସହାୟ ଲୋକଙ୍କ ମାଗଣା ଚିକିତ୍ସା କରିବେ ବୋଲି ନିଜର ଭବିଷ୍ୟତ ଲକ୍ଷ ନେଇ କହିଛନ୍ତି। ଜନ୍ମରୁ ପ୍ରିୟାଂସୁଙ୍କୁ ଡାହାଣ ହାତ ଅକ୍ଷମ ହୋଇଥିଲା । ବାପା ମାଆ କେବେ ପର ନକରି ସ୍ନେହ ଶ୍ରଦ୍ଧା ଓ କଷ୍ଟ କରି ପାଠ ପଢ଼ାଇଛନ୍ତି । ଅକ୍ଷମ ହେଲେ ବି ସେ ଆଜି ସକ୍ଷମ ହୋଇ ପାରିଛି।

ନିଜକୁ ସେ କେବେ ଅକ୍ଷମ ବୋଲି ଚିନ୍ତା ନକରି ସମସ୍ତଙ୍କ ସହ ମିଶି ପାଠ ପଢ଼ି ଆଗକୁ ବଢ଼ିଛନ୍ତି । ପରିବାର ରୋଜଗାର ସେତେ ଉନ୍ନତ ନଥିବାରୁ ପୁଅର ଡାକ୍ତର ହେବା ଲକ୍ଷ ପାଇଁ ଅନେକ ଅର୍ଥ ଓ କଷ୍ଟ କରିବାକୁ ପଡ଼ିବ। ଯାହା ପାଇଁ ପରିବାରରେ ସମ୍ବଳ ନଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ଛାତ୍ରଙ୍କ ଶିକ୍ଷା ପାଇଁ ସହଯୋଗ କରିବାକୁ ପିତାମାତା ନିବେଦନ କରିଛନ୍ତି। ଏ ସମ୍ବଧରେ କାକଟପୁର ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ପ୍ରିୟାଂସୁଙ୍କ ପାଠ ପଢାପାଇଁ ସରକାରଙ୍କୁ ଏ ବିଷୟରେ ଜଣାଇବେ ।

### 'ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମୀ'ର ୩ କନ୍ୟାଙ୍କ କମାଲ

## ଇତିହାସ ରଚିଲେ ସନ୍ଧ୍ୟାରାଣୀ, ପାର୍ବତୀ ଓ ସୁନୀତା






ସନ୍ଧ୍ୟାରାଣୀ ଟୁଡୁ | ପାର୍ବତୀ ହାଁସଦା | ସୁନୀତା ହାଁସଦା

ବାରିପଦା,୩।୫ (ସଂଚାର ବ୍ୟୁରୋ): ମୟୂରଭଞ୍ଜର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ "ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମୀ" ର ତିନି ଜଣ ପ୍ରତିଭାବାନ ମହିଳା ରଗବୀ ଖେଳାଳି ଜାତୀୟ ସ୍ତରୀୟ "ରଗବୀ ପ୍ରିମିୟର ଲିଗ୍ - ୨୦୨୬" ନିଲାମୀ ପ୍ରକ୍ରିୟାରେ ଦେଶର ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳ ଦ୍ୱାରା ମନୋନୀତ ହୋଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସାନ୍ତାଳ ଜନଜାତିର ଏହି ଝିଅମାନେ ନିଜର କଠିନ ପରିଶ୍ରମ ଓ ଦକ୍ଷତା ବଳରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସଫଳତା ପାଇବା ପରେ ଏବେ ବ୍ୟବସାୟିକ ଲିଗରେ ସ୍ଥାନ ପାଇ ଇତିହାସ ରଚିଛନ୍ତି ।

ବେତନଟୀ ବ୍ଲକ ରାଧିକାଶୋଳ ଗ୍ରାମର ଅନ୍ତର୍ଜାତୀୟ ରଗ୍ବୀ ଖେଳାଳି ସନ୍ଧ୍ୟାରାଣୀଙ୍କୁ ଚେନ୍ନାଇ ବୁଲ୍ସ ଦଳ ସର୍ବାଧିକ ୧.୪ ଲକ୍ଷ ଟଙ୍କାରେ କିଣିଛି । ନିକଟରେ ସେ ବିହାରର ରାଜଗିରଠାରେ ଅନୁଷ୍ଠିତ ସିନିୟର ନ୍ୟାସନାଲ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ବାରିପଦା ସଦର ବ୍ଲକ ଭୁରୁଡୁବଣୀ ଗ୍ରାମର ଅନ୍ତର୍ଜାତୀୟ ରଗ୍ବୀ ଖେଳାଳି ପାର୍ବତୀ ହାଁସଦାଙ୍କୁ କୋଲକାତା ବାଙ୍ଗା ଟାଇଗର୍ସ ଦଳ ୭୦ ହଜାର ଟଙ୍କାରେ କିଣି ଦଳଭୁକ୍ତ କରିଛି । ପାର୍ବତୀ ଏସିଆନ ରଗବୀ ୧୮ ବର୍ଷରୁ କମ ଚାମ୍ପିଅନସିପ୍ ଭଳି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି । ବାରିପଦା ବ୍ଲକ ରଙ୍ଗାମାଟିଆ ଗ୍ରାମର ସୁନୀତା ହାଁସଦାଙ୍କୁ ମୁମ୍ବାଇ ଡ୍ରିମର୍ସ ଦଳ ୫୦ ହଜାର ଟଙ୍କାରେ କିଣି ନିଜ ଦଳରେ ସାମିଲ କରିଛି। ସୁନୀତା ଜାତୀୟ ସ୍ତରରେ ଅନେକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଜଣେ ପ୍ରତିଷ୍ଠିତ ଖେଳାଳି ଭାବେ ଉଭା ହୋଇଛନ୍ତି ।

ଖେଳାଳିଙ୍କ ଏହି ଅଭୂତପୂର୍ବ ସଫଳତା ପାଇଁ ଏକାଡେମୀ ତରଫରୁ ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ, ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର, ରଗବୀ ଇଣ୍ଡିଆ, ଜିଲ୍ଲା କ୍ରୀଡ଼ା ସଂଘ ମୟୂରଭଞ୍ଜ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଫାଉଣ୍ଡେସନ, ସିମ୍ପଲି ସ୍ପୋର୍ଟସ ଫାଉଣ୍ଡେସନ, ଦୁରାମିକ୍ସ, ରୋଟାରାକ୍ଟ ବାରିପଦା ଏବଂ ସମସ୍ତ ଶୁଭେଚ୍ଛୁଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ମହର୍ଷି ନାରଦ ଜୟନ୍ତୀ ପାଳିତ





ଟାଙ୍ଗରପାଲି,୩।୫ (ସଂଚାର ବ୍ୟୁରୋ): ଜୈଷ୍ଠ କୃଷ୍ଣ ପ୍ରତିପଦା ତିଥି ଶନିବାର ଅପରାହ୍ନ ୫ ଟା ସମୟରେ ସୁନ୍ଦରଗଡ଼ ସର୍କିଟ ହାଉସରେ ମହର୍ଷି ନାରଦ ଜୟନ୍ତି ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ବିଜ୍ଞାନ ନିର୍ଦ୍ଦେଶକ କେନ୍ଦ୍ରା ହେମ୍ରମ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରିୟ ସ୍ୱୟଂ ସେବକର ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ମହେଶ୍ୱର ବେହେରା ଓ ବିଭାଗ ମହାନଗର ସଂଘର ସାଧାରଣ ସମ୍ପାଦକ ରତ୍ନାକର ବେହେରା ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଭାରତ ମାତା ଓ ମହର୍ଷି ନାରଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୁରୁଣା ଯୁଗରେ ଦେବତା ଓ ମହର୍ଷି ମାନଙ୍କ ମଧ୍ୟରେ ସମ୍ପର୍କ ରଖୁଥିବା ସାମ୍ବାଦିକ ନାରଦଙ୍କ ଭୂମିକା ଅତୁଳନୀୟ ବୋଲି ଶ୍ରୀ ବେହେରା ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରିୟ ସ୍ୱୟଂ ସେବକର ଅନେକ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କଲା ସଦର ପୁଲିସ



ସୁନ୍ଦରଗଡ,୩।୫ (ସଂଚାର ବ୍ୟୁରୋ): ମେ ୩ ତାରିଖ ରବିବାର ବଳଦମାଲ - ବାରଗାଡ଼ ରାସ୍ତାର ଏକ କଲଭର୍ଟ ବ୍ରିଜରେ ବାଇକ ଦୁର୍ଘଟଣା ଘଟିଥିଲା। କେତେକ ସ୍ଥାନୀୟ ଲୋକେ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡ଼ାକ୍ତର ଖାନାରେ ପହଞ୍ଚିବା ବେଳକୁ ଜଣଙ୍କୁ ମୃତ ଘୋଷଣା କରିଥିଲେ ଡ଼ାକ୍ତର, ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସ୍ଥାନାନ୍ତର କରାଯାଉଥିଲା ବେଳେ ରାଜଗାଙ୍ଗପୁର ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁଇ ମୃତକ ହେଲେ - ସ୍ୱରାଜ ପୁରୋହିତ ଓ ଅନିଲ କିଶାନ। ଏ ନେଇ ସୁମନ୍ତ ପୁରୋହିତ ନାମକ ଜଣେ ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସଦର ପୋଲିସ ସଦର ଥାନା କେଶ ନମ୍ବର - ୨୨୮ ରେ ଏକ ମାମଲା ରୁଜୁ କରି ଉଭୟ ଙ୍କ ଶବକୁ ବ୍ୟବଛେଦ କରାଇ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛି।

## ସମାଜରେ ଶ୍ରମିକଙ୍କ ସ୍ଥାନ ଶ୍ରେଷ୍ଠ: ମନ୍ତ୍ରୀ





ଯାଜପୁର,୩।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ସମବାୟ, ହସ୍ତତନ୍ତ ଏବଂ ବୟନ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ସମାରୋହକୁ ଉଦଘାଟନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

ଶ୍ରମିକ ଦିବସ ପାଳନ ଅବସରରେ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୫୪୦ ଜଣ ହିତାଧିକାରୀ ଶ୍ରମିକଙ୍କୁ ମୋଟ ୨,୯୭,୬୩,୮୦୦ ଟଙ୍କା ସହାୟତା ରାଶି ସେମାନଙ୍କର ଜମା ଖାତାକୁ ପ୍ରଦାନ କରାଯାଇଛି। ଏଥିରେ ଶିକ୍ଷା ସହାୟତା, ବିବାହ, ମାତୃତ୍ୱ, ମୃତ୍ୟୁ, ଅନ୍ତେଷ୍ଟି କ୍ରିୟା ସହାୟତା ଆଦି ଅନ୍ତର୍ଭୁକ୍ତ। ଏହାସହ ୨୦୫ ଜଣ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

ମନ୍ତ୍ରୀ ଶ୍ରୀ ବଳସାମନ୍ତ ସମାଜରେ ଶ୍ରମିକମାନଙ୍କ ଶ୍ରେଷ୍ଠ ସ୍ଥାନ ରହିଛି ବୋଲି ମତ ରଖିବା ସହିତ ବର୍ତ୍ତମାନ ରାଜ୍ୟ ସରକାର ନେଇଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବିଧାୟକ ଶ୍ରୀ ନାୟକ ଅଣସଂଗଠିତ ଶ୍ରମିକଙ୍କର ପଞ୍ଜୀକରଣ ତଥା ନିର୍ମାଣ ଶ୍ରମିକଙ୍କ ଭଳି ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କୁ ଜଣାଇବେ ବୋଲି କହିବା ସହ କିପରି ସମସ୍ତ ଶ୍ରମିକ ଶ୍ରେଣୀ ଏହି ଯୋଜନାର ଲାଭ ଉଠାଇପାରିବେ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ।

## ଗୋ-ଚାଲାଣକାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ବାଲିଆପାଳ,୩।୫ (ସଂଚାର ବ୍ୟୁରୋ): ଦିନକୁ ଦିନ ବାଲିଆପାଳ ଅଞ୍ଚଳରେ ଅବାଧରେ ଗୋ ଚାଲାଣକୁ ନେଇ ଅଭିଯୋଗ ହୋଇଆସୁଛି। ସୁଚନାରୁ ପ୍ରକାଶ ବିଷ୍ଣୁପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଗୋରୁ ମାଫିଆଙ୍କୁ ହାତ କରି ସୁବର୍ଣ୍ଣରେଖା ନଦୀର ନୟାବାଲି ଘାଟ ମଧ୍ୟ ଦେଇ ନୈକା ସାହାଯ୍ୟରେ ରାତି ତମାମ ପ୍ରତ୍ୟେକ ଦିନ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ କରି ମାଲେ ମାଲେ ହୋଉଛନ୍ତି ଗୋରୁ ମାଫିଆ।

କିଛି ଦିନ ପୂର୍ବରୁ ରସୁଲପୁର ଗ୍ରାମର ଛଚିନ୍ଦ୍ର ଦଳାଇଙ୍କ ବାଡିରେ ଗର୍ଭୋଣୀ ଗାଈ ବନ୍ଧା ହୋଇଥିବା ବେଳେ ଗାଈଟି କୁଆଡ଼େ ଉଭାନ ହୋଇଯାଇଥିଲା, ବହୁ ଖୋଜାଖୋଜି କରିବା ପରେ ଗାଈଟି ମିଳିନଥିଲା । ପରେ କୈଣସି ସୁତ୍ରରୁ ରସୁଲପୁର ଗ୍ରାମର ବାପି ପାତ୍ର ନାମକ ବ୍ୟକ୍ତି ଯିଏ କି ଦୀର୍ଘ ଦିନ ଧରି ଗୋ ଚାଲାଣରେ ସଂପୃକ୍ତ ଅଛନ୍ତି ତାଙ୍କ ଘରୁ ହଜିଯାଇଥିବା ଗା ଟିର କିଳା ଏବଂ ଦୈଡି ମିଳିବାରୁ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ଶ୍ରୀ ପାତ୍ରଙ୍କ ଉପରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଛଚିନ୍ଦ୍ର। ଏହି ଘଟଣା ପରେ ଚିନ୍ତାରେ ଗ୍ରାମବାସୀ। ଏନେଇ ନୟାବାଲି ଶଙ୍କର ନାଥ ମଣ୍ଡପ ଠାରେ ଶୁକ୍ରବାର ଗ୍ରାମବାସୀମାନେ ଏକତ୍ରିତ ହୋଇ ପ୍ରତିବାଦ କରିଛନ୍ତି।

ଗୋ ଚାଲାଣ କୁ ବିରୋଧ କରିବା ସହିତ ଗୋ ଚାଲାଣ ରେ ସଂପୃକ୍ତ ଥିବା ବାପି ପାତ୍ରଙ୍କୁ ତଦନ୍ତ ପରିସରଭୁକ୍ତକୁ ଆଣି ଉକ୍ତ ଗାଈର ଉଚିତ ମୂଲ୍ୟ ପ୍ରଦାନ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ପ୍ରଭାକର ଦଳାଇ, ବାଞ୍ଛାନିଧି ଦଳାଇ, ଦୟାନବ ପଟ୍ଟାୟତ, ଚନ୍ଦନ କୁମାର ଜେନା,ଅଗଣି ଦଣ୍ଡପାଟ, ମଲ୍ଲିକା ଦଳାଇ, ଦୁଃଖୀ ଦଳାଇ, ଜାନକୀ ଦଣ୍ଡପାଟ, ପାର୍ବତୀ ଦଳାଇ ପ୍ରମୁଖ ଗ୍ରାମବାସୀ। ଅଭିଯୋଗ ଅନୁସାରେ ଶ୍ରୀ ପାତ୍ରଙ୍କ ବିରୁଦ୍ଧରେ କେସ ନଂ ୨୧୬ ମୂଳେ ମାମଲା ରୁଜୁ ହୋଇଛି ଏବଂ ତଦନ୍ତ ଜାରି ରହିଛି ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

## ସାହାରା ଟ୍ରଷ୍ଟ ହାଇସ୍କୁଲର ଶତପ୍ରତିଶତ ସଫଳତା

ସୁବର୍ଣ୍ଣପୁର,୩।୫ (ସଂଚାର ବ୍ୟୁରୋ): ସୁବର୍ଣପୁର ସହରରେ ଥିବା ସାହାରା ଟ୍ରଷ୍ଟ ହାଇସ୍କଲରେ ଚଳିବ ବର୍ଷ ମାଟ୍ରିକ ପରିକ୍ଷାରେ ମଧ୍ୟ ଶତ ପ୍ରତିଶତ ସଫଳତା ହାସଲ କରିଛି । ଏହା ସହିତ ଏହି ବିଦ୍ୟାଳୟର ଛାତ୍ରୀ ଶୁଭଦର୍ଶିନୀ ପୂଝାରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୫.୮୩ % ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ଏଥର ଏ ବିଦ୍ୟାଳୟରୁ ସର୍ବାଧିକ ୨୨୪ ଜଣ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲାର ୪୦ ଜଣ ଏ-୧ କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେବଳ ୨୧ ଜଣ ଛାତ୍ରଛାତ୍ରୀ ସାହାରା ଟ୍ରଷ୍ଟ ହାଇସ୍କୁଲରୁ ଏ-୧ ଗ୍ରେଡ୍ ସ୍ଥାନ ଅଧିକାର କରି ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ୬୫ ଜଣ ଛାତ୍ରଛାତ୍ରୀ ଏ-୨ ଗ୍ରେଡ ପାଇଥିବା ବେଳେ ୭୮ ଜଣ ବି-୧, ୩୯ ଜଣ ବି-୨ ଓ ୧୧ ଜଣ ସି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି ।




# ଅଙ୍ଗୁର ନା କିସମିସ

## ସ୍ୱାସ୍ଥ୍ୟ ପାଇଁ କିଏ ଉପକାରୀ



ଫଳ ଏବଂ ଡ୍ରାଏ ଫ୍ରୁଟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ତେବେ ଆଜି ଆମେ ଅଙ୍ଗୁର ଏବଂ ସେଥିରୁ ପ୍ରସ୍ତୁତ କିସମିସ୍ ବିଷୟରେ ଜଣାଇବୁ। ଅଙ୍ଗୁର ଏପରି ଏକ ଫଳ ଯାହାର ମିଠା ଏବଂ ଖଟା ସ୍ୱାଦ ଅନେକ ଲୋକଙ୍କୁ ଭଲ ଲାଗିଥାଏ। କିସମିସ୍ ଅଙ୍ଗୁର ଶୁଖାଇବା ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯାହାକୁ ଅନେକ ଲୋକ ପସନ୍ଦ କରନ୍ତି। ଏହା ମିଠା ଖାଦ୍ୟ ସଜାଇବା ପାଇଁ ବ୍ୟବହୃତ ହୋଇଥାଏ। ଅଙ୍ଗୁରରେ ୮୦ ପ୍ରତିଶତ ଜଳ ଥାଏ, ତେବେ ଏହାକୁ ଶୁଖାଇବା ଦ୍ୱାରା ସେ କିସ୍‌ମିସ୍‌ରେ ପରିଣତ ହୋଇଥିବା, ଏହା ଦ୍ୱାରା ସେଥିରେ ଜଳ ମାତ୍ର ୧୫ ପ୍ରତିଶତକୁ କମ୍ ହୋଇଯାଏ। ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଯେତେବେଳେ ଉଭୟ ଅଙ୍ଗୁର ଏବଂ କିସମିସ୍ ସ୍ୱାସ୍ଥ୍ୟ ପାଇଁ କେଉଁଟା ଲାଭଦାୟକ? ତେବେ କେଉଁ ଜିନିଷକୁ ଅଧିକ ସୁସ୍ଥ ବୋଲି ବିବେଚନା କରାଯିବା ଉଚିତ୍ ? ତାହେଲେ ଆସନ୍ତୁ ଜାଣିବା ଯେ ଏହି ଦୁଇଟି ଜିନିଷରୁ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

କିସମିସ୍ ଖାଇବାର ଲାଭ: କିସମିସ୍‌ରେ ଅଙ୍ଗୁର ଅପେକ୍ଷା ଅଧିକ କ୍ୟାଲୋରୀ ଥାଏ। ବାସ୍ତବରେ ଅଙ୍ଗୁର ଶୁଖିବା ପରେ କିସମିସ୍ ପ୍ରସ୍ତୁତ କରାଯାଏ। ଏହି ପ୍ରକ୍ରିୟାରେ, ଚିନି ଏବଂ ଆଣ୍ଟିଅକ୍ସିଡାଣ୍ଟ ବ୍ୟବହାର କରାଯାଏ। ଯାହା କ୍ୟାଲୋରୀରେ ଭରପୁର। ଯଦି ଆପଣ ଅଧା କପ୍ ଅଙ୍ଗୁର ଖାଆନ୍ତି, ତେବେ ଆପଣଙ୍କୁ କେବଳ ୩୦ କ୍ୟାଲୋରୀ ମିଳିବ। ଏଥିସହ କିସମିସକୁ ଫାଇବରର ଏକ ଭଲ ଉତ୍ସ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ଏଥିରେ ଆଇରନ୍ ଏବଂ ପୋଟାସିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଥାଏ। କିସମିସ୍‌ରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ରହିଛି। ଯାହା ଅନ୍ତନଳୀରେ ଥିବା ଜୀବାଣୁକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ।

ଅଙ୍ଗୁର ଖାଇବାର ଲାଭ: ଅଙ୍ଗୁରରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ସ୍କିନକୁ ଭଲ ରଖିବାରେ ସାହାଯ୍ୟ କରିଥାଏ। ଏହା କେବଳ ସ୍କିନ ସମସ୍ୟାରୁ ରକ୍ଷା କରିନଥାଏ ବରଂ କ୍ୟାନ୍ସର ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଙ୍ଗୁର ଖାଉଛନ୍ତି, ତେବେ ଏହା ଆପଣଙ୍କୁ ମୁହଁରୁ ଅନେକ ଦାଗ ମଧ୍ୟ ଦୂର କରିବ।

ଉଭୟ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, କିନ୍ତୁ ଅଙ୍ଗୁର ଅଧିକ ସୁସ୍ଥ ବୋଲି ବିବେଚନା କରାଯାଏ କାରଣ ଯେଉଁ ଜିନିଷରେ କ୍ୟାଲୋରୀ କମ୍ ଥାଏ ତାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ତେଣୁ ଆପଣ ପ୍ରତିଦିନ ଫଳ ଖାଇବାକୁ ଚେଷ୍ଟା କରନ୍ତୁ। ଯାହାଦ୍ୱାରା ଆପଣ ସୁସ୍ଥ ରହିବେ ଏବଂ ବିଭିନ୍ନ ପ୍ରକାରର ସମସ୍ୟାରୁ ମଧ୍ୟ ଦୂରେଇ ରହିବେ।

# ଅଦା ପାଣିରେ ଦୂରହୁଏ ଋତୁସ୍ରାବ ଯନ୍ତ୍ରଣା

ଅଦାରେ ଅନେକ ଔଷଧୀୟ ଗୁଣ ରହିଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଦାକୁ ଅନେକ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରେ ଜିଞ୍ଜେରୋଲ, ଫାଇବର, କ୍ୟାଲସିୟମ, ପୋଟାସିୟମ ଓ ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯେଉଁଥିରୁ ଅନେକ ସ୍ୱାସ୍ଥ୍ୟ ଜନିତ ଉପକାର ମିଳେ। ତା'ହେଲେ ଆସନ୍ତୁ ଜାଣିବା ଅଦା ଖାଇଲେ କେଉଁ ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ। ଅଦା ରସ ମିଶା ପାଣି ପିଇଲେ ପାଚନ କ୍ରିୟା ଠିକ୍ ହୋଇଥାଏ। ତା'ସହିତ ଗ୍ୟାସ ଜନିତ ଜଳାପୋଡା ମଧ୍ୟ ଦୂର ହୋଇଥାଏ। ଅଦାରେ ଥିବା ଜିଙ୍କ ତତ୍ତ୍ୱ ଯୋଗୁଁ ଶରୀରରେ ଇନସୁଲିନ୍ ବୃଦ୍ଧି ପାଇଥାଏ। ଫଳରେ ଡାଇବେଟିସ ରୋଗୀଙ୍କ ବ୍ଲଡ ସୁଗାର ସ୍ତର ନିୟନ୍ତ୍ରିତ ହୁଏ। ଅଦା ଖାଇଲେ ଶରରୀରୁ ଅତିରିକ୍ତ ଫ୍ୟାଟ ବାହାରିଯାଏ। ତେଣୁ ଓଜନ କମ୍ ହୋଇଥାଏ। ଅଦାରେ ଜିରୋ କ୍ୟାଲୋରୀ ରହିଛି। ଗବେଷଣାରୁ ଜଣାପଡ଼ିଛି ଯେ ମାସିକ ଋତୁସ୍ରାବ ସମୟରେ ମହିଳାମାନେ ହାଲକା ଅଦା ରସ ମମିଶା ଉଷୁମ ପାଣି ପିଇଲେ ଭଲ। ଏହାଦ୍ୱାରା ପେଟ ଯନ୍ତ୍ରଣା କମ୍ ହୋଇଥାଏ। ଅଦାରେ ଥିବା ଆଣ୍ଟି-ଇନଫ୍ଲୋମେଣ୍ଟାରୀ ଗୁଣ ଆରାମମ ପ୍ରଦାନ କରିଥାଏ। ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହେଲେ ଅଦା ରସ ମିଶା ପାଣି ପିଅନ୍ତୁ। ଏହା ମାଂସପେଶୀକୁ ଆରାମମ ଦେଇଥାଏ। ସକାଳରୁ ଉଠିବା ପରେ ଦୁର୍ବଳ ଲାଗୁଥିଲେ ଅଦା ରସ ମିଶା ପାଣି ପିଇବା ଅଭ୍ୟାସ କରନ୍ତୁ। ଏପରିକି ଆପଣ ବାନ୍ତି ଲାଗିବା ସମୟରେ ମଧ୍ୟ ଅଦା ପାଣି ପିଇପାରିବେ।





# ଅସ୍ଥିଜନିତ ରୋଗ ପାଇଁ ଆଖୁରସ

ସୁସ୍ଥ ରହିବାକୁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ଅଧିକାଂଶ ଲୋକ ଅନେକ ଉପଚାରକୁ ଆପଣାଇ ଥାଆନ୍ତି। କିଏ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ପୋଷକଯୁକ୍ତ ଖାଦ୍ୟ ତାଙ୍କ ଖାଇବା ଲିଷ୍ଟରେ ଆଡ୍ କରିଥାଆନ୍ତି।



ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ସୁସ୍ଥ ଶରୀର ପାଇଁ ଜୁସ ମଧ୍ୟ ଖୁବ ଲାଭକାରୀ। ଖାଲି ଫଳ ନୁହେଁ ପନିପରିବା ଜୁସ ବି ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭକାରୀ। ଋତୁ ଅନୁସାରେ ମିଳୁଥିବା ଫଳ ଜୁସ ପିଇଲେ ଶରୀରକୁ ଆବଶ୍ୟକ ମୁତାବକ ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ କିଛି ଫଳ ଏମିତି ଅଛି ଯାହାର ଜୁସ ବର୍ଷର ଯେକୌଣସି ସମୟରେ ବି ପିଇଲେ ଆପଣଙ୍କ ଶରୀରକୁ ଫାଇଦା ମିଳିଥାଏ। ଆପଣ ମାନେ ତ ଆଖୁ ଖାଇଥିବେ ଆଉ ଏହାର ଜୁସ ବି ପିଇଥିବେ। ଶୀତଋତୁରେ ଏହାର ରସ ଶରୀରକୁ ପୋଷକ ଯୋଗାଇଥିବା ବେଳେ ଗରମ ଦିନରେ ଏହା ଥଣ୍ଡା ରଖିଥାଏ। ଖାଲି ସେତିକି ନୁହେଁ ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଆଉ ସବୁଠୁ ବଡ କଥା ହେଉଛି ଆଖୁରସରେ ଫ୍ୟାଟ ଖୁବ କମ ପରିମାଣରେ ଥାଏ। ତେବେ ଆସନ୍ତୁ ଆଖୁର ଆଉ କିଛି ଉପକାରୀ ଗୁଣ ବିଷୟରେ ଜାଣିବା।

ଆଖୁରସରେ କିଛି ଲେମ୍ବୁରସ ସହ ହାଲୁକା ସୈନ୍ଧବ ଲବଣ ମିଶାଇ ପିଇଲେ ଶରୀରକୁ ଏନର୍ଜି ମିଳିଥାଏ | ଆଉ ମଧ୍ୟ ଆଖୁରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଏହା ସହ ଫ୍ରେସ ଆଖୁ ରସ ପିଇଲେ ଜଣ୍ଡିସ, ଆନିମିଆ, ଏସିଡ଼ିଟି ପରି ରୋଗରୁ ମୁକ୍ତି ମିଳିଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ। ଆଖୁରେ ପ୍ରଚୁର ଗ୍ଲୁକୋଜ ଥିବାରୁ ଏହା ଶରୀରର ଗ୍ଲୁକୋଜକୁ ବାଲାନ୍ସ କରିଥାଏ। ତେଣୁ ଏହାକୁ ଡାଇବେଟିସ ରୋଗୀ ମାନେ ମଧ୍ୟ ପିଇପାରିବେ। ଆଉ ଏଥିରେ କୌଣସି ପ୍ରକାର କେମିକାଲ ନଥାଏ। ଯାହା ପ୍ରାକୃତିକ ମିଠାରେ ପରିପୂର୍ଣ୍ଣ। ଏହା ବ୍ୟତୀତ ଅନେକ ବଡ ବଡ ରୋଗ ପାଇଁ ଆଖୁରସ ଗୁଣକାରୀ ବୋଲି ବୈଜ୍ଞାନିକ ମାନେ ମତ ଦେଇଛନ୍ତି। ଜଣ୍ଡିଜ ରୋଗୀ ମାନେ ନିୟମିତ ଭାବରେ ଏହାର ରସ ପିଇଲେ ସେମାନଙ୍କ ଲିଭର ସୁସ୍ଥ ରହିଥାଏ। ଯାହାକୁ ଲିଭରର ସଂଜୀବନୀ ଭାବେ ପ୍ରମାଣିତ ହୋଇଛି। ଆଖୁ ରସ ଇମ୍ୟୁନିଟି ବୃଦ୍ଧି କରିବା ସହ ଓଜନ କମ କରିବାରେ ସାହାଯ୍ୟ କରିଥାଏ। ଖୁବ କମ ଲୋକ ଜାଣନ୍ତି ଆଖୁ ରସ ତ୍ୱଚାରେ ଚମକ ଆଣିପାରେ। ଆଖୁ ରସ ପିଇବା ଦ୍ୱାରା ବ୍ରଣ ଆଦିରୁ ମଧ୍ୟ ମୁକ୍ତି ମିଳିଥାଏ। ଆଖୁରସ ପିଇଲେ ଏହା ରକ୍ତ ସଫା କରିବା ସହ ଏଥିରେ ଥିବା କ୍ୟାଲସିୟମ, ମ୍ୟାଗନେସିୟମ, ଫସରଫରସ, ଆଇରନ, ପୋଟାସିୟମ ଆମ ହାଡ ମଜବୁତ କରିଥାଏ।

# ଅଧିକ ଫେସିଆଲ୍ କରୁଛନ୍ତି କି ?



ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି। ଫେସିଆଲ୍ କଲେ ମୁହଁର ଗ୍ଲୋ ବିଥାଏ। କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ। ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ। ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏଯ ଏହି କ୍ରୀମ୍ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ। ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ। ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏଯ ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ୍ୟ ପଡ଼ିଥାଏ। ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ। ଏପରିକି ତେଲିଆ। ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା। ତେଣୁ ତେଲିଆ। ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ। ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ। ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ୍ୟ ବିଥାଏ। ଅଧିକ ଫେସିଆଲ୍, କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ। ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ।

# ବାରମ୍ବାର ପଡ଼ିବା ପିଲାର ମସ୍ତିଷ୍କକୁ ପ୍ରଭାବିତ କରେ କି ?



ଛୋଟ ପିଲାମାନେ ଖେଳୁଥିବା ସମୟରେ ଏବଂ ନୂଆ ଜିନିଷ ଶିଖିବା ସମୟରେ ପଡ଼ିଯିବା ଏକ ସାଧାରଣ କଥା। ଏହି ବୟସରେ ସେମାନଙ୍କର ସନ୍ତୁଳନ ଏବଂ ଗତିଶୀଳତା ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ, ତେଣୁ ପଡ଼ିଯିବାକୁ ସାଧାରଣ ବୋଲି ବିବେଚନା କରାଯାଏ। ତଥାପି, ଯେତେବେଳେ ଏକ ପିଲା ବାରମ୍ବାର ପଡ଼ିଯାଏ, ଏହା ପିତାମାତାଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ପିଲାମାନେ ଖେଳୁଥିବା ସମୟରେ ଧ୍ୟାନ ଅଭାବରୁ, ଖସିଯିବାରୁ କିମ୍ବା ଶୀଘ୍ର ଚାଲିବାକୁ ଚେଷ୍ଟା କରିବାରୁ ପ୍ରାୟତଃ ପଡ଼ିଯାଆନ୍ତି, ଯାହା ସେମାନଙ୍କ ଶିଖିବା ପ୍ରକ୍ରିୟାର ଏକ ଅଂଶ। ତଥାପି, ପ୍ରତ୍ୟେକ ପଡ଼ିବା ସ୍ୱାଭାବିକ ନୁହେଁ, ଏବଂ କିଛି କ୍ଷେତ୍ରରେ ଏହା ପଛରେ ଏକ କାରଣ ଥାଇପାରେ। ତେଣୁ, ପିଲାର ଆଚରଣ ଏବଂ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ଜାଣିବା ଯେ ବାରମ୍ବାର ପଡ଼ିବା ପିଲାମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରେ କି ନାହିଁ ଏବଂ କେବେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ବାରମ୍ବାର ପଡ଼ିଯିବା ଦ୍ୱାରା ପିଲାର ମସ୍ତିଷ୍କ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ବଢ଼ିଥାଏ। ଛୋଟ ପଡ଼ିବା ସାଧାରଣତଃ ଗୁରୁତର ସମସ୍ୟା ସୃଷ୍ଟି କରେ ନାହିଁ, ବିଶେଷକରି ଯଦି ପିଲାଟି ସକ୍ରିୟ ଥାଏ ଏବଂ ସାଧାରଣ ଭାବରେ ବ୍ୟବହାର କରୁଥାଏ। ତଥାପି, ଯଦି ପଡ଼ିଯିବା ଫଳରେ ମୁଣ୍ଡରେ ଆଘାତ ଲାଗେ, ତେବେ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ବାରମ୍ବାର ମୁଣ୍ଡ ଆଘାତ କେତେକ କ୍ଷେତ୍ରରେ ସମସ୍ୟାକୁ ଆହୁରି ଖରାପ କରିପାରେ, ତେଣୁ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ନେବା ଗୁରୁତ୍ୱପୂର୍ଣ୍ଣ। ପିଲାଟିର ସନ୍ତୁଳନ, ଚାଲିବା ଏବଂ ପ୍ରତିଫଳନ ସ୍ୱାଭାବିକ ହେବା ନିଶ୍ଚିତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦି କୌଣସି ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଭଲ।

ଯଦି ଆପଣଙ୍କ ପିଲା କୌଣସି ସ୍ପଷ୍ଟ କାରଣ ବିନା ବାରମ୍ବାର ପଡ଼ିଯାଉଛି, ତେବେ ଏହା ଚିନ୍ତାର କାରଣ ହୋଇପାରେ। ଯଦି ସେମାନେ ମୁଣ୍ଡ ବୁଲାଉଛନ୍ତି, ଦୁର୍ବଳ ହେଉଛନ୍ତି, କିମ୍ବା ସନ୍ତୁଳନ ରକ୍ଷା କରିବାରେ ଅସୁବିଧା ଅନୁଭବ କରୁଛନ୍ତି, ତେବେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହା ସହିତ, ପଡ଼ିଯିବା ପରେ ପିଲାର ଆଳସ୍ୟ, ଲଗାତାର କାନ୍ଦିବା କିମ୍ବା ଆଚରଣରେ ହଠାତ୍ ପରିବର୍ତ୍ତନ ମଧ୍ୟ ଲକ୍ଷଣ ହୋଇପାରେ। ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ। ଯଦି ଆପଣଙ୍କ ପିଲା ବାରମ୍ବାର ପଡ଼ିଯାଉଛି ଏବଂ ବିଶେଷକରି ମୁଣ୍ଡରେ ଆଘାତ ପାଉଛି, ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଯଦି ପଡ଼ିବା ପରେ ବାନ୍ତି ହୁଏ, ଗୁରୁତର ମୁଣ୍ଡବିନ୍ଧା ହୁଏ କିମ୍ବା ଚେତାଶୂନ୍ୟ ହୁଏ, ତେବେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉଚିତ। ଯଦି ପିଲାଟି ଚାଲିବାରେ ଅସ୍ୱାଭାବିକତା ଦେଖାଉଛି କିମ୍ବା ତା'ର କାର୍ଯ୍ୟକଳାପରେ ପରିବର୍ତ୍ତନ ହେଉଛି, ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ସମୟ ମଧ୍ୟରେ ଉପଯୁକ୍ତ ଚିକିତ୍ସା ଦିଆଯାଇପାରିବ।

